# ଧରିତ୍ରୀ
DHARITRI

ଢେଙ୍କାନାଳ, ଶୁକ୍ରବାର, ନଭେମ୍ବର ୬/୨୦୨୦ (୧୨ପୃଷ୍ଠା) | Dhenkanal, Friday, November 6/2020 | ★★★★★

୧୬ଶ ଭାଗ ୧୯୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ଏକ୍‌ଲେଷ୍ଟୋନ୍‌ଙ୍କ ପ୍ରଭାବୀ ବୋଲିଂ

ଶାରଜାରେ ଚାଲିଥିବା ମହିଳା ଚ୍ୟାଲେଞ୍ଜର ଟି୨୦ର ଗୁରୁବାର ମ୍ୟାଚରେ ପ୍ରଭାବୀ ବୋଲିଂ କରି ଟ୍ରେଲ୍‌ବ୍ଲେଜର୍ସଙ୍କୁ ବିଜୟୀ କରାଇଛନ୍ତି ସୋଫି ଏକ୍‌ଲେଷ୍ଟୋନ୍।

୧୨

୧୦

## ନୋରାଙ୍କ ପାଇଁ ଟେରେନ୍ସ ଦିୱାନା

ଡ୍ୟାନ୍ସ କୋରିଓଗ୍ରାଫର ଟେରେନ୍ସ ଲୁଇସ୍ ରିୟଲିଟି ଶୋ 'ଇଣ୍ଡିଆଜ୍ ବେଷ୍ଟ ଡ୍ୟାନ୍ସର' ମଞ୍ଚରେ ଷ୍ଟେଜ୍‌କୁ ଆସି ନୋରାଙ୍କ ପାଇଁ ଏକ ଗୀତ ଗାଇଛନ୍ତି।



**ଆଜିର ସମ୍ପାଦକୀୟ**

**ଫିକା ପଡ଼ିଛି ସୁନା**

**ଆଜିର ମନ୍ତବ୍ୟ**

"ଏହା ମୋର ଶେଷ ନିର୍ବାଚନ। ଏହା ପରେ ପ୍ରତ୍ୟକ୍ଷ ରାଜନୀତିରୁ ମୁଁ ସନ୍ନ୍ୟାସ ନେବି।
–ନୀତୀଶ କୁମାର, ଜେଡିୟୁ ଅଧ୍ୟକ୍ଷ

# ବିଜୟ ପଥେ ବାଇଡେନ୍

**ଶେଷରେ ବାଜି ମାରିନେଇଛନ୍ତି ଡେମୋକ୍ରାଟ୍ ଜୋ ବାଇଡେନ୍ ଓ ତାଙ୍କର ଡାର୍କ ହର୍ସ ରନିଂ ମେଟ୍ କମଲା ହାରିସ୍। ପୂର୍ବତନ ଉପରାଷ୍ଟ୍ରପତି ବାଇଡେନ୍ ୨୬୪ ଇଲେକ୍ଟୋରାଲ ଭୋଟ ପାଇ ହ୍ୱାଇଟ୍ ହାଉସ୍ ଦଖଲ ପାଇଁ ଅଗ୍ରସର ହେଉଥିବାବେଳେ ନିର୍ବାଚନୀ ପରିଣାମକୁ କୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ୍। ଚତୁଃ ବାର୍ଷିକ ନିର୍ବାଚନର ବହୁ ପ୍ରତୀକ୍ଷିତ ପରିଣାମ ଯେତିକି ଆସିବାରେ ଲାଗିଛି ଆମେରିକାରେ ବିକ୍ଷୋଭ ଓ ଅସହମତିର ଆନ୍ଦୋଳନ ସେତିକି ମୁଣ୍ଡ ଟେକୁଛି। ଉଭୟ ଟ୍ରମ୍ପ୍‌ଙ୍କ ସପକ୍ଷବାଦୀ ଓ ବିରୋଧୀ ଗୋଷ୍ଠୀ ଦେଶର ବିଭିନ୍ନ ଭାଗରେ ରାସ୍ତାକୁ ଓହ୍ଲାଇ ଭଙ୍ଗାରୁଜା, ଜଳାପୋଡ଼ା କରୁଛନ୍ତି। ପୋଲିସ ସହ ସଂଘର୍ଷ ଓ ଦଙ୍ଗା ସବୁଠି ଆତଙ୍କର ମାହୋଲ ସୃଷ୍ଟି କରିଛି। କେବଳ ମାନ୍‌ହାଟାନ, ଡେନଭର ଓ ନ୍ୟୁୟର୍କରେ ଶତାଧିକ ବିକ୍ଷୋଭକାରୀ ଗିରଫ ହୋଇଛନ୍ତି। ଅବଶ୍ୟ ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ସମ୍ଭାବ୍ୟ ପରାଜୟରେ ଏଭଳି ଚିତ୍ର ଦେଖିବାକୁ ମିଳିପାରେ ବୋଲି ବିଶ୍ଳେଷକମାନେ ପୂର୍ବରୁ ଠଉରାଇ ନେଇଥିଲେ। ଆଗକୁ ହୁଏତ ଆହୁରି ଅନେକ ବିଚିତ୍ର ସ୍ଥିତିକୁ ସାମ୍ନା କରିପାରେ ବିଶ୍ୱର ସର୍ବପୁରାତନ ଗଣତନ୍ତ୍ର ଆମେରିକା।**



## ■ କୋର୍ଟ ଗଲେ ଟ୍ରମ୍ପ୍, ଗଣତି ଜାରି
## ■ ବିଭିନ୍ନ ସ୍ଥାନରେ ବିକ୍ଷୋଭ, ହିଂସା

**ୱାଶିଂଟନ/ନ୍ୟୁୟର୍କ,୫।୧୧**

ହ୍ୱାଇଟ୍ ହାଉସ୍ ଦୌଡ଼ରେ କିଏ ଜିତିବ ତାକୁ ନେଇ ଲାଗିରହିଥିବା ସମସ୍ତ କଳ୍ପନାଜଳ୍ପନାର ଅବସାନ ଘଟିଛି। ଭୋଟ ଗଣତିର ଦ୍ୱିତୀୟ ଦିନରେ ବାଇଡେନ୍ ବିଜୟର ଧାରା ଅବ୍ୟାହତ ରଖି ବିଶ୍ୱର ସବୁଠୁ ହାଇପ୍ରୋଫାଇଲ୍ ଅଫିସ୍ ପଥରେ ଅଗେଇ ଚାଲିଛନ୍ତି। ରାଷ୍ଟ୍ରପତି ପଦରେ ଆସୀନ ହେବା ପାଇଁ ବାଇଡେନଙ୍କୁ ଆଉ ମାତ୍ର ୬ ଇଲେକ୍ଟୋରାଲ ଭୋଟ ଆବଶ୍ୟକ ଥିବାବେଳେ ୨୧୪ ଭୋଟରେ ସୀମିତ ରହିଥିବା ରିପବ୍ଲିକାନ୍ ପ୍ରତିଦ୍ୱନ୍ଦ୍ୱୀ ଟ୍ରମ୍ପ୍‌ଙ୍କ ହାତରୁ ହ୍ୱାଇଟ୍ ହାଉସ୍ ଖସିବାରେ ଲାଗିଛି। ନିଜ ଉଜ୍ଜ୍ୱଳ ବିଜୟ ସମ୍ଭାବନା ଦେଖି ବାଇଡେନ୍ ଘୋଷଣା କରିଛନ୍ତି, ଆମେ ହାର ମାନିବା ନାହିଁ। ଡେଲାୱେରରେ ଉପରାଷ୍ଟ୍ରପତି ପ୍ରାର୍ଥୀ କମଲା ହାରିସ୍‌ଙ୍କ ଉପସ୍ଥିତିରେ ବାଇଡେନ୍ କହିଛନ୍ତି, ଆମେ ବିଜୟୀ ହୋଇଛେ ବୋଲି ଘୋଷଣା କରିବାକୁ ଏଠାକୁ ଆସିନାହୁଁ। ଏତିକି କହିବାକୁ ଚାହୁଁଛି ଯେ, ମୁଁ ଜଣେ ଆମେରିକୀୟ ରାଷ୍ଟ୍ରପତି ଭାବେ ଶାସନ କରିବି। କେଉଁଠି ହେଲେ 'ରେଡ୍ ଷ୍ଟେଟ୍' କି 'ବ୍ଲୁ ଷ୍ଟେଟ୍'ରହିବ ନାହିଁ। ସମ୍ପୂର୍ଣ୍ଣ ଫଳାଫଳ ଆମ ସପକ୍ଷରେ ଯିବ। ଆମେ ହିଁ ବିଜୟୀ ହେବା କହି ଡେମୋକ୍ରାଟ୍‌ଙ୍କ ମନରେ ଉତ୍ସାହ ଭରି ଦେଇଛନ୍ତି ୭୭ ବର୍ଷୀୟ ବିଜ୍ଞ ତଥା ଅନୁଭବୀ ରାଜନେତା ବାଇଡେନ୍। କ୍ରମାଗତ ଭାବେ ୱିସ୍କୋନସିନ ଓ ମିଶିଗାନ ଭଳି ଗଡ଼ ଜିତିବା ପରେ ଚାରିବର୍ଷ ତଳେ ଭାଙ୍ଗିଯାଇଥିବା 'ବ୍ଲୁ ୱାଲ'ର ପ୍ରଶସ୍ତ ପ୍ରାଚୀର ପୁନର୍ଗଠନର ଆଶା ଉଜ୍ଜୀବିତ ହୋଇଛି। ଏହା ଟ୍ରମ୍ପ୍‌ଙ୍କ ପୁନର୍ବିଜୟର ରାସ୍ତାକୁ ସଂକୀର୍ଣ୍ଣ କରିଦେଇଛି। ☞ପୃଷ୍ଠା–୪

## ଜୀବନ ପ୍ରଦୀପ ବିଜେଡିରୁ ନିଲମ୍ବିତ



**ଭୁବନେଶ୍ୱର, ୫।୧୧(ବ୍ୟୁରୋ)**

ଦଳ ବିରୋଧୀ କାର୍ଯ୍ୟରେ ଜଡ଼ିତ ଥିବା ଅଭିଯୋଗରେ ବାଲେଶ୍ୱରର ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସଙ୍କୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଗୁରୁବାର ଦଳରୁ ନିଲମ୍ବିତ କରିଛନ୍ତି। ମିଳିଥିବା ସୂଚନା ମୁତାବକ ନିକଟରେ ଶେଷ ହୋଇଥିବା ବାଲେଶ୍ୱର ଉପନିର୍ବାଚନ ସମୟରେ ଦଳ ବିରୋଧୀ କାର୍ଯ୍ୟରେ ଜୀବନ ଜଡ଼ିତ ଥିଲେ ବୋଲି କୁହାଯାଉଛି। ତେଣୁ ତାଙ୍କୁ ନିଲମ୍ବିତ କରାଯାଇଛି। ଏନେଇ ଦଳ ପକ୍ଷରୁ ବିଧିବଦ୍ଧ ଭାବେ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରି ସୂଚନା ଦିଆଯାଇଛି। ☞ପୃଷ୍ଠା–୪


**ଆଇପିଏଲ୍ ଫାଇନାଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ** — ପୃଷ୍ଠା ୧୨


## ୧୦ରୁ ଖୋଲିବ ମ୍ୟୁଜିୟମ

**ସଂସ୍କୃତି ମନ୍ତ୍ରଣାଳୟର ଏସ୍‌ଓପି ଜାରି**

**ନୂଆଦିଲ୍ଲୀ, ୫।୧୧(ପିଆଇବି)**

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅନ୍‌ଲକ୍ ୫.୦ ଗାଇଡ୍‌ଲାଇନ ଆଧାରରେ ୧୦ ତାରିଖରୁ ଦେଶରେ ମ୍ୟୁଜିୟମ୍, ଆର୍ଟ ଗ୍ୟାଲେରି ଏବଂ ପ୍ରଦର୍ଶନୀ ଖୋଲିବାକୁ ଯାଉଛି। ଏଥିପାଇଁ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁଓର) ଜାରି ହୋଇଛି। କରୋନା ସଂକ୍ରମଣ ରୋକିବା ଲାଗି ଏଥିରେ ବିଭିନ୍ନ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହାକୁ ମ୍ୟୁଜିୟମ, ଆର୍ଟ ଗ୍ୟାଲେରି ଓ ଏକ୍ସିବିଶନର ପରିଚାଳନା ସଂସ୍ଥା ଓ ଦର୍ଶକଙ୍କୁ ପାଳନ କରିବାକୁ ହେବ। ଏଥିରେ ପରିଷ୍କାର ପରିଚ୍ଛନ୍ନତା, ଦର୍ଶକ ଓ କର୍ମଚାରୀଙ୍କ ନିରାପତ୍ତା ଓ ଟିକେଟ କ୍ରୟ ଉପରେ ମୁଖ୍ୟତଃ ଧ୍ୟାନ ଦିଆଯାଇଛି।

ଏସ୍‌ଓପି ଅନୁଯାୟୀ କଣ୍ଟେନମେଣ୍ଟ ଜୋନ୍ (ଆବଦ୍ଧାଞ୍ଚଳ) ମଧ୍ୟରେ ଥିବା କୌଣସି ମ୍ୟୁଜିୟମ୍ କିମ୍ବା ଆର୍ଟ ଗ୍ୟାଲେରି ଖୋଲିବ ନାହିଁ। ଏଥିସହିତ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା କୋଭିଡ୍ ସମ୍ପର୍କିତ ଗାଇଡ୍‌ଲାଇନକୁ ପାଳନ କରିବାକୁ କୁହାଯାଇଛି।

# ସଂକ୍ରମଣ କମାଉଛି ଆଇଭର୍‌ମେକ୍ଟିନ୍

## ଏମ୍ସ ଭୁବନେଶ୍ୱରର ଦାବି

**ଭୁବନେଶ୍ୱର,୫।୧୧(ବ୍ୟୁରୋ)**

କୋଭିଡ୍–୧୯ ସଂକ୍ରମଣକୁ ଅନେକାଂଶରେ ରୋକିବାରେ ସହାୟକ ହେଉଛି ଆଇଭରମେକ୍ଟିନ ପ୍ରୋଫିଲାକ୍ସିସ୍ ଔଷଧ। ଆଇଭରମେକ୍ଟିନର ଦୁଇ ଡୋଜ୍‌ରେ ସଂକ୍ରମଣ ୭୩% ପର୍ଯ୍ୟନ୍ତ କମିଯାଉଥିବା ଭୁବନେଶ୍ୱର ଏମ୍ସ ଦାବି କରିଛି। କୋଭିଡ୍ ଚିକିତ୍ସା ଓ ଏହାର ପ୍ରତିକାର ଉପରେ ଏମ୍ସ ପକ୍ଷରୁ ସ୍ୱାସ୍ଥ୍ୟକର୍ମୀଙ୍କୁ ନେଇ ହୋଇଥିବା ଏକ ଗବେଷଣାରୁ ଏହା ଜଣାପଡ଼ିଛି। ଗତ ସେପ୍ଟେମ୍ବର୨୦ରୁ ଅକ୍ଟୋବର ୧୯ ମଧ୍ୟରେ ଏହି ଗବେଷଣା କରାଯାଇଥିଲା। ସଂକ୍ରମଣ ରୋକିବାରେ ଆଇଭରମେକ୍ଟିନ ଫଳପ୍ରଦ ହୋଇଥିବା ଓ ଏହା ଏକ ଲାଭଦାୟକ ଔଷଧ ବୋଲି ଏମ୍ସ କହିଛି।

ସୂଚନା ଅନୁଯାୟୀ, କୋଭିଡ୍ ସଂକ୍ରମଣ ରୋକିବାରେ ଆଇଭରମେକ୍ଟିନ ପ୍ରୋଫିଲାକ୍ସିସ୍‌ର ଭୂମିକା ସମ୍ପର୍କରେ ଅବଗତ ହେବାକୁ ଏମ୍ସ ଅନୁସନ୍ଧାନ କରିଥିଲା। ସ୍ୱାସ୍ଥ୍ୟକର୍ମୀଙ୍କ ☞ପୃଷ୍ଠା–୪



କେନ୍ଦ୍ର ସରକାରଙ୍କ କୃଷି ଆଇନକୁ ବିରୋଧ କରି ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଗୁରୁବାର ହାଇଟେକ୍ ଛକଠାରୁ ଭୁବନେଶ୍ୱର ଭିତରକୁ ପ୍ରବେଶ କରୁଥିବା କର୍ମକର୍ତ୍ତାଙ୍କୁ ପଳାଶୁଣୀ ଛକଠାରେ ପୋଲିସ ଉଠାଇ ନେଉଛି। **(ରିପୋର୍ଟ: ପୃଷ୍ଠା–୩)**

## ଫେବୃୟାରୀରେ ଆସିବ କୋଭାକ୍ସିନ୍ ଟିକା




**ନୂଆଦିଲ୍ଲୀ, ୫।୧୧**

ଭାରତ ଦ୍ୱାରା ପ୍ରସ୍ତୁତ କୋଭିଡ୍ ଟିକାର ଚୂଡ଼ାନ୍ତ ପର୍ଯ୍ୟାୟ ପରୀକ୍ଷା ଚଳିତ ମାସରେ ଆରମ୍ଭ ହୋଇଛି। ଏହି ଟିକା ସମ୍ପୂର୍ଣ୍ଣ ନିରାପଦ ଓ ପ୍ରଭାବଶାଳୀ ବୋଲି ବର୍ତ୍ତମାନ ସୁଦ୍ଧା ହୋଇଥିବା ଅଧ୍ୟୟନରୁ ସ୍ପଷ୍ଟ ହୋଇଛି। ତେଣୁ ଫେବୃୟାରୀରେ ଟିକା ବଜାରକୁ ଆସିଯିବ ବୋଲି ଜଣେ ବରିଷ୍ଠ ସରକାରୀ ବୈଜ୍ଞାନିକ ସୂଚନା ଦେଇଛନ୍ତି। ସରକାରଙ୍କ ଦ୍ୱାରା ପରିଚାଳିତ ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍) ସହଯୋଗରେ ଭାରତ ବାୟୋଟେକ ପ୍ରସ୍ତୁତ କରୁଥିବା କୋଭାକ୍ସିନ୍ ଟିକା ୨୦୨୧ ଦ୍ୱିତୀୟ ତ୍ରୈମାସିକ ବେଳକୁ ଉପଲବ୍ଧ ହେବ ବୋଲି ପୂର୍ବରୁ ଆଶା କରାଯାଉଥିଲା। ଏହା ଭଲ ଫଳାଫଳ ଦେଇଥିବା କୋଭିଡ୍–୧୯ ଟାସ୍କଫୋର୍ସ ସଦସ୍ୟ ତଥା ଆଇସିଏମ୍‌ଆର୍‌ର ବରିଷ୍ଠ ବୈଜ୍ଞାନିକ ରଜନୀ କାନ୍ତ କହିଛନ୍ତି। ତେବେ ତୃତୀୟ ପରୀକ୍ଷା ଶେଷ ହେବା ପୂର୍ବରୁ କୋଭାକ୍ସିନ୍ ଟିକା ଲୋକଙ୍କୁ ଦିଆଯିବ କି ନାହିଁ, ସେନେଇ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ନିଷ୍ପତ୍ତି ନେବ ବୋଲି ସେ ସୂଚନା ଦେଇଛନ୍ତି। ଗୁରୁବାର ଦେଶରେ ୫୦,୨୦୧ ନୂଆ ସଂକ୍ରମିତ ଚିହ୍ନଟ ହେବା ପରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୮୩.୬ ଲକ୍ଷ ଅତିକ୍ରମ କରିଛି। ସେହିପରି କରୋନା ଜନିତ ମୃତ୍ୟୁସଂଖ୍ୟା ୧,୨୪,୩୧୫ରେ ପହଞ୍ଚିଲାଣି।

## ବିଶ୍ୱବିଦ୍ୟାଳୟ ଖୋଲିବା ଲାଗି ଗାଇଡ୍‌ଲାଇନ

**ନୂଆଦିଲ୍ଲୀ, ୫।୧୧:** ସାରା ଦେଶରେ କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲିବା ଲାଗି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଗୁରୁବାର ଗାଇଡ୍‌ଲାଇନ ଜାରି କରିଛନ୍ତି। ନୂଆ ଗାଇଡ୍‌ଲାଇନ ଅନୁଯାୟୀ କଣ୍ଟେନମେଣ୍ଟ ଜୋନ୍ (ଆବଦ୍ଧାଞ୍ଚଳ) ବାହାରେ ରହିଥିବା କଲେଜ ଓ ୟୁନିଭର୍ସିଟିଗୁଡ଼ିକ ସମ୍ପୃକ୍ତ ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କ ସହ ପରାମର୍ଶକ୍ରମେ ପର୍ଯ୍ୟାୟକ୍ରମେ ଖୋଲିପାରିବେ। ଗାଇଡ୍‌ଲାଇନକୁ ସ୍ୱାସ୍ଥ୍ୟ ଓ ପରିବାର ☞ପୃଷ୍ଠା–୪

■ ଆବଦ୍ଧାଞ୍ଚଳ ବାହାରେ ଶିକ୍ଷାନୁଷ୍ଠାନ ଖୋଲିବ

■ ସାମାଜିକ ଦୂରତ୍ୱ ବଜାୟ ରଖିବା ଉପରେ ଗୁରୁତ୍ୱ






## ପୋଖରୀରେ ବୁଡ଼ି ଦୁଇ ନାବାଳିକା ମୃତ

**ଢେଙ୍କାନାଳ ଅଫିସ, ୫।୧୧**

ସାଙ୍ଗ ହୋଇ ପୋଖରୀକୁ ଯାଇଥିଲେ। ହେଲେ ଜାଣି ନ ଥିଲେ ମୃତ୍ୟୁ ସେମାନଙ୍କୁ ପାଣିରେ ଛକି ବସିଛି। ଗାଧୋଇବା ବେଳେ ଅସାବଧାନତାରୁ ଖସିଗଲା ଗୋଡ଼ ଏବଂ ଗଭୀର ପାଣିରେ ବୁଡ଼ିଗଲେ ଦୁଇ ନାବାଳିକା। ଗୁରୁବାର ଏଭଳି ଏକ ଦୁଃଖଦ ଘଟଣା ଘଟିଛି ଢେଙ୍କାନାଳ ଜିଲା ଗଁଦିଆ ଥାନା ଯୋରନ୍ଦା ଫାଣ୍ଡି ଅଧୀନ କରମୂଳ ଗ୍ରାମରେ। ମୃତକ ହେଲେ ଅନ୍ତର୍ଯ୍ୟାମୀ ମଲ୍ଲିକଙ୍କ ଝିଅ ଲକ୍ଷ୍ମୀପ୍ରିୟା (୮) ଏବଂ ବିପିନ ମଲ୍ଲିକଙ୍କ ଝିଅ ଅନିତା (୧୦)।

ପରିବାର ଲୋକଙ୍କ କହିବା କଥା, ପୂର୍ବାହ୍ଣରେ ଲକ୍ଷ୍ମୀପ୍ରିୟା ଏବଂ ଅନିତା ଗୋଡ଼ିପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ସୂଚନା ପାଇ ସ୍ଥାନୀୟ ଲୋକେ ଅନିତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ☞ପୃଷ୍ଠା–୪

# ୫ ମେଗା ପ୍ରକଳ୍ପକୁ ଅନୁମୋଦନ

■ ୨୪ତମ ଉଚ୍ଚସ୍ତରୀୟ କ୍ଲିଅରାନ୍ସ ଅଥରିଟି ବୈଠକ

■ ୩୧,୯୭୯ ନୂଆ ନିଯୁକ୍ତି ସୁଯୋଗ

■ ସବୁ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟିହେବ : ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର,୫।୧୧(ବ୍ୟୁରୋ)**

ମେଟାଲ ସେକ୍ଟରରେ ୯୨,୭୧୩ କୋଟି ଟଙ୍କାର ୫ ମେଗା ପୁଞ୍ଜିନିବେଶ ପ୍ରସ୍ତାବକୁ ରାଜ୍ୟ ସରକାରଙ୍କ ଅନୁମୋଦନ ମିଳିଛି। ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ୨୪ତମ ଉଚ୍ଚସ୍ତରୀୟ କ୍ଲିଅରାନ୍ସ ଅଥରିଟି(ଏଚ୍‌ଏଲ୍‌ସିଏ) ବୈଠକରେ ଏହି ପୁଞ୍ଜି ବିନିଯୋଗ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏହି ୫ମେଗା ପ୍ରକଳ୍ପ ମଧ୍ୟରେ ଷ୍ଟେନ୍‌ଲେସ ଷ୍ଟିଲ୍, ସ୍ଲାଗ୍ ଓ ଫ୍ଲାଏ ଆଶ୍, ପେଲେଟ୍‌ସ ମ୍ୟାନୁଫ୍ୟାକ୍‌ଚରିଂ, ଆଇରନ୍ ଏବଂ ରୋଲ୍‌ଡ ଉତ୍ପାଦ ଆଦି ରହିଛି। ଏସବୁ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ରାଜ୍ୟରେ ୩୧,୯୭୯ ନୂଆ ନିଯୁକ୍ତି ସୃଷ୍ଟି ହେବ ବୋଲି କୁହାଯାଇଛି। ଏହି ପ୍ରକଳ୍ପଗୁଡ଼ିକୁ ଅକ୍ଟୋବର ୯ତାରିଖରେ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗିଲୱିଣ୍ଡୋ କ୍ଲିଅରାନ୍ସ ଅଥରିଟି ଅନୁମୋଦନ କରିଥିଲେ। ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ଉପରେ ☞ପୃଷ୍ଠା–୪

## କାହା ସପକ୍ଷରେ କେତେ ପପୁଲାର ଭୋଟ

| ରାଷ୍ଟ୍ରପତି ପ୍ରାର୍ଥୀ | ଭୋଟ ସଂଖ୍ୟା |
|---|---|
| ଜୋ ବାଇଡେନ(୨୦୨୦) | ୭୨,୦୪୮,୭୭୦ (ଗଣତି ଜାରି) |
| ଡୋନାଲ୍ଡ ଟ୍ରମ୍ପ(୨୦୨୦) | ୬୮,୫୮୬,୧୪୯ |
| ବାରାକ୍ ଓବାମା(୨୦୦୮) | ୬୮,୫୮୫,୪୦୭ |
| ବାରାକ୍ ଓବାମା(୨୦୧୨) | ୬୫,୯୧୫,୭୯୫ |
| ହିଲାରୀ କ୍ଲିଣ୍ଟନ(୨୦୧୬) | ୬୫,୮୫୩,୫୧୪ |
| ଡୋନାଲ୍ଡ ଟ୍ରମ୍ପ(୨୦୧୬) | ୬୨,୯୮୪,୮୨୮ |
| ଜର୍ଜ ଡବ୍ଲ୍ୟୁ. ବୁଶ୍(୨୦୦୪) | ୬୨,୦୪୦,୬୧୦ |
| ମିଟ୍ ରୋମନି(୨୦୧୨) | ୬୦,୯୩୩,୫୦୪ |
| ଜନ୍ ମ୍ୟାକେନ୍(୨୦୦୮) | ୫୯,୯୪୮,୩୨୩ |
| ଜନ୍ କେରି(୨୦୦୪) | ୫୯,୦୨୮,୪୪୪ |






# ଟ୍ରମ୍ପ୍ ଯୁଗର ଅବସାନ

ରାଷ୍ଟ୍ରପତିଙ୍କ ନୀତିକୁ ପ୍ରତ୍ୟାଖ୍ୟାନ କଲା ଆମେରିକା



କରୋନା ବିଫଳତା ଓ ବିପର୍ଯ୍ୟସ୍ତ ଅର୍ଥନୀତି ହରାଇଦେଲା

**ୱାଶିଂଟନ,୫।୧୧**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ଡେମୋକ୍ରାଟିକ୍ ଚ୍ୟାଲେଞ୍ଜର ଜୋଶେଫ୍ ଆର୍ ବାଇଡେନ୍ ଜୁନିୟରଠାରୁ ପରାସ୍ତ ହୋଇଛନ୍ତି। ସମ୍ପୂର୍ଣ୍ଣ ଫଳାଫଳ ଆସିବା ବାକି ଥିଲେ ମଧ୍ୟ ଟ୍ରମ୍ପ୍ ଯେଉଁ ସ୍ଥିତିରେ ରହିଛନ୍ତି, ସେଠାରୁ ଉଠି ନିର୍ବାଚନ ଜିତିବା ଏକପ୍ରକାର ଅସମ୍ଭବ ମନେହେଉଛି। କାରଣ ଆଉ ମାତ୍ର ୫ଟି ରାଜ୍ୟର ପରିଣାମ ଆସିବା ବାକି ଅଛି।

ବାଇଡେନ୍‌ଙ୍କଠାରୁ ଟ୍ରମ୍ପ୍‌ଙ୍କ ପରାଜୟ ପାଇଁ ଅନେକ କାରଣକୁ ଦାୟୀ କରାଯାଉଛି। ମହାମାରୀ କରୋନା ସଂକ୍ରମଣକୁ ରୋକିବାର ଟ୍ରମ୍ପ୍‌ଙ୍କ ବିଫଳତାକୁ ମୁଖ୍ୟ ପ୍ରସଙ୍ଗ ବୋଲି କୁହାଯାଉଛି। ସେହିପରି କୋଭିଡ୍-୧୯ ଆସିବା ପରେ ଦେଶର ଅର୍ଥନୀତି ବିପର୍ଯ୍ୟସ୍ତ ହୋଇଛି। ମହାମାରୀରେ ଅଦ୍ୟାବଧି ୨୩୯,୮୯୪ ଜଣଙ୍କ ଜୀବନ ଯାଇଥିବାବେଳେ ୯,୮୦୬,୯୬୦ ସଂକ୍ରମିତ ହୋଇଛନ୍ତି। ଏଥିଯୋଗୁ ଆମେରିକାରେ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି ହୋଇଛି। ଆର୍ଥିକ ସଙ୍କଟ ଯୋଗୁ ବେକାର ସମସ୍ୟା ବଢ଼ିବା ସହ ଲକ୍ଷ ଲକ୍ଷ ଲୋକ ବେରୋଜଗାର ହୋଇଯାଇଛନ୍ତି। ଶରଣାର୍ଥୀଙ୍କ ପ୍ରତି ଟ୍ରମ୍ପ୍‌ଙ୍କ ଆଭିମୁଖ୍ୟ, ବହିର୍ବ୍ୟାପାର, ବର୍ଣ୍ଣବୈଷମ୍ୟ ଓ ଆପ୍ରବାସନ ନୀତିକୁ ମଧ୍ୟ ବିଭିନ୍ନ ମହଲରେ ସମାଲୋଚନା କରାଯାଉଛି। ସେହିପରି ଟ୍ରମ୍ପ୍‌ଙ୍କ ଝିଅ ଇଭାଙ୍କା ଟ୍ରମ୍ପ୍ ମଧ୍ୟ ମହିଳା ଓ ଯୁବବର୍ଗର ଭୋଟରଙ୍କୁ ସେତେଟା ଆକୃଷ୍ଟ କରିପାରି ନ ଥିବା କୁହାଯାଉଛି। ଟ୍ରମ୍ପ୍ ନିର୍ବାଚନ ହାରିଯିବା ପରେ ଏବେ ୭୬ ଦିନ ହ୍ୱାଇଟ୍ ହାଉସ୍‌ରୁ ନିଜ କ୍ଷମତା ପ୍ରୟୋଗ କରିପାରିବେ। ଏହି ସମୟ ମଧ୍ୟରେ ସେ କେତେକ ନକାରାତ୍ମକ ପଦକ୍ଷେପ ମଧ୍ୟ ନେଇପାରନ୍ତି ବୋଲି ଆଶଙ୍କା କରାଯାଉଛି। ପରାଜୟରେ ଜର୍ଜରିତ ଟ୍ରମ୍ପ୍ ତାଙ୍କ ସ୍ୱପ୍ନ ସାକାର କରିବାରେ ବିଫଳ ହୋଇଥିବା କେତେଜଣ ବରିଷ୍ଠ ଅଧିକାରୀଙ୍କୁ ବିଦା କରିପାରନ୍ତି। ଏପରି କି ଜାନୁୟାରୀ ୨୦ରେ ଟ୍ରମ୍ପ୍‌ଙ୍କୁ ହ୍ୱାଇଟ୍ ହାଉସ୍ ଖାଲି କରିବାକୁ ବାଧ କରାଗଲେ ସେ ଆହୁରି ଅନେକ କଡ଼ା ପଦକ୍ଷେପ ନେଇପାରନ୍ତି। ରାଷ୍ଟ୍ରପତି ଟ୍ରମ୍ପ୍ ୬୮ ନିୟୁତ ଭୋଟ ପାଇଛନ୍ତି, ଯାହାକି ୨୦୧୬ ତୁଳନାରେ ୫ ନିୟୁତ କମ୍। ପପୁଲାର ଭୋଟ କଥା ଦେଖିଲେ ତାଙ୍କ ସପକ୍ଷରେ ୪୮% ଯାଇଛି। ଅର୍ଥାତ୍

### ଇଭାଙ୍କା ଯାଦୁ କାମ କଲା ନାହିଁ



୪ ବର୍ଷ ମଧ୍ୟରେ ଅନେକ ସ୍କାଣ୍ଡାଲ, ମହାଭିଯୋଗ ଓ କରୋନା ଭାଇରସ୍ ସମେତ ବର୍ଣ୍ଣବୈଷମ୍ୟ ବିରୋଧୀ ଆନ୍ଦୋଳନ ସତ୍ତ୍ୱେ ଟ୍ରମ୍ପ୍‌ଙ୍କୁ ପ୍ରାୟ ଅଧା ଆମେରିକୀୟ ସମର୍ଥନ କରିଛନ୍ତି।

ଆମେରିକାରେ ୨୮ ବର୍ଷ ପରେ ଏହା ହେଉଛି ଜଣେ ରାଷ୍ଟ୍ରପତିଙ୍କ ପ୍ରଥମ ପରାଜୟ। ପୂର୍ବରୁ ୧୯୯୨ରେ ରାଷ୍ଟ୍ରପତି ଜର୍ଜ ଏଚ୍.ଡବ୍ଲ୍ୟୁ ବୁଶ୍ ଦ୍ୱିତୀୟ ଥର ପାଇଁ ନିର୍ବାଚିତ ହୋଇପାରି ନ ଥିଲେ। ସେ ଡେମୋକ୍ରାଟ୍ ବିଲ୍ କ୍ଲିଣ୍ଟନଙ୍କଠାରୁ ପରାଜିତ ହୋଇଥିଲେ। ବୁଶ୍‌ଙ୍କ ପରେ ଆମେରିକାର ୩ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ, ଜର୍ଜ ଡବ୍ଲ୍ୟୁ ବୁଶ୍ ଓ ବାରାକ୍ ଓବାମା ଦୁଇଥର ଲେଖାଏ ବିଜୟୀ ହୋଇ ହ୍ୱାଇଟ୍ ହାଉସ୍ ଦଖଲ କରିଥିଲେ। ସେହିପରି ବିଗତ ୧୦୦ ବର୍ଷରେ ମାତ୍ର ୪ ଜଣ ରାଷ୍ଟ୍ରପତି ପୁନଃ ନିର୍ବାଚିତ ହେବାରେ ବିଫଳ ହୋଇଥିଲେ। ସେମାନେ ହେଲେ ଜର୍ଜ ଏଚ୍.ଡବ୍ଲ୍ୟୁ. ବୁଶ୍ (୧୯୯୨), ଜିମି କାର୍ଟର (୧୯୮୦), ଗେରାଲ୍ଡ ଫୋର୍ଡ (୧୯୭୬) ଓ ହେର୍ବର୍ଟ ହୁଭର୍।

## କମଲା ହାରିସ୍‌ଙ୍କ ଅଜାଙ୍କ ଗ୍ରାମ ଉତ୍ସବମୁଖର



ଜୋ ବାଇଡେନ୍ ଆମେରିକା ରାଷ୍ଟ୍ରପତି ନିର୍ବାଚିତ ହେବାକୁ ଯାଉଥିବାବେଳେ ତାଙ୍କ ରନିଂ ମେଟ୍ ତଥା ଡେମୋକ୍ରାଟିକ୍ ପାର୍ଟିର ଉପରାଷ୍ଟ୍ରପତି ପ୍ରାର୍ଥୀ କମଲା ହାରିସ୍‌ଙ୍କ ମାଆଙ୍କର ଭାରତରେ ଥିବା ଗାଁ ଉତ୍ସବମୁଖର ହୋଇଉଠିଛି। ଗ୍ରାମବାସୀ ସ୍ଲୋଗାନ ଦେବା ସହ ହାରିସ୍‌ଙ୍କ ବିଜୟ କାମନା କରିଛନ୍ତି। ହାରିସ୍‌ଙ୍କ ଅଜା (ମାଆଙ୍କ ବାପା)ଙ୍କ ଘର ଚେନ୍ନାଇଠାରୁ ୩୨୦ କି.ମି. ଦୂର ଥୁଲାସେନ୍ଦ୍ରପୁରମ୍ ଗ୍ରାମରେ। ସେଠାରେ ବୁଧବାରଠାରୁ ଚୂଡ଼ାନ୍ତ ଫଳାଫଳ ପାଇଁ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ଲାଗି ରହିଥିବାବେଳେ ସମସ୍ତେ ବିଜୟ ଖବରକୁ ଅପେକ୍ଷା କରି ରହିଛନ୍ତି। ବାଇଡେନ୍ ବିଜୟର ନିକଟବର୍ତ୍ତୀ ହୋଇଥିବାରୁ ଗାଁରେ ଉତ୍ସବ ଆରମ୍ଭ ହୋଇଯାଇଛି। ହାରିସ୍‌ଙ୍କ ଲାଗି ସେଠାରେ ଥିବା ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା ଚାଲିଛି।

## ରାଷ୍ଟ୍ରପତିଙ୍କୁ ମିଳୁଥିବା ସୁବିଧା

ବିଶ୍ୱର ସବୁଠୁ ପ୍ରଭାବଶାଳୀ ରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ହେବା କେବଳ ମର୍ଯ୍ୟାଦାଜନକ ନୁହେଁ, ଏଥିସହିତ ପର୍ଯ୍ୟାପ୍ତ ସୁବିଧା ଓ ଲାଭ ମିଳିଥାଏ। ରାଷ୍ଟ୍ରପତିଙ୍କୁ ୪ ଲକ୍ଷ ଡଲାର ବାର୍ଷିକ ବେତନ, ବାସଭବନ ସାଙ୍ଗକୁ ବ୍ୟକ୍ତିଗତ ବିମାନ ଓ ହେଲିକପ୍ଟର ଯୋଗାଇ ଦିଆଯାଇଥାଏ।

**ହ୍ୱାଇଟ୍ ହାଉସ୍:** ରାଷ୍ଟ୍ରପତିଙ୍କ ସରକାରୀ ବାସଭବନ ହ୍ୱାଇଟ୍ ହାଉସ୍ ୫୫ ହଜାର ବର୍ଗଫୁଟରେ ନିର୍ମିତ ୬ ମହଲା ବିଶିଷ୍ଟ ଭବ୍ୟ ଅଟ୍ଟାଳିକା, ଯେଉଁଥିରେ ୧୩୨ ପ୍ରକୋଷ୍ଠ, ୩୫ ବାଥ୍‌ରୁମ୍ ଓ ୨୩ ଫାୟାରପ୍ଲେସ୍ ରହିଛି। ଏହାବ୍ୟତୀତ ସେଠାରେ ଏକ ଟେନିସ୍ କୋର୍ଟ, ବୋଲିଂ ଟ୍ରାକ୍ ଓ ଫାମିଲି ମୁଭି ଥିଏଟର, ଜଗିଂ ଟ୍ରାକ୍ ଓ ସୁଇମିଂ ପୁଲ୍ ରହିଛି। ସେଠାରେ ୫ ଜଣ ପୂର୍ଣ୍ଣକାଳୀନ ସେଫ୍, ଜଣେ ସୋସିଆଲ ସଚିବ, ଜଣେ କାଲିଗ୍ରାଫରଙ୍କ ସମେତ ଅନେକ ଫ୍ଲୋରିଷ୍ଟ, ଆଟେଣ୍ଡାଣ୍ଟ ଓ ସହାୟକ ରହିଛନ୍ତି।

**ବ୍ଲେୟାର ହାଉସ୍:** ଆମେରିକା ରାଷ୍ଟ୍ରପତିଙ୍କ ପାଇଁ ଥିବା ଷ୍ଟେଟ୍ ଗେଷ୍ଟ ହାଉସ୍‌ର ନାଁ ବ୍ଲେୟାର ହାଉସ୍। ଏହା ହ୍ୱାଇଟ୍ ହାଉସ୍‌ଠାରୁ ବଡ଼। ୭୦ ହଜାର ବର୍ଗଫୁଟ ସ୍ଥାନରେ ଥିବା ଏହି ହାଉସ୍‌ରେ ଅତିଥି ଓ କର୍ମଚାରୀମାନଙ୍କ ଲାଗି ୨୦ରୁ ଅଧିକ ବେଡ୍‌ରୁମ୍, ୩୫ ବାଥ୍‌ରୁମ୍, ୪ ଡାଇନିଂ ପ୍ରକୋଷ୍ଠ, ଜିମ୍, ଫ୍ଲାୱାର ଶପ୍ ଓ ହେୟାର ସେଲୁନ୍ ସମେତ ୧୧୯ ପ୍ରକୋଷ୍ଠ ରହିଛି।

**କ୍ୟାମ୍ପ୍ ଡାଭିଡ୍:** ରାଷ୍ଟ୍ରପତିଙ୍କ ପାଇଁ ଉଦ୍ଦିଷ୍ଟ ଏହି ଶୈଳନିବାସ ମେରିଲ୍ୟାଣ୍ଡ ପାର୍ବତ୍ୟାଞ୍ଚଳରେ ୧୨୮ ଏକର ଜମିରେ ଅବସ୍ଥିତ। ୧୯୩୫ରେ ଏହା ସ୍ଥାପିତ ହୋଇଥିଲା ଓ ଫ୍ରାଙ୍କଲିନ୍‌ଙ୍କ ପରେ ସମସ୍ତ ରାଷ୍ଟ୍ରପତି ଏହାକୁ ବ୍ୟବହାର କରିଛନ୍ତି।



**ଏୟାରଫୋର୍ସ ୱାନ୍:** ଆମେରିକା ରାଷ୍ଟ୍ରପତି ବ୍ୟବହାର କରୁଥିବା ବିମାନର ନାମ ଏୟାରଫୋର୍ସ ୱାନ୍। ଇଲେକ୍ଟ୍ରୋମ୍ୟାଗ୍ନେଟିକ୍ ପଲ୍ସରୁ ସୁରକ୍ଷା ପାଇଁ ଏହି ବିମାନରେ ବ୍ୟବସ୍ଥା ରହିଛି। ଏହା ବ୍ୟତୀତ ଏଥିରେ ଅତ୍ୟାଧୁନିକ ସୁରକ୍ଷା ଯୋଗାଯୋଗ ଉପକରଣ ରଖାଯାଇଛି। ଏୟାରଫୋର୍ସ ୱାନ୍ ଆକାଶରେ ଥାଇ ଇନ୍ଧନ ଭରିପାରେ।

**ମେରାଇନ୍ ୱାନ୍:** ରାଷ୍ଟ୍ରପତିଙ୍କ ବ୍ୟବହାର ପାଇଁ ୫ଟି ଏକାପ୍ରକାର ହେଲିକପ୍ଟର ରହିଛି, ଯାହା ମେରାଇନ୍ ୱାନ୍ ଭାବେ ପରିଚିତ। ଏପରିକି ଇଞ୍ଜିନ ବିଫଳ ହେଲେ ମଧ୍ୟ ଏହା ୧୫୦ ମାଇଲ୍‌ରୁ ଅଧିକ ବେଗରେ ଗତି କରିଥାଏ। ଉକ୍ତ ହେଲିକପ୍ଟରରେ ଆଣ୍ଟି-ମିସାଇଲ ସିଷ୍ଟମ ସାଙ୍ଗକୁ ବାଲିଷ୍ଟିକ୍ ଅସ୍ତ୍ର ରହିଛି।

**ଦି ବିଷ୍ଟ:** ରାଷ୍ଟ୍ରପତି ବ୍ୟବହାର କରୁଥିବା କାର୍ ନାଁ ଦି ବିଷ୍ଟ। ଏହା ବିଶ୍ୱର ସବୁଠୁ ନିରାପଦ କାର୍। କେବଳ ଏହାର ଡୋର୍ ଆର୍ମଡ ପ୍ଲେଟ ନୁହେଁ, କେମିକାଲ ଆକ୍ରମଣରୁ ସୁରକ୍ଷା ଦେବା ପାଇଁ ଏହା ୧୦୦ ପ୍ରତିଶତ ସିଲ୍ ହୋଇପାରିବ। ୱିଣ୍ଡୋରେ ୫ ସ୍ତରର ଗ୍ଲାସ୍ ଓ ପଲିକର୍ବୋନେଟ୍ ରହିଛି। କାର୍ ଭିତରେ ଅକ୍ସିଜେନ୍ ସିଲିଣ୍ଡର, ଅଗ୍ନି ନିର୍ବାପନ ବ୍ୟବସ୍ଥା ସହ ବ୍ଲଡ୍ ବ୍ୟାଙ୍କ ଅଛି।

**ସିକ୍ରେଟ ସର୍ଭିସ୍:** ଆମେରିକା ରାଷ୍ଟ୍ରପତି ଓ ତାଙ୍କ ପରିବାର ସଦସ୍ୟମାନଙ୍କୁ ୨୪ ଘଣ୍ଟିଆ ସୁରକ୍ଷା ମିଳିଥାଏ। ସେମାନଙ୍କ ସୁରକ୍ଷା ଦାୟିତ୍ୱରେ ରହିଛି ସିକ୍ରେଟ ସର୍ଭିସ୍।

**ବେତନ:** ଆମେରିକା ରାଷ୍ଟ୍ରପତି କ୍ଷମତାରେ ଥିବାବେଳେ ତାଙ୍କୁ ୪ ଲକ୍ଷ ଡଲାର ବେତନ ମିଳିଥାଏ। ଏହା ବ୍ୟତୀତ ପ୍ରମୋଦ ଭତ୍ତା ବାବଦକୁ ୧୯,୦୦୦ ଡଲାର, ବାର୍ଷିକ ବ୍ୟୟ ଭତ୍ତା ୫୦,୦୦୦ ଡଲାର ଏବଂ ଅଣଟିକସଯୋଗ୍ୟ ଭ୍ରମଣ ଭତ୍ତା ୧ ଲକ୍ଷ ଡଲାର ମିଳିଥାଏ।

**ଅବସରକାଳୀନ ସୁବିଧା:** ଅବସର ପରେ ପୂର୍ବତନ ରାଷ୍ଟ୍ରପତିମାନଙ୍କୁ ବାର୍ଷିକ ୨ ଲକ୍ଷ ଡଲାର ପେନ୍‌ସନ ମିଳିଥାଏ। ମୃତ୍ୟୁ ପରେ ସେମାନଙ୍କ ବିଧବା ପତ୍ନୀଙ୍କୁ ବାର୍ଷିକ ୧ ଲକ୍ଷ ଡଲାର ଭତ୍ତା ପ୍ରଦାନ କରାଯାଇଥାଏ।

## ଓବାମାଙ୍କ ଉପରାଷ୍ଟ୍ରପତି




ଆମେରିକା ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବାକୁ ଯାଉଥିବା ଜୋ ବାଇଡେନ୍‌ଙ୍କ ପୂରାନାମ ଜୋସେଫ୍ ରୋବିନେଟ୍ଟେ ବାଇଡେନ୍ ଜୁନିୟର। ୧୯୪୨ ନଭେମ୍ବର ୨୦ରେ ଜନ୍ମିତ ଏହି ରାଜନେତା ବାରାକ୍ ଓବାମା ପ୍ରଶାସନରେ ୨୦୦୯ରୁ ୨୦୧୭ ଉପରାଷ୍ଟ୍ରପତି ଥିଲେ। ଡେମୋକ୍ରାଟିକ ପାର୍ଟିର ସଦସ୍ୟ ଭାବେ ସେ ୧୯୭୩ରୁ ୨୦୦୯ ଡେଲାୱାରେରୁ ସିନେଟର ଥିଲେ। ପେନ୍‌ସିଲଭାନିଆର ସ୍କ୍ରାଣ୍ଟନରେ ଜନ୍ମିତ ବାଇଡେନ୍ ୧୯୬୮ରେ ସିରାକସ୍ ୟୁନିଭର୍ସିଟିରୁ ଆଇନରେ ଡିଗ୍ରୀ ହାସଲ ପରେ ୧୯୭୦ରେ ନ୍ୟୁ କାଷ୍ଟଲ୍ କାଉଣ୍ଟିର କାଉନ୍‌ସିଲର ନିର୍ବାଚିତ ହୋଇଥିଲେ। ଆମେରିକା ଇତିହାସରେ ଷଷ୍ଠ ସର୍ବକନିଷ୍ଠ ସିନେଟର ଭାବେ ସେ ୧୯୭୨ରେ ନିର୍ବାଚିତ ହୋଇଥିଲେ। ଦୀର୍ଘଦିନ ଧରି ସେ ସିନେଟ ଫରେନ୍ ରିଲେଶନ କମିଟିର ସଦସ୍ୟ ରହିବା ସହ ଏହାର ଅଧ୍ୟକ୍ଷ ହୋଇଥିଲେ। ୧୯୮୮ ଓ ୨୦୦୮ରେ ଡେମୋକ୍ରାଟିକ୍ ପାର୍ଟିରୁ ରାଷ୍ଟ୍ରପତି ପ୍ରାର୍ଥୀ ଦୌଡ଼ରେ ହାରିଯାଇଥିଲେ। ୨୦୨୦ ରାଷ୍ଟ୍ରପତି ନିର୍ବାଚନ ପାଇଁ ବାଇଡେନ୍ ୨୦୧୯ରେ ନିଜର ପ୍ରାର୍ଥିତ୍ୱ ଘୋଷଣା କରିଥିଲେ। ୨୦୨୦ ଜୁନ୍‌ରେ ପ୍ରାର୍ଥୀ ହେବା ପରେ ସେ କାଲିଫର୍ନିଆ ସିନେଟର କମଲା ହାରିସ୍‌ଙ୍କୁ ତାଙ୍କ ରନିଂ ମେଟ୍ ତଥା ଉପରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା କରିଥିଲେ।

## ଟ୍ରମ୍ପ୍ ସମର୍ଥକଙ୍କ ସଶସ୍ତ୍ର ବିକ୍ଷୋଭ



ଆମେରିକା ରାଷ୍ଟ୍ରପତି ନିର୍ବାଚନ ପରେ ଭୋଟଗଣତି ଜାରି ରହିଥିବାବେଳେ ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରାୟ ୨୦୦ ସମର୍ଥକ ଆରିଜୋନାର ଏକ ଭୋଟ କେନ୍ଦ୍ରରେ ବୁଧବାର ରାତିରେ ସଶସ୍ତ୍ର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମାସ୍କ ନ ପିନ୍ଧି ସେମାନେ ହାତରେ ରାଇଫଲ ଓ ହ୍ୟାଣ୍ଡଗନ୍ ଧରି ଧମକ ଦେଇଥିବା ଜଣାପଡ଼ିଛି। ଡେମୋକ୍ରାଟ୍ ପ୍ରାର୍ଥୀ ଜୋ ବାଇଡେନ୍ ଲିଡ୍ ନେଉଥିବା ଓ ଟ୍ରମ୍ପଙ୍କ ଭୋଟ ଉଦ୍ଦେଶ୍ୟମୂଳକ ଭାବେ ଗଣାଯାଉ ନ ଥିବା ପ୍ରଚାର ହେବା ପରେ ଏଭଳି ପରିସ୍ଥିତି ଦେଖାଦେଇଥିଲା। ସୋସିଆଲ ମିଡିଆରେ ଏଭଳି ମିଥ୍ୟା ପ୍ରଚାର ପରେ ଟ୍ରମ୍ପ ସମର୍ଥକମାନେ ରାଜରାସ୍ତାକୁ ଓହ୍ଲାଇଥିଲେ। ପ୍ରକାଶଥାଉ କି, ଆରିଜୋନାରେ ବାଇଡେନ୍‌ଙ୍କ ବିଜୟ ୧୧ ଇଲେକ୍ଟୋରାଲ ଭୋଟ ଆଣିଦେବ, ଯାହା ତାଙ୍କ ବିଜୟ ପଥକୁ ସୁଗମ କରିବ। ଡାଉନ୍‌ଟାଉନ୍ ଡେଟ୍ରୋଇଟ୍‌ରେ ମଧ୍ୟ ବୁଧବାର ଅନୁରୂପ ଘଟଣା ଘଟିଛି। ଭୋଟଗଣତି କେନ୍ଦ୍ରକୁ ରିପବ୍ଲିକାନ୍ ପାର୍ଟିର ୩୦ଜଣ ସମର୍ଥକ ପଶି ଜାଲିଆତି କରାଯାଉଛି ବୋଲି ଅଭିଯୋଗ କରିଥିଲେ। ଭୋଟଗଣତି ଜାରି ରହିଥିବାବେଳେ ସମ୍ଭାବ୍ୟ ପରାଜୟ ଭୟରେ ରିପବ୍ଲିକାନ୍ ପାର୍ଟିର ସମର୍ଥକମାନେ ବିଭିନ୍ନ ସ୍ଥାନରେ ଏଭଳି ବିକ୍ଷୋଭ କରୁଥିବା ଅଭିଯୋଗ ହୋଇଛି।

## ୧୩ ଭାରତୀୟ ବଂଶୋଦ୍ଭବ ଜିତିଲେ

ଆମେରିକାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ନିର୍ବାଚନରେ ୫ ମହିଳାଙ୍କ ସମେତ ୧୨ରୁ ଅଧିକ ଭାରତୀୟ-ଆମେରିକୀୟ ବିଜୟୀ ହୋଇଛନ୍ତି। ଏହା ବ୍ୟତୀତ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌କୁ ୪ ଭାରତୀୟ-ଆମେରିକୀୟ ପୁନଃ ନିର୍ବାଚିତ ହୋଇଛନ୍ତି। ସେମାନେ ହେଲେ ଡ. ଆମି ବେରା, ପ୍ରମିଳା ଜୟପାଲ, ରୋ ଖାନ୍ନା ଏବଂ ରାଜା କ୍ରିଷ୍ଣମୂର୍ତ୍ତି। ସେହିପରି ଭାରତୀୟ ବଂଶୋଦ୍ଭବ ବ୍ୟବସାୟୀ ଶ୍ରୀ ଥାନେଦାର ମିଶିଗାନ୍‌ରୁ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌କୁ ନିର୍ବାଚିତ ହୋଇଛନ୍ତି। ଅନ୍ୟ ୩ ଜଣ ରେସ୍‌ରେ ଥିବା ଜଣାପଡ଼ିଛି।

ରାଜ୍ୟ ବିଧାନସଭାକୁ ନିର୍ବାଚିତ ହୋଇଥିବା ୫ ମହିଳା ହେଲେ ଜେନିଫର ରାଜକୁମାର, ନିମା କୁଲକର୍ଣୀ, କେଶ ରାମ୍, ବନ୍ଦନା ସ୍ଲାଟର ଏବଂ ପଦ୍ମ କୁପ୍ପା। ଜେନିଫର ନ୍ୟୁୟର୍କ ରାଜ୍ୟ ବିଧାନସଭାକୁ ଯାଇଥିବାବେଳେ ନିମା କେଣ୍ଟୁକି, କେଶ ରାମ ଭେର୍‌ମଣ୍ଟ ରାଜ୍ୟ ସିନେଟ, ବନ୍ଦନା ୱାଶିଂଟନ ଏବଂ ପଦ୍ମା ମିଶିଗାନ ଷ୍ଟେଟ୍ ହାଉସ୍‌କୁ ନିର୍ବାଚିତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନୀରଜ ଆଣ୍ଟନି ଓହିଓ ଷ୍ଟେଟ୍ ସିନେଟକୁ ଯାଇଥିବାବେଳେ ଜୟ ଚୌଧୁରୀ ନର୍ଥ କାରୋଲିନା ଷ୍ଟେଟ୍ ସିନେଟକୁ ପୁନଃ ନିର୍ବାଚିତ ହୋଇଛନ୍ତି। ଅମିଶ୍ ଶାହା ଆରିଜୋନା ଷ୍ଟେଟ୍ ହାଉସକୁ, ନିଖିଲ ସଭାଲ ପେନ୍‌ସିଲଭାନିଆ ଷ୍ଟେଟ୍ ସିନେଟକୁ, ରଣଜୀବ ପୁରୀ ମିଶିଗାନ ଷ୍ଟେଟ୍ ହାଉସ୍‌କୁ ଏବଂ ଜେରେମି କୁନୀ ନ୍ୟୁୟର୍କ ଷ୍ଟେଟ୍ ସିନେଟକୁ ନିର୍ବାଚିତ ହୋଇଛନ୍ତି। ଆଶ୍ କର୍ଲା କାଲିଫର୍ନିଆ ଷ୍ଟେଟ୍ ଆସେମ୍ବ୍ଲିକୁ କ୍ରମାଗତ ତୃତୀୟ ଥର ପାଇଁ ନିର୍ବାଚିତ ହୋଇଥିବାବେଳେ ରବି ସାଣ୍ଡିଲ ଟେକ୍ସାସ୍‌ରେ ଡିଷ୍ଟ୍ରିକ୍ଟ ଜଜ୍ ନିର୍ବାଚନ ଜିତିଛନ୍ତି।

### ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌କୁ ଗଲେ ୫ ଜଣ




## ୧୨୦ ବର୍ଷରେ ସର୍ବାଧିକ ଭୋଟ

ଚଳିତ ନିର୍ବାଚନରେ ଭୋଟ ହାର ୧୨୦ ବର୍ଷର ରେକର୍ଡ ଭାଙ୍ଗିଛି। ଫ୍ଲୋରିଡା ବିଶ୍ୱବିଦ୍ୟାଳୟର ପ୍ରଫେସର ମିଚେଲ ମ୍ୟାକ୍‌ଡୋନାଲ୍ଡଙ୍କ କହିବା ଅନୁଯାୟୀ ୨୦୨୦ ନିର୍ବାଚନରେ ୧୬ କୋଟି ଭୋଟର ମତଦାନ କରିଛନ୍ତି। ଆମେରିକାରେ ୬୬.୯% ଯୋଗ୍ୟ ଭୋଟର ମତଦାନ କରିବା ୧୨୦ ବର୍ଷ ମଧ୍ୟରେ କେବେ ଦେଖାଯାଇ ନ ଥିଲା। ତଥାପି ଅନେକ ବାଲଟ ଏବେ ମଧ୍ୟ ଗଣତି ହୋଇନାହିଁ। ବାଇଡେନ୍ ବୁଧବାର ସକାଳେ ୨୩୮ ଇଲେକ୍ଟୋରାଲ ଭୋଟ ଜିଣିଥିଲେ। ଏବେ ଏହା ମ୍ୟାଜିକ୍ ନମ୍ବର (୨୭୦) ପାଖାପାଖି ପହଞ୍ଚିଛି। ଟ୍ରମ୍ପ ୨୧୪ ଇଲେକ୍ଟୋରାଲ ଭୋଟ ପାଇ ବହୁ ପଛରେ ପଡ଼ିଯାଇଛନ୍ତି। ୨୦୧୬ରେ ସର୍ବାଧିକ ୧୩୯ ନିୟୁତ ମତଦାନ କରାଯାଇଥିଲା। ଏଥିରେ ହିଲାରୀ କ୍ଲିଣ୍ଟନକୁ ହରାଇ ଟ୍ରମ୍ପ ବାଜି ମାରିନେଇଥିଲେ। ୨୦୧୨ରେ ମତଦାନ ହାର ୬୦.୧% ଥିଲା। ୨୦୦୦ ପୂର୍ବରୁ ୧୯୦୦ ମସିହାରେ ସର୍ବାଧିକ ୭୩.୭% ମତଦାନ କରାଯାଇଥିଲା। ସେତେବେଳେ ମହିଳାଙ୍କ ଭୋଟ ଦେବାର ଅଧିକାର ନ ଥିଲା। ୨୦୨୦ ହାଇ ଭୋଲ୍‌ଟେଜ୍ ରାଷ୍ଟ୍ରପତି ନିର୍ବାଚନରେ ପ୍ରାୟ ୬୪.୬ ନିୟୁତ ମେଲ୍ ବାଲଟ ଆସି ମଙ୍ଗଳବାର ପହଞ୍ଚିଥିଲା ବୋଲି ଆମେରିକାନ୍ ଇଲେକ୍ସନ ପ୍ରୋଜେକ୍ଟ ପକ୍ଷରୁ ଦର୍ଶାଯାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪,୮୬,୪୯,୨୨୪ | ୧୨,୩୩,୯୩୨ | ୩,୪୮,୩୫,୬୮୪ |
| ଭାରତ | ୮୩,୯୧,୫୮୧ | ୧,୨୪,୬୭୩ | ୭୭,୪୪,୫୩୪ |
| ଓଡ଼ିଶା | ୨,୯୭,୨୭୪ | ୧୩୭୮(+୫୩) | ୨,୮୩,୫୩୩ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଆଜିଠୁ ଇ-ବିଧାନସଭା ପ୍ରଶିକ୍ଷଣ

ଭୁବନେଶ୍ୱର, ୫।୧୧(ବ୍ୟୁରୋ): ବିଧାନସଭାର ଶୀତ ଅଧିବେଶନ ଆସନ୍ତା ୨୦ ତାରିଖରୁ ଆରମ୍ଭ ହେଉଛି। ଏଥିପୂର୍ବରୁ ଶୁକ୍ରବାରଠାରୁ ଇ-ବିଧାନସଭା ନେଇ ପ୍ରଶିକ୍ଷଣ ଶିବିର ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟରେ ବିଧାନସଭା କର୍ମଚାରୀଙ୍କୁ ଟ୍ରେନିଂ ଦିଆଯିବ। ଡିସେମ୍ବର ୩୧ ଯାଏ ଚାଲିବାକୁ ଥିବା ଶୀତ ଅଧିବେଶନରେ ମୋଟ ୪୦ କାର୍ଯ୍ୟ ଦିବସ ରହିବ। ନଭେମ୍ବର ୩୦, ଡିସେମ୍ବର ୨୫ରେ ଅଧିବେଶନ ବନ୍ଦ ରହିବ। ଶନିବାର ଏବଂ ରବିବାର ମଧ ଗୃହକାର୍ଯ୍ୟ ଚାଲିବ। ଅଧିବେଶନର ପ୍ରଥମ ଦିନରେ ରାଜ୍ୟ ସରକାର ଅତିରିକ୍ତ ବଜେଟ୍ ଆଗତ କରିବେ। ୨୯ ତାରିଖରେ ଅତିରିକ୍ତ ବଜେଟ୍ ଉପରେ ବ୍ୟୟ ମଞ୍ଜୁର ବିଲ୍ ଗୃହରେ ଅନୁମୋଦନ କରିବାର କାର୍ଯ୍ୟକ୍ରମ ରହିଛି। ଏଥର ବିଧାନସଭା ଦୈନିକ ସାଢ଼େ ୪ ଘଣ୍ଟା ଚାଲିବ। ପ୍ରଶ୍ନକାଳ ରହିବ ନା ନାହିଁ ସେ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। ବିଧାୟକ, ବିଧାନସଭାର ସରକାରୀ କର୍ମଚାରୀ ଏବଂ ଖବରଦାତାଙ୍କ କୋଭିଡ୍ ଟେଷ୍ଟ କରାଯିବା ଉପରେ ପରାମର୍ଶ ନିଆଯିବ ବୋଲି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସୂଚନା ଦେଇଛନ୍ତି।

### ଗୁଣପୁର ରାଜସ୍ୱ ପରିଦର୍ଶକ ନିଲମ୍ବିତ

ଗୁଣପୁର,୫।୧୧(ଡି.ଏନ୍.ଏ): ରାୟଗଡ଼ା ଜିଲା ଗୁଣପୁର ପଥର ଖାଦାନ-୧ରେ ବିସ୍ଫୋରଣ ଘଟି ୩ ଶ୍ରମିକଙ୍କ ମୃତ୍ୟୁ ଘଟଣାରେ ପୁଣି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ରାଜସ୍ୱ ପରିଦର୍ଶକ(ରେଭିନ୍ୟୁ ସୁପରଭାଇଜର) ଶରତ ଚନ୍ଦ୍ର ଆନନ୍ଦଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ସେହିପରି ଠିକା ଆର୍‌ଆଇ ସନ୍ତୋଷ ପଣ୍ଡା ଏବଂ ଏଆର୍‌ଆଇ ସନ୍ତୋଷ ଦାସଙ୍କୁ ବଦଳି କରାଯାଇଥିବାବେଳେ ଅତିରିକ୍ତ ତହସିଲଦାର କୁଶ ଗରଡିଆଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ଓଆର୍‌ଏସ୍(ସିଭିଲ୍ ସର୍ଭିସ୍) ବିଭାଗକୁ ସୁପାରିସ କରାଯାଇଥିବା ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ଠିକା ଆର୍‌ଆଇ ସନ୍ତୋଷ ପଣ୍ଡାଙ୍କୁ କାଶୀପୁର ଏବଂ ଠିକା ଏଆର୍‌ଆଇ ସନ୍ତୋଷ ଦାସଙ୍କୁ ମୁନିଗୁଡ଼ା ବଦଳି କରାଯାଇଛି। ଅନ୍ୟପକ୍ଷରେ ତାଙ୍କ ସ୍ଥାନରେ ଗୁଣପୁରରେ ଖାଲି ଥିବା ପଦବୀ ପୂରଣ କରାଯାଇଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ଅକ୍ଟୋବର ୧୬ରେ ପଥର ଖାଦାନରେ ବିସ୍ଫୋରଣ ଘଟିଥିଲା। ଏହି ଘଟଣାରେ ୨୦ରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଗୁଣପୁର ତହସିଲଦାର ଲକ୍ଷ୍ମୀ ନାରାୟଣ ସାବତଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିଲା। ଏଥିପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ଏଆର୍‌ଆଇ ଅନୁପ ମାର୍ଥାଙ୍କୁ ମଧ ଚାକିରିରୁ ନିଲମ୍ବନ କରାଯାଇଥିଲା। ଅତିରିକ୍ତ ତହସିଲଦାର ଗରଡା, ରାଜସ୍ୱ ପରିଦର୍ଶକ ଶରତ ଚନ୍ଦ୍ର ଆନନ୍ଦଙ୍କ ସମେତ ଠିକାରେ କାର୍ଯ୍ୟରତ ଆର୍‌ଆଇ ଏବଂ ଏଆରଆଇଙ୍କୁ କାରଣ ଦର୍ଶାଅ ନୋଟିସ କରାଯାଇଥିଲା। ତେବେ ଉତ୍ତର ସନ୍ତୋଷଜନକ ନ ଥିବାରୁ ସେମାନଙ୍କ ବିରୋଧରେ ପଦକ୍ଷେପ ନିଆଯାଇଥିବା ଉପଜିଲାପାଳ ପଣ୍ଡା କହିଛନ୍ତି।

# ଉପକୂଳରେ ୨ ଦିନିଆ ମିଳିତ ସମରାଭ୍ୟାସ

**ପାରାଦୀପ, ୫।୧୧(ସ୍ୱ.ପ୍ର.)**

ଓଡ଼ିଶା ଓ ପଶ୍ଚିମବଙ୍ଗର ପୂର୍ବଉପକୂଳରେ ୨ ଦିନିଆ ମିଳିତ ସମରାଭ୍ୟାସ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହି କ୍ରମରେ ପାରାଦୀପ ସାମୁଦ୍ରିକ ଥାନା ଓ ଆଖପାଖ ଅଞ୍ଚଳର ଉପକୂଳବର୍ତ୍ତୀ ସମୁଦ୍ର ସୀମାରେ ମିଳିତ ପାଟ୍ରୋଲିଂ କରାଯାଇଛି। ଏହି ସମରାଭ୍ୟାସର ନାମ ସାଗର କବଚ(ଓଡିଡବ୍ଲୁବି-୦୨) ରଖାଯାଇଛି।



ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ଆରମ୍ଭ ହୋଇଥିବା ମିଳିତ ସମରାଭ୍ୟାସ।

ଏଥିରେ ନୌସେନା, କୋଷ୍ଟଗାର୍ଡ, ମେରାଇନ ପୋଲିସ, ଓଡ଼ିଶା ପୋଲିସ, ମତ୍ସ୍ୟବିଭାଗ, ବନ ବିଭାଗ, ଇମିଗ୍ରେଶନ, କଷ୍ଟମ୍ସ, ସିଆଇଏସ୍‌ଏଫ୍ ଓ ପୋର୍ଟ ସମେତ ୧୩ ସୁରକ୍ଷା ସଂସ୍ଥା ସାମିଲ ହୋଇଛନ୍ତି। ନିଜ ସୀମାରେ କୌଣସି ଛଦ୍ମବେଶୀ ଆତଙ୍କବାଦୀ ପ୍ରବେଶ କଲେ ସେମାନଙ୍କୁ କିପରି ଧରାଯିବ ସେଥିପାଇଁ ଅଭ୍ୟାସ କରାଯାଇଛି। ୨୦୦୮ ନଭେମ୍ବର ୨୬ରେ ପାକିସ୍ତାନ ଆତଙ୍କବାଦୀ ଉପକୂଳ ସୀମା ଦେଇ ଭାରତରେ ପ୍ରବେଶ କରି ମୁମ୍ବାଇ ସହରରେ ଆକ୍ରମଣ କରିଥିଲା। ସେତେବେଳେ ସୁରକ୍ଷାକର୍ମୀଙ୍କ ମଧ୍ୟରେ ସମନ୍ୱୟ ରହି ନ ଥିଲା। ଉକ୍ତ ଘଟଣା ପରେ କେନ୍ଦ୍ର ସରକାର ସେଭଳି ପରିସ୍ଥିତିର ମୁକାବିଲା ପାଇଁ ପ୍ରତିବର୍ଷ ୨ଥର ଦେଶର ପୂର୍ବ ଉପକୂଳରେ ମିଳିତ ସମରାଭ୍ୟାସ କରୁଛନ୍ତି। ମାତ୍ର କୋଭିଡ୍ ଯୋଗୁ ଚଳିତ ବର୍ଷ ଗୋଟିଏ ଥର ସମରାଭ୍ୟାସ କରାଯିବ ବୋଲି ଜଣେ ସୁରକ୍ଷା ଅଧିକାରୀ କହିଛନ୍ତି।

## କୃଷି ଆଇନ ବିରୋଧରେ ରାସ୍ତାରେ ଚାଷୀ

ଭୁବନେଶ୍ୱର, ୫।୧୧(ବ୍ୟୁରୋ): ଜାତୀୟ କୃଷି ଆଇନକୁ ବିରୋଧ କରି ଗୁରୁବାର ରାସ୍ତାକୁ ଓହ୍ଲାଇଛନ୍ତି ଚାଷୀ। ନବନିର୍ମାଣ କୃଷକ ସଙ୍ଗଠନର ଶତାଧିକ କର୍ମକର୍ତ୍ତା ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ହାଇଟେକ୍ ଛକ ନିକଟରେ ରାସ୍ତା ଅବରୋଧ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୋଲିସ ପହଞ୍ଚି କୃଷକ ନେତା ଅକ୍ଷୟ କୁମାରଙ୍କ ସମେତ ଶତାଧିକ ଚାଷୀଙ୍କୁ ଅଟକାଇଥିଲା। ଏହି ସମୟରେ ପୋଲିସ ସହ ଚାଷୀଙ୍କ ଧସ୍ତାଧସ୍ତି ହୋଇଥିଲା। ଭିଡ଼ ନିୟନ୍ତ୍ରଣ କରିବାକୁ ଶତାଧିକ ଚାଷୀଙ୍କୁ ପୋଲିସ ଉଠାଇ ନେଇ ପରେ ଛାଡ଼ି ଦେଇଛି।




# ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ ଅଧକ୍ଷାଙ୍କ ତଦନ୍ତ

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୫।୧୧(ଡି.ଏନ.ଏ.)**

**ରାଜଧାନୀରେ ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ଘଟଣା**

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଞ୍ଚଳର ଆଦିବାସୀ ନାବାଳିକାଙ୍କୁ ବିଏମ୍‌ସି(ଭୁବନେଶ୍ୱର ମ୍ୟୁନିସିପାଲ୍‌ଟି କର୍ପୋରେଶନର) ଜଣେ ଡେପୁଟି କମିଶନରଙ୍କ ଘରେ ବଳାତ୍କାର କରାଯିବା ଘଟଣା ନେଇ କଡ଼ା ଆଭିମୁଖ୍ୟ ପ୍ରକାଶ ପାଇଛି। ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ଗୁରୁବାର ବାଲିଚନ୍ଦ୍ରପୁର ଥାନାରେ ପହଞ୍ଚି ଉକ୍ତ ମାମଲାର ତଦନ୍ତ କରିଛନ୍ତି। ଏହାପରେ ଅଧକ୍ଷା ପୀଡ଼ିତା ରହୁଥିବା ସ୍ଥାନ ପରିଦର୍ଶନ କରି ଘଟଣାର ଅନୁଧ୍ୟାନ କରିଛନ୍ତି। ଏ ସମ୍ପର୍କରେ ସେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ପୀଡ଼ିତାଙ୍କୁ କିପରି ନ୍ୟାୟ ମିଳିବ ସେ ଦିଗରେ ଆମେ ଗୁରୁତ୍ୱ ଦେଇଛୁ। ଘଟଣା ସମ୍ପର୍କରେ ଯାଜପୁର ଏସ୍‌ପି ଚରଣ ସିଂ ମିନାଙ୍କ ସହିତ ଆଲୋଚନା କରିବେ। ସମ୍ପୃକ୍ତ ଡେପୁଟି କମିଶନର ଜଣେ ନାବାଳିକାଙ୍କୁ



ଅଧକ୍ଷା ତଦନ୍ତ କରୁଛନ୍ତି

ଶିଶୁଶ୍ରମିକଭାବେ ନିଯୁକ୍ତି କରିଥିବାରୁ ତାଙ୍କ ନାମରେ ଚାଇଲ୍ଡ ଲେବର ଆକ୍ଟ ଅନୁଯାୟୀ ମାମଲା ରୁଜୁ କରାଯିବ। ବାଲିଚନ୍ଦ୍ରପୁର ପୋଲିସ ନାବାଳିକାଙ୍କ ଡାକ୍ତରୀ ମାଇନା କରିବା ସହ ତାଙ୍କ ବୟାନ ରେକର୍ଡ କରିଛି। ଏହି ମାମଲାରେ ଖୁବ୍‌ଶୀଘ୍ର ଚାର୍ଜସିଟ୍ ଦାଖଲ କରିବାକୁ ସେ ପୋଲିସ ସହିତ ଆଲୋଚନା କରିବେ ବୋଲି ପ୍ରକାଶ କରିଛନ୍ତି। ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ପୀଡ଼ିତାଙ୍କୁ ମାନସିକ ସ୍ଥିରତା ଓ ସାମାଜିକ ସୁରକ୍ଷା ଯୋଗାଇ ଦିଆଯିବ। ସେ କିପରି ଶିକ୍ଷାଲାଭ କରିବେ ସେଥିପାଇଁ ଶିଶୁ ସୁରକ୍ଷା ୟୁନିଟ୍ କାମ କରିବ। ପରିବାର ପ୍ରତି ଯଦି ବିପଦ ଥାଏ ପୋଲିସ୍ ତାଙ୍କୁ ସୁରକ୍ଷା ଦେବ ବୋଲି ଅଧକ୍ଷା ପ୍ରକାଶ କରିଥିଲେ। ତାଙ୍କ ସହ ଯାଜପୁର ଜିଲା ଶିଶୁ ସୁରକ୍ଷା ଆଇନ ଅଧିକାରୀ ତପନ ପଣ୍ଡା ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ନାବାଳିକା ସମ୍ପୃକ୍ତ ବିଏମ୍‌ସି ଡେପୁଟି କମିଶନରଙ୍କ ଭୁବନେଶ୍ୱରସ୍ଥିତ ଘରେ କାର୍ଯ୍ୟ କରୁଥିଲେ। ଡେପୁଟି କମିଶନରଙ୍କ ଶ୍ୱଶୁର ତାଙ୍କୁ ବଳାତ୍କାର କରିଥିଲେ ବୋଲି ପୀଡ଼ିତାଙ୍କ ମା' ଗତ ସୋମବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୩୦୬/୨୦) ରୁଜୁ କରିଥିଲା।




# ମଞ୍ଚରୁ ଆଉ ଶୁଭିବନି 'ମୁଁ ଅନ୍ଧ ଭିକାରି' ଗୀତ

**ଖଣ୍ଡପଡ଼ା,୫।୧୧(ସ୍ୱ.ପ୍ର.)**

ଭଜନ ମଣ୍ଡପରୁ ଆଉ ଶୁଭିବନି 'ମୁଁ ଅନ୍ଧ ଭିକାରି, ହାତ ଧରି ମୋତେ କରିଦେ ପାରି..' ଗୀତ। ଜୀବନବ୍ୟାପୀ ଜଗନ୍ନାଥ ସଙ୍ଗୀତର ସଫଳ ସାଧକ କଣ୍ଠଶିଳ୍ପୀ ଭିକାରୀ ମହମ୍ମଦ ଆଉ ନାହାନ୍ତି। ଗୁରୁବାର ଭୋର ସମୟରେ ୭୧ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଛି। ପ୍ରଥମେ ପକ୍ଷାଘାତ, ପରେ କରୋନା ପଜିଟିଭ୍‌ରେ ସଂକ୍ରମିତ ହୋଇ ସେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ଖବର ପାଇ ତାଙ୍କ ପ୍ରଶଂସକ, ଶୁଭେଚ୍ଛୁଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ ପରିସରରେ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। କଟକ ସତୀଚଉରାଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ରାଜ୍ୟରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମହମ୍ମଦ ଯୋଗଦେଇ ଭଜନ ପରିବେଷଣ କରିବାର କଳାକୁ ମନେ ପକାଉଛନ୍ତି ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିମାନେ। ତାଙ୍କ ମୃତ୍ୟୁରେ ଖଣ୍ଡପଡ଼ାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ, ସିଦ୍ଧାର୍ଥ ଶେଖର ସିଂହ, ପୂର୍ବତନ ମନ୍ତ୍ରୀ ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ, ବରିଷ୍ଠ ଆଇନଜୀବୀ ମାଧବ ପ୍ରସାଦ ମିଶ୍ର, ବାସୁଦେବ ରଥ, ପୂର୍ବତନ ବିଧାୟିକା ବିଜୟଲକ୍ଷ୍ମୀ ପଟ୍ଟନାୟକ, ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ, ଦୁଷ୍ମନ୍ତ କୁମାର ସ୍ୱାଇଁ, ଶିକ୍ଷାବିତ୍ ଜଗଦୀଶ ମହାପାତ୍ର, ବରିଷ୍ଠ ସାମ୍ବାଦିକ ମନୋଜ ଦାସଙ୍କ ସମେତ ନୟାଗଡ଼ ଜିଲା କଳାକାର ସଂଘର ସଦସ୍ୟମାନେ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରର୍ଗଙ୍କୁ ସମବେଦନା ଜଣାଇଛନ୍ତି ।



ଭିକାରୀ ମହମ୍ମଦ

# ହାତୀ ଆକ୍ରମଣରେ ବଡ଼ଭାଇ ମୃତ, ସାନ ବର୍ତ୍ତିଲେ

**ବିଶୋଇ,୫।୧୧(ଡି.ଏନ୍.ଏ.)**

**ଖଟିଆରେ ବୋହି ମେଡିକାଲ ନିଆଗଲା ମୃତଦେହ**

ମୟୂରଭଞ୍ଜ ଜିଲା ତାଳବନ୍ଧ ବନ୍ୟପ୍ରାଣୀ ରେଞ୍ଜ ଅନ୍ତର୍ଗତ ବିଙ୍ଗବୁରୁ ଜଙ୍ଗଲରେ ବୁଧବାର ହାତୀ ଆକ୍ରମଣରେ ବଡ଼ଭାଇଙ୍କ ମୃତ୍ୟୁ ଘଟିଥିବା ବେଳେ ସାନ ଭାଇ ଅଳ୍ପକେ ବର୍ତ୍ତିଯାଇଥିବା ସୂଚନା ମିଳିଛି। ମୃତକ ହେଲେ ବଡ଼ମଣଦା ପଞ୍ଚାୟତ ଆହ୍ଲାପାଣି ଗ୍ରାମ ବଡ଼ଗୁଡା ସାହିର ବୈକୁଣ୍ଠ ଦେହୁରୀ (୫୦)।

ସୂଚନା ଅନୁଯାୟୀ, ବୈକୁଣ୍ଠ ନିଜ କକା ପୁଅ ଭାଇ ନୀଳକଣ୍ଠ ଦେହୁରୀଙ୍କ ସହିତ ଗ୍ରାମଠାରୁ ୨ କି.ମି ଦୂର ବିଙ୍ଗବୁରୁ ଜଙ୍ଗଲରୁ ଝୁଣା ସଂଗ୍ରହ କରି ଅପରାହ୍ନ ୪ଟାରେ ଫେରୁଥିବାବେଳେ ହାତୀ ହାବୁଡ଼ରେ ପଡ଼ିଥିଲେ। ଦୁଇଟି ହାତୀ ବୈକୁଣ୍ଠଙ୍କୁ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ନୀଳକଣ୍ଠ ଅଳ୍ପକେ ରକ୍ଷା ପାଇ ସେଠାରୁ ପଳାଇ ଆସିଥିଲେ। ପରେ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ବୈକୁଣ୍ଠଙ୍କ ମୃତଦେହ ଉଦ୍ଧାର କରିବା ସହିତ ମଣଦା ବନବିଭାଗ ଓ ଫାଣ୍ଡିକୁ ଖବର ଦେଇଥିଲେ। ବନବିଭାଗ ଅଧିକାରୀ ବନବିହାରୀ ସର୍ଦ୍ଦାରଙ୍କ ନିର୍ଦ୍ଦେଶ କ୍ରମେ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଗାଁକୁ ଆଣିଥିଲେ। ମୃତଦେହକୁ ମଣଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ପାଇଁ ବନବିଭାଗ ପକ୍ଷରୁ ମୃତକଙ୍କ ପରିବାରକୁ ୨ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ତେବେ ମେଡ଼ିକାଲ ନେବା ପାଇଁ ଦିଆଯାଇଥିବା ଆର୍ଥିକ ସହାୟତା ନିଅଣ୍ଟ ହେବାରୁ ଗୁରୁବାର ସକାଳେ ମୃତଦେହକୁ ଗ୍ରାମବାସୀ ଖଟିଆରେ ବୋହି ମେଡ଼ିକାଲ ନେବା ପାଇଁ ପ୍ରୟାସ କରିଥିଲେ। ୫ କି.ମି ଯିବା ପରେ ବନ କର୍ମଚାରୀମାନେ ପହଞ୍ଚି ମୃତଦେହକୁ ଆମ୍ବୁଲାନ୍ସ ସହାୟତାରେ ମେଡ଼ିକାଲ ପଠାଇବାର ବ୍ୟବସ୍ଥା କରିଥିଲେ।

## ମହିଳାଙ୍କୁ ଦଳିଦେଲା ଦନ୍ତା

**ଲହୁଣୀପଡ଼ା, ୫।୧୧(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ବାଙ୍କି ରେଞ୍ଜ୍ ଅଧୀନ କୁଚେଇତା ଗ୍ରାମର ଜଣେ ମହିଳାଙ୍କୁ ବୁଧବାର ବିଳମ୍ବିତ ରାତିରେ ଦନ୍ତା ହାତୀ ଦଳି ମାରିଦେଇଛି। ସେ ହେଲେ ପାଣ୍ଡରା ମୁଣ୍ଡାଙ୍କ ସ୍ତ୍ରୀ ମନିକା (୪୨)। ହାତୀ ଉପଦ୍ରବରୁ ଫସଲକୁ ସୁରକ୍ଷା କରିବାକୁ ଗ୍ରାମବାସୀ ପାଳିକରି ଜଗୁଛନ୍ତି। ବୁଧବାର ରାତିରେ ପାଣ୍ଡରା ଏବଂ ମନିକା ବିଲକୁ ଯାଉଥିବା ବେଳେ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ପାଣ୍ଡରା ଦୌଡି ପଳାଇ ଆସିଥିବାବେଳେ ହାତୀ ଆକ୍ରମଣରେ ମନିକାଙ୍କ ମୃତ୍ୟୁ ଘଟିଥିଲା। ଗ୍ରାମବାସୀ ଏବଂ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଚାନ୍ଦିପୋଷ ପୋଲିସକୁ ସୂଚନା ଦେଇଥିଲେ। ଗୁରୁବାର ପୋଲିସ ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ଲାଗି ଲହୁଣୀପଡା ଡାକ୍ତରଖାନାକୁ ପଠାଇଥିଲା। ଏସିଏଫ୍ ଟଙ୍କଧର ବେହେରା, ରେଞ୍ଜର ଅଜୟ କୁମାର ଖେସ, ଫରେଷ୍ଟର ବିଜୟ କୋଠି, ବନରକ୍ଷୀ ଅଲିଅଳ ବେହେରା ପ୍ରମୁଖ ତଦନ୍ତ କରିଛନ୍ତି। ବନ ବିଭାଗ ତରଫରୁ ମୃତକଙ୍କ ପରିବାରକୁ ପ୍ରାଥମିକ ପର୍ଯ୍ୟାୟରେ ୪୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି।



## ଜମି ଦୁର୍ନୀତି ସତ ହୋଇଥିଲେ ଦୁର୍ଭାଗ୍ୟଜନକ: ନିରଞ୍ଜନ

ଭୁବନେଶ୍ୱର, ୫।୧୧(ବ୍ୟୁରୋ): ରାଜ୍ୟରେ ବ୍ୟାପକ ଜମି ଦୁର୍ନୀତି ହୋଇଛି। ଏହାକୁ ଉଦ୍ଦେଶ୍ୟମୂଳକ ଭାବେ ଚାପି ଦେବାକୁ ଉଦ୍ୟମ କରାଯାଉଛି। ରାଜ୍ୟ ସରକାରଙ୍କ ବିରୋଧରେ ୨୦ ହଜାର ଟଙ୍କାର ଜମି ଦୁର୍ନୀତି ଅଭିଯୋଗ ରହିଛି। ଯଦି ଏହା ସତ ହୋଇଥାଏ ତେବେ ଦୁର୍ଭାଗ୍ୟଜନକ ବୋଲି ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ଏହାର ନିରପେକ୍ଷ ତଦନ୍ତ ହେବା ଆବଶ୍ୟକ ବୋଲି ସେ ଦାବି କରିଛନ୍ତି।


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


ପ୍ରଥମ ପୃଷ୍ଠାରୁ...

## ବିଜୟ ପଥେ...

ଟ୍ରମ୍ପ୍ ଏଥିରେ ମର୍ମାହତ ହୋଇ ଟୁଇଟ୍ କରିଛନ୍ତି, ସେମାନେ ପେନ୍‌ସିଲଭାନିଆ, ୱିସ୍କୋନ୍‌ସିନ ଓ ମିଶିଗାନ ସବୁଠି ବାଇଡେନଙ୍କ ସପକ୍ଷରେ ଭୋଟ ଗଣତି କରୁଛନ୍ତି। ଏହା ଆମ ଦେଶ ପାଇଁ ଦୁର୍ଭାଗ୍ୟର ବିଷୟ। ଫଳାଫଳକୁ ନେଇ ନିରାଶ ଟ୍ରମ୍ପ୍ ଏହାକୁ ଚ୍ୟାଲେଞ୍ଜ କରି ପେନ୍‌ସିଲଭାନିଆ, ମିଶିଗାନ ଓ ଜର୍ଜିଆ କୋର୍ଟରେ ଲ'ସୁଟ୍ ଫାଇଲ୍ କରିଛନ୍ତି। ରାଷ୍ଟ୍ରପତିଙ୍କ ଏହି ଉଦ୍ୟମକୁ ସମାଲୋଚକମାନେ 'ତୁଚ୍ଛ' ଆଖ୍ୟା ଦେଇଛନ୍ତି।

ଟ୍ରମ୍ପ୍ ହ୍ୱାଇଟ୍ ହାଉସ୍‌ରେ ଥାଇ କୌଣସି ସମର୍ଥକ ବା ଖବରଦାତାଙ୍କୁ ଭେଟିନାହାନ୍ତି। ସେ ନିର୍ବାଚନୀ ବ୍ୟବସ୍ଥାର ସ୍ୱଚ୍ଛତାକୁ ନେଇ ଟୁଇଟର୍‌ରେ ସନ୍ଦେହ ବ୍ୟକ୍ତ କରିଚାଲିଛନ୍ତି। ଅନ୍ୟ ଏକ ଟୁଇଟ୍‌ରେ ଟ୍ରମ୍ପ୍ କହିଛନ୍ତି, ଗତ ରାତିରେ ମୁଁ ଅନେକ ରାଜ୍ୟରେ ଆଗରେ ଥିଲି। କିନ୍ତୁ ଡେମୋକ୍ରାଟ୍‌ମାନେ ଗୋଟିଏ ଗୋଟିଏ କରି ସବୁ ରାଜ୍ୟକୁ କବ୍‌ଜା କରିନେଇଛନ୍ତି। ସବୁଠି ପୋଷ୍ଟାଲ ଭୋଟ ବାଇଡେନଙ୍କ ସପକ୍ଷରେ କିପରି ଯାଉଛି ବୋଲି ଟ୍ରମ୍ପ୍ ପ୍ରଶ୍ନ କରିଛନ୍ତି। କୋଭିଡ୍-୧୯ ମହାମାରୀ ସଂକ୍ରମଣ ଏଡ଼ାଇବା ପାଇଁ ଏଥର ନ୍ୟୁଜର୍ସି ଓ କାଲିଫର୍ନିଆ ଭଳି ରାଜ୍ୟଗୁଡ଼ିକର ସମସ୍ତ ଭୋଟରଙ୍କ ପାଖକୁ ପୋଷ୍ଟାଲ ବାଲଟ୍ ପଠାଯାଇଥିଲା। କରୋନା ମୁକାବିଲାରେ ବିଫଳତାକୁ ନେଇ ଟ୍ରମ୍ପଙ୍କୁ ସମାଲୋଚନା କରୁଥିବା ଭୋଟର ତାଙ୍କ ଚ୍ୟାଲେଞ୍ଜର ବାଇଡେନ୍‌ଙ୍କୁ ଜିତାଇଥିବା କୁହାଯାଉଛି। ୬୨.୧ ନିୟୁତ ଲୋକ ପୋଷ୍ଟାଲ ବାଲଟ୍ ବ୍ୟବହାର କରିଥିବା ଜଣାପଡ଼ିଛି।

ଏହି ନିର୍ବାଚନରେ ବାଇଡେନ୍ ସର୍ବାଧିକ ପପୁଲାର ଭୋଟ ହାସଲ କରି ରେକର୍ଡ ସୃଷ୍ଟି କରିଛନ୍ତି। ବୁଧବାର ଅପରାହ୍ନ ସୁଦ୍ଧା ଗଣତିରେ ତାଙ୍କ ସପକ୍ଷରେ ୭୦.୩ ନିୟୁତ ବାଲଟ ପଡ଼ିଥିବା ଜଣାପଡ଼ିଛି। ଏହି ସଂଖ୍ୟା ଆହୁରି ବଢ଼ିପାରେ ବୋଲି କୁହାଯାଉଛି। ତେବେ ଏହି ପପୁଲାର ଭୋଟକୁ ନେଇ ନୁହେଁ, ବରଂ ରାଜ୍ୟଗୁଡ଼ିକର ଜନସଂଖ୍ୟା ଅନୁସାରେ ଇଲେକ୍ଟୋରାଲ କଲେଜକୁ ନେଇ ଭୋଟ ଗଣତି ହୋଇଥାଏ। ସେପଟେ ବାଇଡେନଙ୍କ ସପକ୍ଷରେ ଜନମତ ଆସିବାରେ ଲାଗିଥିବାବେଳେ ସମଗ୍ର ଆମେରିକାରେ ବିକ୍ଷୋଭ ଆରମ୍ଭ ହୋଇଛି। ନ୍ୟୁୟର୍କ ସିଟିରେ ହଜାର ହଜାର ବିକ୍ଷୋଭକାରୀ ଶୋଭାଯାତ୍ରା କରି ଏକ ପାର୍କରେ ଏକତ୍ରିତ ହୋଇଥିଲେ। ସେମାନେ ସ୍ଲୋଗାନ ଦେଉଥିଲେ, 'ପ୍ରତ୍ୟେକ ଭୋଟ୍‌ର ଗଣତି କରାଯାଉ'।

## ଜୀବନ ପ୍ରଦୀପ...

ଗତ ଉପନିର୍ବାଚନ ସମୟରେ ବିଜେଡି ପ୍ରାର୍ଥିତ୍ୱକୁ ନେଇ ଜୀବନ ପ୍ରଦୀପ ଏବଂ ବାଲେଶ୍ୱରର ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନାଙ୍କ ଗୋଷ୍ଠୀ ମଧ୍ୟରେ ପ୍ରବଳ ମତଭେଦ ଦେଖିବାକୁ ମିଳିଥିଲା। ଦଳ ପକ୍ଷରୁ ବାରମ୍ବାର ବୈଠକ ବସି ଉଭୟଙ୍କ ମଧ୍ୟରେ ମତଭେଦ ଦୂର କରିବା ଲାଗି ଚେଷ୍ଟା କରାଯାଇଥିଲା। ଉପନିର୍ବାଚନରେ ଦଳୀୟ ଟିକେଟ ହାତେଇବା ପାଇଁ ଉଭୟ ଗୋଷ୍ଠୀଙ୍କ ଭିତରେ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତା ଚାଲିଥିଲା। ତେବେ ଜୀବନ ୨୦୦୦ରେ ଭାଜପା ଟିକେଟରୁ ବାଲେଶ୍ୱର ବିଧାନସଭା ଆସନରୁ ପ୍ରଥମ ଥର ଲାଗି ବିଜୟୀ ହୋଇଥିଲେ। ଏହାପରେ ୨୦୦୯ ଏବଂ ୨୦୧୪ରେ ସେ ଦୁଇଥର ବିଜେଡି ଟିକେଟରୁ ବିଜୟ ଲାଭ କରିଥିବା ବେଳେ ୨୦୧୯ରେ ତାଙ୍କୁ ଭାଜପା ପ୍ରାର୍ଥୀ ମଦନ ମୋହନ ଦତ୍ତଙ୍କ ଠାରୁ ପରାସ୍ତ ହେବାକୁ ପଡ଼ିଥିଲା। ଏନେଇ ଜୀବନ ପ୍ରଦୀପ ଦାସ କହିଛନ୍ତି, ଦଳର ଏଭଳି ନିଷ୍ପତ୍ତିରେ ଆଶ୍ଚର୍ଯ୍ୟ ପ୍ରକଟ କରୁଛି। ଦଳରେ ଦୀର୍ଘଦିନ ଧରି ଶୃଙ୍ଖଳିତ ସଦସ୍ୟ ହୋଇ ରହିଛି। ଉପନିର୍ବାଚନରେ ଯାହା ଦାୟିତ୍ୱ ମିଳିଲା କରିଛି। ନୂଆ ପ୍ରାର୍ଥୀଙ୍କୁ ସ୍ୱାଗତ କରିବାଠାରୁ ରାଲି, ସମାବେଶରେ ଯୋଗ ମଧ୍ୟ ଦେଇଛି। ମତଭେଦକୁ ଭୁଲି କାମ କରିଥିଲି। ହେଲେ ଦଳର ଏଭଳି ନିଷ୍ପତ୍ତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବେ। ନିଶ୍ଚିତ କେହି ତାଙ୍କ ବିରୋଧରେ ଚକ୍ରାନ୍ତ କରିଥିବା ସେ କହିଛନ୍ତି।

## ସଂକ୍ରମଣ କମାଉଛି...

ଦୁଇଟି ଗୋଷ୍ଠୀଙ୍କୁ ନେଇ ହୋଇଥିବା ଏହି ଗବେଷଣାରେ ୧୨ଜଣ ବିଶେଷଜ୍ଞ ଡାକ୍ତର ସାମିଲ ହୋଇଥିଲେ। ସ୍ୱାସ୍ଥ୍ୟକର୍ମୀଙ୍କ ଗୋଟିଏ ଗୋଷ୍ଠୀଙ୍କୁ ୭୨ଘଣ୍ଟା ବ୍ୟବଧାନରେ ଆଇଭରମେକ୍ଟିନର ଦୁଇଟି ଡୋଜ୍ ଦିଆଯାଇଥିଲା। ଶରୀର ଓଜନର ପ୍ରତି ଏକ କିଲୋଗ୍ରାମ ପିଛା ୩୦୦ ମାଇକ୍ରୋଗ୍ରାମ ଆଇଭରମେକ୍ଟିନ ଦିଆଯାଇଥିଲା। ସେହିଭଳି ଅନ୍ୟଏକ ଗୋଷ୍ଠୀକୁ ଅନ୍ୟ ଏକ ପ୍ରୋଫିଲାକ୍ସିସ୍ ପ୍ରଦାନ କରାଯାଇଥିଲା। ଏନେଇ ଏମ୍‌ସ ଭୁବନେଶ୍ୱର ନିର୍ଦ୍ଦେଶିକା ଗୀତାଞ୍ଜଳି ବଟମାନ୍‌ବେନ୍ କହିଛନ୍ତି, ଆଇଭରମେକ୍ଟିନର ଦୁଇ ଡୋଜ୍ ଦ୍ୱାରା ସ୍ୱାସ୍ଥ୍ୟକର୍ମୀଙ୍କ ମଧ୍ୟରେ କୋଭିଡ୍-୧୯ ସଂକ୍ରମଣ ଆଶଙ୍କା ୭୩ ପ୍ରତିଶତ କମିପାରୁଛି। ଏମ୍‌ସ ଭୁବନେଶ୍ୱରରେ ୪,୬୦୦ କର୍ମଚାରୀ ଥିବାବେଳେ ସେମାନଙ୍କ ମଧ୍ୟରୁ ଏବେସୁଦ୍ଧା ୬୨୫ଜଣ କୋଭିଡ୍‌ରେ ସଂକ୍ରମିତ ହୋଇଛନ୍ତି। ତେବେ ୩୭୨ ଡାକ୍ତର, ନର୍ସ, ପାରାମେଡିକାଲ କର୍ମୀ ଏବଂ ସଫେଇ କର୍ମଚାରୀଙ୍କୁ ନେଇ ଏହି ମାସବ୍ୟାପୀ ଗବେଷଣା କରାଯାଇଥିଲା। କଣ୍ଟାକ୍ଟ ଟ୍ରେସିଂ ଅନୁଯାୟୀ କୋଭିଡ୍‌ରେ ସଂକ୍ରମିତ ହେବାର ଆଶଙ୍କା ଯେଉଁମାନଙ୍କର ଅଧିକ ରହିଥିଲା ସେମାନଙ୍କୁ ଏହି ଗବେଷଣାରେ ଅନ୍ତର୍ଭୁକ୍ତ କରାଯାଇଥିଲା। ପ୍ରାରମ୍ଭରେ ପ୍ରତିଦିନ ୨୦ରୁ ୨୫ଜଣ ସ୍ୱାସ୍ଥ୍ୟକର୍ମୀ ଭୂତାଣୁ ସଂକ୍ରମିତ ହେଉଥିବାବେଳେ ଆଇଭରମେକ୍ଟିନ ନେବାପରେ ସଂକ୍ରମଣ ସଂଖ୍ୟା ପ୍ରତ୍ୟହ ଗୋଟିଏ କିମ୍ବା ଦୁଇଟିକୁ ଖସିଆସିଥିଲା। ଅପେକ୍ଷାକୃତ କମ୍ ଦାମରେ ମିଳୁଥିବା ଏହି ଔଷଧ ସାର୍ସ କୋଭ୍-୨ ଭାଇରସ୍ ବିରୋଧରେ ସଫଳ ସାବ୍ୟସ୍ତ ହୋଇଥିବାରୁ ଏମ୍‌ସ ପକ୍ଷରୁ ଏହାକୁ ବ୍ୟବହାର କରିବାକୁ ସ୍ଥିର କରାଯାଇଥିଲା ବୋଲି ବଟମାନବେନ୍ କହିଛନ୍ତି।

## ପୋଖରୀରେ ବୁଡ଼ି...

ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯୋରନ୍ଦା ଅଗ୍ନିଶମ ବାହିନୀ ସହାୟତାରେ ଲକ୍ଷ୍ମୀପ୍ରିୟାଙ୍କୁ ଉଦ୍ଧାର କରାଯାଇଥିଲା। ସେତେବେଳକୁ ତାଙ୍କର ମୃତ୍ୟୁ ଘଟିସାରିଥିଲା। ଏ ନେଇ ନଂ.୨୦/୨୦ ଏବଂ ୨୧/୨୦ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ବିଧାୟକ ସୁଧୀର କୁମାର ସାମଲ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ମହାପ୍ରୟାଣ ଗାଡ଼ିରେ ଗ୍ରାମକୁ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ସରକାରୀ ସହାୟତା ରାଶି କିଭଳି ଶୀଘ୍ର ମିଳିବ ସେ ନେଇ ପ୍ରଶାସନ ସହ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ସେ ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ଘଟଣା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

## ୫ ମେଗା ପ୍ରକଳ୍ପକୁ...

ଗୁରୁତ୍ୱାରୋପ କରିଥିଲେ। ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ଲକ୍ଷ୍ୟ ହାସଲ କରିବାକୁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ସମସ୍ତ ସରକାରୀ ସଂସ୍ଥାଙ୍କୁ ମିଳିତଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅନୁମୋଦିତ ୫ ପ୍ରକଳ୍ପର ସମୀକ୍ଷା ସହ ପ୍ରକଳ୍ପ ଅଗ୍ରଗତି କାର୍ଯ୍ୟ ସମ୍ପର୍କରେ ନିୟମିତଭାବେ ତାଙ୍କୁ ଅବଗତ କରିବାକୁ ସେ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟକୁ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ମିଳିଥିବା ସଫଳତାରେ ଖୁସି ବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶାର ଶିଳ୍ପଭିତ୍ତିକ ଅର୍ଥନୀତି ଖୁବ୍ କମ୍ ସମୟ ମଧ୍ୟରେ ଟ୍ରାକ୍‌କୁ ଫେରିଛି। ୨୦୨୦ଫେବୃୟାରୀରୁ ଇତିମଧ୍ୟରେ ମୋଟ ୧.୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ପ୍ରକଳ୍ପକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ଏହାଦ୍ୱାରା ୫୩ ହଜାର ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ଶିଳ୍ପ ପ୍ରକଳ୍ପଗୁଡ଼ିକ ଯୋଗୁ ରାଜ୍ୟରେ ସବୁ ବର୍ଗର ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ରହିଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ଇଣ୍ଡଷ୍ଟ୍ରିଆଲ ପଲିସି ରିଜୋଲ୍ୟୁଶନ(ଆଇପିଆର)-୨୦୧୫ ଅବଧି ମଧ୍ୟରେ ଏଚ୍‌ଏଲ୍‌ସିଏ ଦ୍ୱାରା ଅନୁମୋଦନ ଲାଭ କରିବାରେ ଏହା ସର୍ବବୃହତ୍ ପୁଞ୍ଜିନିବେଶ ପ୍ରସ୍ତାବ ବୋଲି ସେ କହିଥିଲେ।

ଅନ୍ୟପକ୍ଷରେ ଅନୁମୋଦିତ ୫ ମେଗା ପ୍ରକଳ୍ପ ମଧ୍ୟରେ ଜିନ୍ଦଲ ଷ୍ଟିଲ ଆଣ୍ଡ୍ ପାୱାରର କ୍ଷମତା ସମ୍ପ୍ରସାରଣ, ଜେଏସ୍‌ଏଲର କ୍ଷମତା ସମ୍ପ୍ରସାରଣ, ଏସାର ମିନ୍‌ମେଟ ଲିମିଟେଡ୍‌ର ବେନିଫିସିଏଶନ ଓ ପେଲେଟ ପ୍ରକଳ୍ପ, ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍‌ର ବେନିଫିସିଏଶନ ଓ ପେଲେଟ ପ୍ରକଳ୍ପର କ୍ଷମତା ସମ୍ପ୍ରସାରଣ ଓ ସମ୍ବଲପୁରସ୍ଥିତ ଶ୍ୟାମ ମେଟାଲିକ୍ସର କ୍ଷମତା ସମ୍ପ୍ରସାରଣ ପ୍ରକଳ୍ପ ରହିଛି। ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍ ଦ୍ୱାରା ୬,୦୧୮କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବାକୁ ଥିବାବେଳେ ଏଥିରେ ଅନୁଗୋଳରେ ଥିବା ଜିନ୍ଦଲର ଷ୍ଟିଲ ପ୍ଲାଣ୍ଟ କ୍ଷମତାକୁ ବାର୍ଷିକ ୬ ନିୟୁତ ଟନ୍‌ରୁ ୧୮.୬ ନିୟୁତ ଟନ୍‌କୁ ସମ୍ପ୍ରସାରଣ କରାଯିବ। ସେହିଭଳି ୭୬,୦୧୮ କୋଟି ଟଙ୍କା ବିନିଯୋଗରେ ବାର୍ଷିକ ୩୬ ନିୟୁତ ଟନ୍‌ର ସ୍ଲରି ପାଇପ୍‌ଲାଇନ୍ ଏବଂ ବାର୍ଷିକ ୧୨.୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ସିମେଣ୍ଟ ପ୍ଲାଣ୍ଟ ସ୍ଥାପନ କରାଯିବ। ଜେଏସ୍‌ଏଲ୍‌ର କ୍ଷମତାକୁ ବାର୍ଷିକ ୧.୧ ନିୟୁତ ଟନ୍‌ରୁ ୩.୨ ନିୟୁତ ଟନ୍‌କୁ ସମ୍ପ୍ରସାରଣ କରାଯିବ। କଳିଙ୍ଗନଗର, ଯାଜପୁରରେ ଥିବା କୋଲ୍ଡ ରୋଲିଂ ମିଲ୍ କ୍ଷମତାକୁ ମଧ୍ୟ ବର୍ଦ୍ଧିତ କରାଯିବ। ଏସାର ମିନ୍‌ମେଟ ଲିମିଟେଡ୍ ଦ୍ୱାରା କେନ୍ଦୁଝର ଓ ପାରାଦୀପରେ ବାର୍ଷିକ ୧୪ନିୟୁତ ଟନ୍ କ୍ଷମତା ବିଶିଷ୍ଟ ବେନିଫିସିଏଶନ, ପେଲେଟ ପ୍ଲାଣ୍ଟ ଓ ସ୍ଲରି ପାଇପଲାଇନ୍ ପ୍ଲାଣ୍ଟ ପ୍ରତିଷ୍ଠା ହେବ। କେନ୍ଦୁଝରରେ ଥିବା ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲର ବେନିଫିସିଏଶନ ପ୍ଲାଣ୍ଟର ବାର୍ଷିକ କ୍ଷମତାକୁ ୧୦.୭୬ ନିୟୁତ ଟନ୍‌ରୁ ୧୬.୭୬ ନିୟୁତ ଟନ୍‌କୁ ବୃଦ୍ଧି କରାଯିବ। ପାରାଦୀପରେ ଥିବା ପେଲେଟ ପ୍ରକଳ୍ପର ବାର୍ଷିକ କ୍ଷମତାକୁ ୬ ନିୟୁତ ଟନ୍‌ରୁ ୧୨ନିୟୁତ ଟନ୍‌କୁ ସମ୍ପ୍ରସାରଣ କରାଯିବ। ୨ ହଜାର କୋଟି ବିନିଯୋଗରେ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ। ୧୨୦୫ କୋଟି ଟଙ୍କା ବ୍ୟୟରେ ସମ୍ବଲପୁରସ୍ଥିତ ଶ୍ୟାମ ମେଟାଲିକ୍ସର ବାର୍ଷିକ କ୍ଷମତା ୦.୭୭ ନିୟୁତ ଟନରୁ ୨.୩୭୩ ନିୟୁତ ଟନକୁ ସମ୍ପ୍ରସାରଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

## ବିଶ୍ୱବିଦ୍ୟାଳୟ ଖୋଲିବା...

କଲ୍ୟାଣ ମନ୍ତ୍ରଣାଳୟ ଯାଞ୍ଚ କରିବା ସହିତ ସ୍ୱରାଷ୍ଟ୍ର ଓ ଶିକ୍ଷା ମନ୍ତ୍ରଣାଳୟ ଅନୁମୋଦନ କରିଛି। ୟୁଜିସି ୬ ଦିନିଆ ସପ୍ତାହ ଲାଗି ପରାମର୍ଶ ଦେବା ସହ ସାମାଜିକ ଦୂରତ୍ୱ ବଜାୟ ରଖିବା ଲାଗି କମ୍ ପିଲାଙ୍କୁ ନେଇ କ୍ଲାସ୍ ଆୟୋଜନ କରିବାକୁ କହିଛି। ସେଥିପାଇଁ ଛାତ୍ରୀଛାତ୍ରଙ୍କୁ ଏକାଧିକ ସେକ୍ସନରେ ବିଭକ୍ତ କରିବାକୁ ହେବ। ତେବେ ଶିକ୍ଷାନୁଷ୍ଠାନର ଆବଶ୍ୟକତା ଅନୁଯାୟୀ ପାଠପଢ଼ା ସମୟ ବଢ଼ାଯାଇପାରିବ। କ୍ୟାମ୍ପସ୍ ଖୋଲିବା ପୂର୍ବରୁ ଏହା କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ନିରାପଦ ଅଞ୍ଚଳ ଘୋଷିତ ହୋଇଛି କି ନାହିଁ ସେନେଇ ସମ୍ପୃକ୍ତ ଶିକ୍ଷାନୁଷ୍ଠାନ ନିଶ୍ଚିନ୍ତ ହେବେ। କୋଭିଡ୍‌କୁ ନେଇ ସରକାର ଘୋଷଣା କରିଥିବା ନିର୍ଦ୍ଦେଶନାମା, ଗାଇଡ୍‌ଲାଇନ ଓ ପରାମର୍ଶକୁ ଶିକ୍ଷାନୁଷ୍ଠାନ ମାନିବାକୁ ବାଧ୍ୟ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରିୟାଲ ନିଶଙ୍କ ନୂଆ ୟୁଜିସି ଗାଇଡ୍‌ଲାଇନ ସମ୍ପର୍କରେ ଟୁଇଟର୍‌ରେ ଘୋଷଣା କରିଛନ୍ତି। ଶିକ୍ଷାନୁଷ୍ଠାନ, ଛାତ୍ରୀଛାତ୍ର, ଅଭିଭାବକ ସମସ୍ତେ ଏହାକୁ ମାନିବା ଲାଗି ସେ ଅନୁରୋଧ କରିଛନ୍ତି। କ୍ୟାମ୍ପସ୍‌ରେ ଛାତ୍ରୀଛାତ୍ର, ଶିକ୍ଷକ ଓ କର୍ମଚାରୀମାନଙ୍କୁ ପରିଚାଳନା କରିବା, କ୍ୟାମ୍ପସ୍ ପରିସରକୁ ବିଶୋଧନ ଲାଗି ପଦକ୍ଷେପ ନେବା, ସଂକ୍ରମିତଙ୍କୁ ଚିହ୍ନଟ କରିବା ଏବଂ ଭୂତାଣୁ ସଂକ୍ରମଣ ରୋକିବା ଲାଗି କଣ୍ଟେନ୍‌ମେଣ୍ଟ ପଦକ୍ଷେପ ନେବାକୁ କୁହାଯାଇଛି। ସମସ୍ତ ଗବେଷଣା କାର୍ଯ୍ୟକ୍ରମ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି କାର୍ଯ୍ୟକ୍ରମର ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କୁ ଶିକ୍ଷାନୁଷ୍ଠାନରେ ଯୋଗଦେବାକୁ ୟୁଜିସି ଅନୁମତି ଦେଇଛି। ସେହିପରି ଶିକ୍ଷାନୁଷ୍ଠାନ ମୁଖ୍ୟଙ୍କ ନିଷ୍ପତ୍ତିକ୍ରମେ ଶେଷବର୍ଷ ଛାତ୍ରୀଛାତ୍ର ପଢ଼ିବା ପାଇଁ କିମ୍ବା ପ୍ଲେସ୍‌ମେଣ୍ଟ ଉଦ୍ଦେଶ୍ୟରେ ଆସିପାରିବେ। ଯେଉଁମାନେ ଘରେ ରହି ପଢ଼ିବାକୁ ଚାହିଁବେ ସେମାନଙ୍କୁ ଅନ୍‌ଲାଇନରେ ପଠନ ବିଷୟବସ୍ତୁ ଯୋଗାଇ ଦେବାକୁ କୁହାଯାଇଛି।




(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପୂରୁବ ପିତେଇ କି
ପିତେଇ ନାକରେ ଦକ୍ଷିଣୀ ନୋଥ
ପିତେଇ ମଣିଷ ଚିହ୍ନେଇ କି ?**

ଦରିଦ୍ର ବ୍ୟକ୍ତି ସମୟକ୍ରମେ ଧନୀ ହୋଇଗଲେ ଆଉ ସେ ମଣିଷ ଚିହ୍ନିପାରି ନ ଥାଏ। ଧନ ବଳରେ ସେ ନିଜ ଆତ୍ମୀୟ ତଥା ପୂର୍ବ ପରିଚିତ ବ୍ୟକ୍ତିମାନଙ୍କୁ ହେୟ ମଣିବା ସହ ଉପେକ୍ଷା କରିବାକୁ ଲାଗିଥାଏ। ସମ୍ପଦର ପ୍ରାଚୁର୍ଯ୍ୟ ମଣିଷକୁ ଗର୍ବୀ ଓ ଅହଙ୍କାରୀ ସଜାଇ ଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପାଏ ଯା କୋଶେ ଯା
ଭାଗ୍ୟ ଘେନି ବୁଲୁ ଥା।**

କର୍ମ ହିଁ ଜୀବନ ଯାତ୍ରାର ଅସଲ ସହଚର। ଯେତେ ଯାହା କଲେ ବି କର୍ମ ଅନୁସାରେ ଫଳ ମିଳିଥାଏ। କର୍ମ ଓ ଭାଗ୍ୟ ଏକାଠି ହେଲେ ଲୋକ ଐଶ୍ୱର୍ଯ୍ୟ ଭୋଗ କରେ। ଯେତେ କର୍ମ କଲେ ଭାଗ୍ୟରେ ନ ଥିଲେ ଭଲ ଫଳ ମିଳୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** - ଆଜି ରାହୁ ନକ୍ଷତ୍ରସ୍ଥ ଚନ୍ଦ୍ର ଆପଣଙ୍କ ସହକର୍ମୀ କିମ୍ବା ପଡୋଶୀଙ୍କ ସହ ମନାନ୍ତର ସୃଷ୍ଟି କରିବ। ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କବିତର୍କର ସମ୍ମୁଖୀନ ହେବାକୁ ପଡିପାରେ। କିନ୍ତୁ ଆପୋଷ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବାରେ କୌଣସି ଅସୁବିଧା ହେବ ନାହିଁ। ଭ୍ରମଣ ସୁଯୋଗ ଜୁଟିବା ସହ ନୂତନ ବନ୍ଧୁତା ସୃଷ୍ଟି ହେବାର ଆଶା ରହିଛି।

**ବୃଷ** - କର୍ମାଧିପ ରବିଙ୍କ ନକ୍ଷତ୍ରସ୍ଥ ଯୋଗୁ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ଅବଦାନ ରହିବ। ଘରେ ଅସାବଧାନତା ବଶତଃ ଦ୍ରବ୍ୟ ନଷ୍ଟ ହେବାରୁ କଳହ ସୃଷ୍ଟି ହୋଇପାରେ। ପରିବାରର ବରାଦାନୁଯାୟୀ ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁଁ ମନ ଉଦାସ ରହିବ।

**ମିଥୁନ** - ଧନାଧିପ ରାଶିରେ ପାପଗ୍ରହ ନକ୍ଷତ୍ରରେ ଥିବାରୁ ଆର୍ଥିକ ଅନଟନର ସମ୍ମୁଖୀନ ହେବାକୁ ପଡିପାରେ। ସାମାଜିକ ସ୍ତରରେ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆଳସ୍ୟ ଓ ଅବହେଳା ଯୋଗୁଁ ସୁଯୋଗ ହାତଛଡା ହୋଇପାରେ। ଅନ୍ୟମାନଙ୍କର ଚୁପଚାପ୍ କଥା ଶୁଣି ବ୍ୟସ୍ତତା ଅନୁଭବ କରିପାରିବେ।

**କର୍କଟ** - ଆକସ୍ମିକ ଭାବରେ ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ ଦୂରଯାତ୍ରା କରିବାକୁ ପଡିପାରେ। ମନ ଖୁସୀ ହେଲା ଭଳି କୌଣସି ଖବର ପାଇ ଖୁସୀ ହୋଇପାରନ୍ତି। ରବିଙ୍କ ଦୁର୍ବଳତା କାରଣରୁ ଆର୍ଥିକ ସ୍ଥିତିରେ ଅବନତି କେତେକ ସମସ୍ୟାର କାରଣ ହୋଇପାରନ୍ତି। କୌଣସି ବ୍ୟକ୍ତି ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି।

**ସିଂହ** - ଶନି ଓ ଚନ୍ଦ୍ରଙ୍କ ଷଡାଷ୍ଟକ ସ୍ଥିତି କାରଣରୁ ଇଚ୍ଛା ବିରୁଦ୍ଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ। ନିଜର ଫାଇଦା ହାସଲ ପାଇଁ ସହକର୍ମୀ ଫନ୍ଦିଫିକର କରିବା ଲାଗି ମନ ବଳାଇବେ। ମଘା ନକ୍ଷତ୍ର ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି।

**କନ୍ୟା** - ଚନ୍ଦ୍ର ମିଥୁନ ରାଶିରେ ଥିବାରୁ କର୍ମକ୍ଷେତ୍ରରେ ଆଶଙ୍କା କରୁଥିବା ଘଟଣା ଟେନ୍ସନ ସୃଷ୍ଟି କରିବ। ହସ୍ତା ନକ୍ଷତ୍ର ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ନିଜ ପରିସରରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିପାରେ। କଠୋର ପରିଶ୍ରମ କିମ୍ବା ଅନିଦ୍ରା ହେତୁକ ଜ୍ୱର ଦେଖାଦେବାର ସୂଚନା ରହିଛି।

**ତୁଳା** - ଭାଗ୍ୟସ୍ଥାନରେ କର୍ମାଧିପ ରହିଥିବାରୁ ଦୀର୍ଘ ଦିନର ଆଶା ପୂରଣ ଦିଗରେ ଅନୁକୂଳ ପରିସ୍ଥିତି ସୃଷ୍ଟି ହେବ। କିନ୍ତୁ ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବଧ୍ ହେବେ। ଚିତ୍ରା ନକ୍ଷତ୍ରର ସୁବିଧା ଥାଇ ମଧ୍ୟ ଭୋଗବିଳାସରେ ବାଧାବିଘ୍ନ ଘଟିପାରେ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ।

**ବିଛା** - ରାଶିରେ କେତୁଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପାରନ୍ତି। ବିବାଦୀୟ ମାମଲା ମନ୍ଥର ହେବା ସହ ପୁରାତନ ରୋଗର ପୀଡା ଅନୁଭବ ହୋଇପାରେ। ଅନୁରାଧା ନକ୍ଷତ୍ର ଉଚ୍ଚବର୍ଗଙ୍କ ସହାୟତା ଲାଭକରି ଆଶ୍ୱସ୍ତି ଲାଭ କରିବେ। କିନ୍ତୁ ପାଖ ପଡ଼ୋଶୀ ଈର୍ଷାନ୍ୱିତ ହୋଇ ଭିନ୍ନ ମନ୍ତବ୍ୟ ଦେଇପାରନ୍ତି।

**ଧନୁ** - ନୀଚ ରାଶିରେ ଶୁକ୍ରଥିବାରୁ କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ଅଭାବ ନ ଥିଲେ କ'ଣ ହେଲା ବନ୍ଧୁଙ୍କ ସଦ୍‌ଭାବ ସହକର୍ମୀମାନଙ୍କ ସହଯୋଗ ଲାଭ କରି କାମ ହାସଲ କରିବେ। ପୂର୍ବାଷାଢା ନକ୍ଷତ୍ରର ବିଳାସ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବ।

**ମକର** - ଶୁକ୍ରଙ୍କ ନୀଚଭଙ୍ଗ ରାଜଯୋଗ ପ୍ରଭାବରୁ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ପାଖ, ପଡୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ନିଜର ବଳିଷ୍ଠ ବ୍ୟକ୍ତିତ୍ୱ ପ୍ରଭାବରୁ ଉଚ୍ଚ ଆଶା କରାଯାଇପାରେ। କିନ୍ତୁ ମନରେ ଭାବୁଥିବା କଥାଟି ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ।

**କୁମ୍ଭ** - ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବା ସହ ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ଦ୍ୱିତୀୟସ୍ଥ ମଙ୍ଗଳଙ୍କ କୁପ୍ରଭାବରୁ ରୁକ୍ଷ ବ୍ୟବହାର ସହକର୍ମୀଙ୍କ ମନରେ ଆଘାତ ଦେଇପାରେ। ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ କିନ୍ତୁ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**ମୀନ** - ଆନୁଷଙ୍ଗିକ ସବୁପ୍ରକାର ସୁବିଧାଥିଲେ ମଧ୍ୟ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ। ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଲକ୍ଷ୍ୟସ୍ଥଳକୁ ଯିବାରେ ବିଳମ୍ବ ଘଟିବାର ସୂଚନା ରହିଛି। ରେବତୀ ନକ୍ଷତ୍ର ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ବନ୍ଧୁସମ୍ପର୍କ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପ ସୁଫଳ ପାଇବେ।

ଆଜି କାର୍ତ୍ତିକ କୃଷ୍ଣ ଷଷ୍ଠୀ ଶୁକ୍ରବାର, ନଭେମ୍ବର ୬ ତାରିଖ, ପଣ୍ଡିତ ନୀଳକଣ୍ଠ ଦାସଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, କନ୍ୟା ରାଶିର ଘାତଚନ୍ଦ୍ର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୫୪ମି. ଗତେ ଘ.୦୬.୩୮ମି. ମଧ୍ୟେ, ଘ.୦୭.୨୩ମି. ଗତେ ଘ.୦୯.୩୮ମି. ମଧ୍ୟେ, ଘ.୧୧.୫୨ମି. ଗତେ ଘ.୦୨.୫୧ମି. ମଧ୍ୟେ, ଘ.୦୩.୩୬ମି. ଗତେ ଘ.୦୫.୦୬ମି. ମଧ୍ୟେ, ସନ୍ଧ୍ୟା ଘ.୦୫.୫୭ମି. ଗତେ ଘ.୦୯.୨୨ମି. ମଧ୍ୟେ, ରାତ୍ରି ଘ.୧୧.୫୬ମି.ଗତେ ଘ.୦୧.୩୮ମି. ମଧ୍ୟେ ଅମୃତ ବେଳା। ଦିବା ଘ.୧୦.୦୬ମି. ଗତେ ଘ.୧୧.୩୦ମି. ମଧ୍ୟେ ରାହୁକାଳ।

## ପିଜି ନାମଲେଖା ପ୍ରକ୍ରିୟାରେ ପରିବର୍ତ୍ତନ

### ୧୦ ସୁଦ୍ଧା ସାମ୍ସ ପୋର୍ଟାଲରେ ମାର୍କ ଦାଖଲ କରିପାରିବେ ଛାତ୍ରୀଛାତ୍ର

ଭୁବନେଶ୍ୱର,୫।୧୧(ବ୍ୟୁରୋ) ସାମ୍ସ ପୋର୍ଟାଲରେ ମାର୍କ ଦାଖଲ କରିବାର ଅବଧିକୁ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ବୃଦ୍ଧି କରିଛି। ଗୁରୁବାର ବିଭାଗ ପକ୍ଷରୁ ପ୍ରକାଶିତ ଏକ ବିଜ୍ଞପ୍ତିରେ ଏନେଇ ସୂଚନା ଦିଆଯାଇଛି। ମିଳିଥିବା ସୂଚନା ମୁତାବକ, ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ ଏବଂ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ତଥା ପିଜି ପାଠ୍ୟକ୍ରମରେ ନାମଲେଖା ଲାଗି ଇତିମଧ୍ୟରେ ଏକକ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଛି। ମାତ୍ର ଏପର୍ଯ୍ୟନ୍ତ ମଧ୍ୟ କେତେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଯୁକ୍ତ ୩(ସ୍ନାତକ) ପାଠ୍ୟକ୍ରମର ପରୀକ୍ଷା ଫଳ ପ୍ରକାଶ କରିପାରି ନାହାନ୍ତି। ତେଣୁ ବହୁ ଛାତ୍ରୀଛାତ୍ର ନିର୍ଦ୍ଧାରିତ ସମୟ ନଭେମ୍ବର ୫ ତାରିଖ ସୁଦ୍ଧା ସାମ୍ସ ପୋର୍ଟାଲରେ ମାର୍କ ଦାଖଲ କରିବାରେ ଅସମର୍ଥ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମାର୍କ ଦାଖଲ ସମୟ ସୀମାକୁ ବଢ଼ାଯାଇଛି। ସେହିଭଳି ନାମଲେଖା ପ୍ରକ୍ରିୟାରେ ମଧ୍ୟ କେତେକ ପରିବର୍ତ୍ତନ କରାଯାଇଛି। ନଭେମ୍ବର ୧୦ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ସ୍ନାତକ ମାର୍କ ସାମ୍ସ ପୋର୍ଟାଲରେ ଦାଖଲ କରିପାରିବେ। ସେହିପରି ୧୦ ତାରିଖରେ ପ୍ରକାଶ ପାଇବାକୁ ଥିବା ମେରିଟ୍ ଲିଷ୍ଟ ୧୬ ତାରିଖରେ ପ୍ରକାଶ ପାଇବ। ଡିସେମ୍ବର ୧୦ ସୁଦ୍ଧା ପିଜି ପାଠ୍ୟକ୍ରମରେ ଶିକ୍ଷାଦାନ କରୁଥିବା ସମସ୍ତ ବିଶ୍ୱବିଦ୍ୟାଳୟ ଓ କଲେଜରେ ନାମଲେଖା ପ୍ରକ୍ରିୟା ଶେଷ ହେବାନେଇ ବିଭାଗ ସୂଚନା ଦେଇଛି।


# classifieds Everyday
0674-2580101, 2549302




**HIRE**

Required 30Nos of Hyva(10 wheels) for mines project at Joda & Barbil having long term basis. Trip wise billing per month estimate bill 4.5L -5L Call - 9439856856, 9776001000. D-18734




**SALE**

ମାଷ୍ଟରକ୍ୟାଣ୍ଟିନ୍‌ରୁ 12k.m କୁହା ମୌଜାରେ (ସୁନ୍ଦରପଦା) ୧୨୦୦ ବର୍ଗଫୁଟ ପ୍ଲଟକୁ ୧୧,୪୦,୦୦୦/- କିଣି ଆଜି ଘର କରନ୍ତୁ। 9853150290. D-69195

Urgent sale land at Sisupalgarh and near Trinath Bazaar, Phulnakhara. Call- 9437033691 D-68390

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ Boundarywall, 30ft Road ଏବଂ ବାସଉପଯୋଗୀ plot ଦିଆଯାଉଅଛି Sqft.650/- 7008045582, 9692003948 D-18775

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348232008, 9776974912 D-69189

**GENERAL**

**PURCHASE**

We buy old gold, land, building. Please contact Hindustan-Jewellers. 9437033691 D-68389




2BHK and two rooms for rent at Garage Chhak, Old Town, Bhubaneswar. Contact- 7325871384. D-67577

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**Godown space available near Puri bypass area 18000/-, open space 15000/-. 9938125254** D-18598

2BHK Rs.11,000/- and single room attached toilet Rs.4000/- District Centre, Chandrasekharpur, Bhubaneswar. 9337199407 D-68388




Refreshing your mind body with best Panchakarma Therapy,Bhubaneswar 8763725072 D-18768

Swarna SPA newly open positively health benefits with expert therapist. 7873794731. D-70010

Newly open relaxing massage male/ female therapist. Contact- 9861193818, 8018656899 D-59970

Get refreshment body massage by expert therapist contact for 7205084157. D-70011

Newly open full body massage SPA in Bhubaneswar. Contact: 7205058838. D-70012

Rejuvenate and Ayurvedic full body massage by smart therapist. 9348123330. D-70013

Refreshing your mind & body with best therapy at Lotus Spa. 8018234866 D-69577




୨ଘଣ୍ଟାରେ ସବୁ ସମସ୍ୟାର ସମାଧାନ। ବଶୀକରଣ, ପ୍ରେମବିବାହ, ଶତ୍ରୁଦମନ ଇତ୍ୟାଦି। 8114853025 D-59969

**AFFIDAVIT**

By virtue of an affidavit before the Executive Magistrate, Berhampur, Ganjam on 08.03.2019, this is to certify that T.Elama and Boiri Yallama and B.Elama are one and same person i.e. myself. Henceforth, I will be known as T.Elama for all purpose. D-18824

### 'ଶିକ୍ଷା'ରେ ଡକ୍ଟରେଟ୍ ଉପାଧି ଲାଭ



କଟକ ଜିଲ୍ଲା, ବାଙ୍କୀ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନସ୍ଥ ଜଗନ୍ନାଥପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ (ସି.ଆର୍.ସି.ସି) ଭାବେ କାର୍ଯ୍ୟରତ ଶ୍ରୀ ଚିତ୍ତରଞ୍ଜନ ସାହୁ, ଉତ୍କଳ ବିଶ୍ୱବିଦ୍ୟାଳୟରୁ ଶିକ୍ଷାଶାସ୍ତ୍ରରେ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପ୍ରାପ୍ତ ହୋଇଛନ୍ତି। ସେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ, ପୁରୀର ସ୍ନାତକୋତ୍ତର ଶିକ୍ଷା ବିଭାଗର ଆସୋସିଏଟ୍ ପ୍ରଫେସର (ଡକ୍ଟର) ରାମକୃଷ୍ଣ ପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "Thoughts of Swami Sivananda on Education and Their Relevance in Contemporary India" ଶୀର୍ଷକ ଏକ ଗବେଷଣାମୂଳକ ନିବନ୍ଧ ରଚନା କରି ଏହି ସର୍ବୋଚ୍ଚ ଉପାଧି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଉକ୍ତ ସନ୍ଦର୍ଭଟି ପ୍ରଫେସର ପ୍ରଶାନ୍ତ କୁମାର ଆଚାର୍ଯ୍ୟ, ଶିକ୍ଷା ବିଭାଗ, ରାଜୀବ ଗାନ୍ଧୀ ବିଶ୍ୱବିଦ୍ୟାଳୟ, ଇଟାନଗର, ଅରୁଣାଞ୍ଚଳ ପ୍ରଦେଶ ଏବଂ ପ୍ରଫେସର (ଶ୍ରୀମତୀ) ଟି.ମୃଣାଳିନୀ, ଶିକ୍ଷାବିଭାଗ, ଓସମାନିଆ ବିଶ୍ୱବିଦ୍ୟାଳୟ, ହାଇଦ୍ରାବାଦ, ତେଲେଙ୍ଗାନାଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚପ୍ରଶଂସିତ ହୋଇଛି। ଡକ୍ଟର ସାହୁ, କଟକ ଜିଲ୍ଲା, ବାଙ୍କୀ ବ୍ଲକ୍ ବୈଦେଶ୍ୱର ଥାନା ଅନ୍ତର୍ଗତ ବଳଭଦ୍ରପୁର (ବାଲିପାହାଡ଼) ଗ୍ରାମର ପିତା- ସ୍ୱର୍ଗତ ତ୍ରିଲୋଚନ ସାହୁ (ଶିକ୍ଷକ) ଓ ମାତା- ମାଳତୀ ସାହୁଙ୍କର କନିଷ୍ଠ ପୁତ୍ର ଏବଂ ନୟାଗଡ଼ ଜିଲ୍ଲା ରାଜସୁନାଖଳା ଗ୍ରାମ ଗୋପୀନାଥପୁର ନିବାସୀ ଶ୍ରୀଯୁକ୍ତ ବସନ୍ତ କୁମାର ମହାପାତ୍ର ଓ କୁନି ମହାପାତ୍ରଙ୍କ କନିଷ୍ଠ ଜାମାତା। ତାଙ୍କର ଏହି ସଫଳତା ପାଇଁ ସେ ପ୍ରଫେସର୍ ଗୌରାଙ୍ଗ ଚରଣ ନନ୍ଦ, ଅଧ୍ୟକ୍ଷ, ଉତ୍କଳ ବିଶ୍ୱବିଦ୍ୟାଳୟ ଶିକ୍ଷକ ଶିକ୍ଷା ବିଭାଗ, ପ୍ରଫେସର ବି.ଏନ୍ ପଣ୍ଡା, ଅଧ୍ୟକ୍ଷ ବିଭାଗୀୟ ଅନୁସନ୍ଧାନ କମିଟି, ପ୍ରଫେସର ଲକ୍ଷ୍ମୀଧର ବେହେରା, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ତଥା ତାଙ୍କର ସହଧର୍ମିଣୀ ରେଣୁବାଳା ମହାପାତ୍ରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ଏବଂ ସ୍ୱର୍ଗତ ପିତାଙ୍କୁ ଉତ୍ସର୍ଗ କରିଛନ୍ତି।
ଧ-୧୮୮୨୦

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କରୋନାରେ ଯୁବ ସାମ୍ବାଦିକ ପ୍ରବୀରଙ୍କ ମୃତ୍ୟୁ

ଭୁବନେଶ୍ୱର,୫।୧୧(ବ୍ୟୁରୋ)

କରୋନା ଲଢ଼େଇରେ ଯୋଦ୍ଧା ସାଜିଥିବା ଜଣେ ଯୁବ ସାମ୍ବାଦିକଙ୍କର ଗୁରୁବାର କରୋନାରେ ମୃତ୍ୟୁ ଘଟିଛି। ସେ ହେଲେ ଭୁବନେଶ୍ୱରରେ କାର୍ଯ୍ୟରତ ନ୍ୟୁଜ୍-୧୮ର କ୍ରାଇମ୍ ରିପୋର୍ଟର ପ୍ରବୀର ପ୍ରଧାନ (୩୫)। ୬ଦିନ ତଳେ ପ୍ରବୀର ଅସୁସ୍ଥ ଅନୁଭବ କରିଥିଲେ। ଜ୍ୱର ଓ ଥଣ୍ଡା ହେବାରୁ ତୁରନ୍ତ ସେ ନିଜର କୋଭିଡ୍ ଟେଷ୍ଟ କରିଥିଲେ। ରିପୋର୍ଟ ପଜିଟିଭ ଆସିବା ପରେ ହୋମ୍ କ୍ୱାରାଣ୍ଟାଇନରେ ରହିଥିଲେ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ଆସିବାରୁ ତାଙ୍କୁ ଏକ ଘରୋଇ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବୁଧବାର ଶ୍ୱାସକ୍ରିୟାରେ ସମସ୍ୟା ଦେଖାଦେବାରୁ ତାଙ୍କୁ ଆଇସିୟୁରେ ରଖି ଚିକିତ୍ସା ଚାଲିଥିଲା। ଗୁରୁବାର ଭୋର୍ ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ କୋଭିଡ୍ ନିୟମ ଅନୁସାରେ ସତ୍ୟନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଥିଲା। ଭିଣୋଇ ମୁଖାଗ୍ନି ଦେଇଥିଲେ। ପ୍ରବୀରଙ୍କ ଘର ନୟାଗଡ଼ ଜିଲା ବାଣିଗୋଛାରେ। ସେ 'ଧରିତ୍ରୀ'ରେ ନିଜର ସାମ୍ବାଦିକତା କ୍ୟାରିୟର ଆରମ୍ଭ କରି ପରବର୍ତ୍ତୀ ସମୟରେ ରାଜ୍ୟର ଜଣେ ଦକ୍ଷ କ୍ରାଇମ ରିପୋର୍ଟର ଭାବେ ପରିଚିତ ହୋଇଥିଲେ। ଇଟିଭି ଓଡିଆ, ଜୀ-କଳିଙ୍ଗ ଓ ପରେ ନ୍ୟୁଜ୍-୧୮ରେ ଯୋଗଦେଇଥିଲେ। ଦୀର୍ଘ ୧୨ ବର୍ଷରୁ ଅଧିକ ସାମ୍ବାଦିକତା ଜୀବନ ଭିତରେ ସେ ରାଜ୍ୟ ତଥା ଜାତୀୟ ସ୍ତରରେ ପୁରସ୍କୃତ ହୋଇଛନ୍ତି। ତାଙ୍କ ପିତା ଅବସରପ୍ରାପ୍ତ ପୋଲିସ ଅଧିକାରୀ ପ୍ରଫୁଲ୍ଲ ପ୍ରଧାନଙ୍କ ମୃତ୍ୟୁର ଅଳ୍ପ କେଇଟା ଦିନରେ ପ୍ରବୀରଙ୍କ ମୃତ୍ୟୁ ପରିବାରକୁ ଶକ୍ତ ଧକ୍କା ଦେଇଛି। ମା', ସ୍ତ୍ରୀ ଓ କୁନି ଝିଅ, ଭଉଣୀ ଓ ଭିଣୋଇଙ୍କ ଆଖିରୁ ଲୁହ ଶୁଖୁନି। ପ୍ରବୀରଙ୍କ ମୃତ୍ୟୁରେ ପୋଲିସ ସେବା ଭବନରେ ଆୟୋଜିତ ଶୋକସଭାରେ କମିଶନର ଡ. ସୁଧାଂଶୁ ଷଡଙ୍ଗୀ ଶୋକ ପ୍ରକାଶ କରିଛନ୍ତି। ପୋଲିସ ମହାନିର୍ଦ୍ଦେଶକ ଅଭୟ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଏମ୍‌ପି ସସ୍ମିତ ପାତ୍ର, ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସ ବର୍ମା ପ୍ରମୁଖ ଟୁଇଟରରେ ଦୁଃଖ ପ୍ରକାଶ କରିଛନ୍ତି। ସେହିଭଳି ପ୍ରବୀରଙ୍କ ସ୍ମୃତିରେ ଜୟଦେବ ଭବନ ଏବଂ ପଟିଆସ୍ଥିତ କଳିଙ୍ଗ ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ଶୋକସଭା ଅନୁଷ୍ଠିତ ହୋଇଥିଲା।

■ ଦୁଃଖ ପ୍ରକାଶ କଲେ ଡିଜିପି, ନେତା ଓ ମନ୍ତ୍ରୀ
■ ଶୋକ ପ୍ରକାଶ କଲା କମିଶନରେଟ୍ ପୋଲିସ



# ଅଜଣା ରୋଗ ନେଉଛି ଜୀବନ



ଭେଞ୍ଜନପାଲି ଗ୍ରାମବାସୀ।

ମାଲକାନଗିରି,୫।୧୧ (ଡି.ଏନ୍.ଏ.)

ମାଲକାନଗିରି ଜିଲା ପଡ଼ିଆ ବ୍ଲକ ଭେଞ୍ଜନପାଲି ଗ୍ରାମରେ ଅଜଣା ରୋଗ ଗ୍ରାମବାସୀଙ୍କ ମଧ୍ୟରେ ଭୟ ଖେଳାଇ ଦେଇଛି। ପ୍ରାୟ ୧୦ଜଣ ଲୋକ ଏଥିରେ ଆକ୍ରାନ୍ତ ହୋଇଛନ୍ତି। ଗ୍ରାମରେ ଏକ ଡାକ୍ତରୀ ଦଳ ପହଞ୍ଚି ଥିବା ଜଣାପଡିଛି। ହାତଗୋଡ ଫୁଲିବା ସହ ଶରୀର ଦୁର୍ବଳ ଲାଗିବା ଏହି ରୋଗର ଲକ୍ଷଣ ବୋଲି ଗ୍ରାମବାସୀ କହିଛନ୍ତି। ଖବରରୁ ଜଣାପଡିଛି ୨ମାସ ତଳେ ଭେଞ୍ଜନପାଲି ଗ୍ରାମର ମୁକା ତେଲାମଙ୍କ ହାତଗୋଡ ଓ ପେଟ ଫୁଲିବା ସହ ଶରୀରରେ ପୀଡା ଅନୁଭବ ହୋଇଥିଲା। ମୁକା ଖାଦ୍ୟ ଗ୍ରହଣ କରି ନ ପାରି ଦୁର୍ବଳ ହୋଇପଡିଥିଲେ। ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଗ୍ରାମର ବାଟା ଗଙ୍ଗା (୩୬) ଯୋଗେନ୍ଦ୍ର ବାଟା (୩୫) ଗଙ୍ଗା ବାଟା (୪୦) ଓ ବେଟୀ ଲାଛାଙ୍କଠାରେ ଏପରି ଲକ୍ଷଣ ପରିଲକ୍ଷିତ ହୋଇ ସେମାନେ ମୃତ୍ୟୁବରଣ କରିଥିଲେ। ଗ୍ରାମର ବେକ ମୁକେ, ସୋମା ମାଡି, ଗଙ୍ଗା କାରାମ, ଇର୍ମା ମାଡିଙ୍କ ସମେତ ରୋଡଗୁଡା ଗ୍ରାମର ସୋୟାମ ମୁକାଙ୍କ ହାତଗୋଡ ଓ ପେଟ ଫୁଲିବା ଲକ୍ଷଣ ଦେଖାଯାଉଥିବା ଗ୍ରାମବାସୀ କହିଛନ୍ତି। କରୋନା ଯୋଗୁ ଗ୍ରାମବାସୀ ଡାକ୍ତରଖାନା ଯିବାକୁ ଭୟ କରୁଛନ୍ତି। ଏପରି ସ୍ଥଳେ ଦେଶୀ ଔଷଧ ସହ ଗୁଣିଗାରେଡି ସେମାନଙ୍କ ଭରସା ପାଲଟିଛି। ଗତ କିଛିଦିନ ଧରି ସୋୟାମ ମୁକାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ସେ ଜଣେ ଦିଶାରିଙ୍କ ପାଖରେ ଚିକିତ୍ସିତ ହେଉଥିବା ଗ୍ରାମବାସୀ କହିଛନ୍ତି। ଏପରି ସ୍ଥିତିରେ ସୂଚନା ପାଇବା ପରେ ଗୁରୁବାର ସ୍ୱାସ୍ଥ୍ୟ ବିଭାଗର ଏକ ଡାକ୍ତରି ଦଳ ଗ୍ରାମରେ ପହଞ୍ଚି ଆକ୍ରାନ୍ତ ରୋଗୀଙ୍କ ରକ୍ତନମୁନା ସଂଗ୍ରହ କରି ଚିକିତ୍ସା ଆରମ୍ଭ କରିଛନ୍ତି। କେଉଁ କାରଣରୁ ଏପରି ରୋଗ ଦେଖାଦେଉଛି ରକ୍ତନମୁନା ପରୀକ୍ଷା ପରେ ଜଣାପଡିବ ବୋଲି ଡାକ୍ତରୀଦଳ କହିଛନ୍ତି। ସୂଚନାଯୋଗ୍ୟ କିଛିଦିନ ତଳେ ପଡିଆ ବ୍ଲକର ବାପନପାଲି ଗ୍ରାମରେ ଏପରି ଲୋକଙ୍କ ହାତଗୋଡ ଫୁଲି ଶରୀର ଧୀରେ ଧୀରେ ଦୁର୍ବଳ ହୋଇ ୯ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ସେତେବେଳେ ମାଲକାନଗିରି ଜିଲାରେ ଆଲୋଡନ ସୃଷ୍ଟି କରିଥିଲା। ଏହା ପୂର୍ବରୁ ନିଲିଗୁଡା ଅଞ୍ଚଳରେ ମଧ୍ୟ ଏପରି ଲକ୍ଷଣ ଦେଖାଦେଇ ୫ ଜଣଙ୍କ ମୃତ୍ୟୁ ହୋଇଥିଲା। ତେବେ ପଡିଆ ବ୍ଲକର ବିଭିନ୍ନ ଆଦିବାସୀ ଅଧୁଷିତ ଗ୍ରାମଗୁଡିକରେ ଏଭଳି ରୋଗ ପରିଲକ୍ଷିତ ହେବା ଚିନ୍ତାର ବିଷୟ ହୋଇଛି। ଲୋକଙ୍କଠାରେ ହିମୋଗ୍ଲୋବିନ ଅଭାବ ଯୋଗୁ ଏଭଳି ହେଉଥିବା ପୂର୍ବରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଥିଲା।

■ ୨ମାସରେ ଘଟିଲାଣି ୫ ଜଣଙ୍କ ମୃତ୍ୟୁ
■ ହାତଗୋଡ଼, ପେଟ ଫୁଲିବା ହେଉଛି ଏହାର ଲକ୍ଷଣ
■ ଶରୀର ଦୁର୍ବଳ ହୋଇ ଖାଦ୍ୟ ଖାଇପାରୁନାହାନ୍ତି ଆକ୍ରାନ୍ତ
■ କରୋନା ଯୋଗୁ ଡାକ୍ତରଖାନା ଯାଉନାହାନ୍ତି ଗ୍ରାମବାସୀ

# ପୁଣି ସତର୍କ କଲେ ସ୍ୱାସ୍ଥ୍ୟ ବିଶେଷଜ୍ଞ

ଭୁବନେଶ୍ୱର,୪।୧୧ (ବ୍ୟୁରୋ)

ଶୀତଦିନେ ପ୍ରଦୂଷଣ ମାତ୍ରା ଅଧିକ ରୁହେ। ଭାଇରାଲ ଇନ୍‌ଫେକ୍ସନ ଅଧିକ ହୁଏ। ତେଣୁ କୋଭିଡ୍ ସଂକ୍ରମଣ ବଢିବା ଆଶଙ୍କା ରହିଛି। କରୋନାର ଦ୍ୱିତୀୟ ଲହରରେ ଆସୁଥିବା ଭାଇରସ୍‌ର ନୂଆ ରୂପ ସାମ୍ନାକୁ ଆସିଛି। ଏହା ପୂର୍ବାପେକ୍ଷା ଅଧିକ କ୍ଷତିକାରକ ବୋଲି ଗବେଷଣାରୁ ଜଣାପଡ଼ିଛି। ଆମ ଦେଶରେ ଏପର୍ଯ୍ୟନ୍ତ ଏହି ନୂଆ ରୂପର କୌଣସି ରିପୋର୍ଟ ଆସିନାହିଁ। କିନ୍ତୁ ଆମକୁ ଟିକିଏ ଅଧିକ ସତର୍କ ରହିବାକୁ ପଡ଼ିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ନିରୋଜ ମିଶ୍ର କହିଛନ୍ତି। ବର୍ତ୍ତମାନ ରାଜ୍ୟରେ ସଂକ୍ରମଣ କମିଥିଲେ ମଧ୍ୟ ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ ଆଶଙ୍କାକୁ ନେଇ ଚିନ୍ତା ବଢ଼ିଛି। ଏପରି କ୍ଷେତ୍ରରେ 'କାହିଁକି ଡିସେମ୍ବର ଦ୍ୱିତୀୟ ସପ୍ତାହ ଗୁରୁତ୍ୱପୂର୍ଣ୍ଣ?' ଉପରେ ମତ ରଖି ସ୍ୱାସ୍ଥ୍ୟ ବିଶେଷଜ୍ଞ ଡାକ୍ତର ମିଶ୍ର କହିଛନ୍ତି, ଧୀରେ ଧୀରେ ଅନ୍‌ଲକ ବ୍ୟବସ୍ଥା ହେଉଥିବାରୁ ଲୋକେ ଏକାଠି ହେଉଛନ୍ତି। ଶୀତଦିନେ ୟୁରୋପ ଓ ଆମେରିକାରେ ସଂକ୍ରମଣ ବଢୁଥିବାରୁ ଏଭଳି ଆଶଙ୍କା କରାଯାଉଛି। ତେବେ କରୋନା ପରେ କ'ଣ କରିବା ଦରକାର? ସ୍ଥିତିକୁ ଦେଖି ଅନ୍ୟ ରାଜ୍ୟ ଭଳି ଆମ ରାଜ୍ୟରେ ମଧ୍ୟ କିଛି ହସ୍ପିଟାଲରେ ପୋଷ୍ଟ କୋଭିଡ ହସ୍ପିଟାଲ ଖୋଲାଯାଇଛି। କିନ୍ତୁ ଅଧିକାଂଶ ହସ୍ପିଟାଲରେ ଚିକିତ୍ସା ସେବା ପ୍ରତି ଆହୁରି ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଡାକ୍ତର ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ଶେଷ ୨୪ ଘଣ୍ଟା ମଧ୍ୟରେ ଆଉ ୧୩୮୫ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧାରୁ ସର୍ବାଧିକ ୧୫୯ ରହିଥିବାବେଳେ କଟକରୁ ୧୦୯ ଓ ମୟୂରଭଞ୍ଜରୁ ୧୦୩ଜଣ ଚିହ୍ନଟ ହୋଇଛନ୍ତି। ଅନ୍ୟସବୁ ଜିଲାର ଏହାଠାରୁ କମ୍ ଆକ୍ରାନ୍ତ ବାହାରିଛନ୍ତି। ଏହାକୁ ମିଶାଇ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨,୯୭,୨୭୪କୁ ବୃଦ୍ଧିପାଇଛି। ସେହିପରି କରୋନାରେ ଆଉ ୧୪ଜଣଙ୍କ ମୃତ୍ୟୁ ହୋଇଛି। ଫଳରେ ମୃତ୍ୟୁ ସଂଖ୍ୟା ୧,୩୭୮ ଛୁଇଁଛି। ଏପଟେ ଆଉ ୧୪୬୦ ଆକ୍ରାନ୍ତ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୨,୮୩,୫୩୩ରେ ପହଞ୍ଚିଛି। ଏବେ ବି ରାଜ୍ୟରେ ୧୨,୩୬୩ ସକ୍ରିୟ ଆକ୍ରାନ୍ତ ଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

**କରୋନା ଦ୍ୱିତୀୟ ସଂକ୍ରମଣକୁ ନେଇ ଚିନ୍ତା**

■ ପୋଷ୍ଟ କୋଭିଡ୍ ହସ୍ପିଟାଲରେ ଚିକିତ୍ସାକୁ ଗୁରୁତ୍ୱ ଦେଲେ
■ ରାଜ୍ୟରେ ଆଉ ୧୩୮୫ ପଜିଟିଭ୍, ୧୪୬୦ ସୁସ୍ଥ, ୧୪ ମୃତ

# ପୁଞ୍ଜିନିବେଶ ଲାଗି ଓପେକ୍ ସଦସ୍ୟ ରାଷ୍ଟ୍ରକୁ ଧର୍ମେନ୍ଦ୍ରଙ୍କ ଆମନ୍ତ୍ରଣ

ଭୁବନେଶ୍ୱର, ୫।୧୧(ବ୍ୟୁରୋ): ଭାରତ-ଓପେକ୍ ଉର୍ଜାର ଚତୁର୍ଥ ଉଚ୍ଚସ୍ତରୀୟ ଭର୍ଚୁଆଲ୍ ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇଛନ୍ତି। ଭାରତକୁ ଶକ୍ତି ଉତ୍ପାଦନର ହବ୍‌ରେ ପରିଣତ କରିବା ସହ ଗ୍ୟାସ ଭିତ୍ତିଭୂମିକୁ ମଜଭୁତ୍ କରିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ବ୍ୟବସାୟିକ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ଭଣ୍ଡାର ନିର୍ମାଣ କରିବା ପାଇଁ ଭାରତରେ ପୁଞ୍ଜିନିବେଶ କରିବାକୁ ଧର୍ମେନ୍ଦ୍ର ଓପେକ୍‌ର ସଦସ୍ୟ ରାଷ୍ଟ୍ରଙ୍କୁ ଆମନ୍ତ୍ରଣ କରିଛନ୍ତି। ଭାରତର ଶକ୍ତି ସୁରକ୍ଷାରେ ଓପେକ୍ ଏକ ଗୁରୁତ୍ୱପୂର୍ଣ୍ଣ ସହଯୋଗୀ। ଭାରତ ସହ ମିଳିତ ଭାବେ କାମ କଲେ ଶକ୍ତି ଚାହିଦାରେ ଅଭିବୃଦ୍ଧି ହେବ। ବିଶ୍ୱରେ ସୃଷ୍ଟି ହୋଇଥିବା ଆର୍ଥିକ ପରିସ୍ଥିତିକୁ ସୁଧାରିବା ଲାଗି ତୈଳ ଉତ୍ପାଦନକାରୀ ଓ ଆମଦାନୀକାରୀ ଦେଶ ଦାୟିତ୍ୱସମ୍ପନ୍ନ ଭାବେ କାର୍ଯ୍ୟ କରିବେ। କୋଭିଡ୍ ପରବର୍ତ୍ତୀ ସମୟରେ ଭାରତ ଏବଂ ଓପେକ୍ ମିଳିତଭାବେ ଶକ୍ତି ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇପାରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

Directorate of Extension Education
ODISHA UNIVERSITY OF AGRICULTURE AND TECHNOLOGY, BHUBANESWAR-751003

WALK-IN-INTERVIEW

Walk-In-Interview for the post of Young Professional (Contractual Project Staff) for 04 KVKs of OUAT, under the project " Attracting and Retaining Youth in Agriculture (ARYA) " will be held on 20th November, 2020 at 10.30 AM, in the Conference Hall of Directorate of Extension Education, OUAT, Bhubaneswar. Details information on number of posts, emoluments, qualification, place & period of engagement, conditions of engagements can be downloaded from **www.ouat.nic.in.**

Sd/-
Dean, Extension Education
Odisha University of Agriculture & Technology

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ

ବିଜ୍ଞପ୍ତି ନଂ 1208 (Exam. Conf.) ତା 5/11/20 ରିଖ

୨୦୨୧ ମସିହା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ନିମନ୍ତେ ଫର୍ମ ପୂରଣ ଓ ପରୀକ୍ଷା ଫିସ୍ ଦାଖଲ ସମ୍ପର୍କିତ ସୂଚନା

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ୨୦୨୧ ମସିହା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ (ରେଗୁଲାର ଓ ଏକ୍ସ-ରେଗୁଲାର) ପରୀକ୍ଷା ପାଇଁ ଫର୍ମ ପୂରଣ ଓ ପରୀକ୍ଷା ଫିସ୍ ଦାଖଲ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ ।

୧. ୨୦୨୧ ମସିହା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ନିମନ୍ତେ ବିଦ୍ୟାଳୟରେ ପଢୁଥିବା ନିମ୍ନ Categoryର ଛାତ୍ରଛାତ୍ରୀଙ୍କ ପାଇଁ ଫର୍ମ ପୂରଣ ONLINE ମାଧ୍ୟମରେ କରାଯିବ ।
(କ) Regular [School Reg. (SR) & Quasi Reg. (QR)] ପରୀକ୍ଷାର୍ଥୀ
(ଖ) Ex-Regular (ER) ପରୀକ୍ଷାର୍ଥୀ
(ଗ) Correspondence Course Regular (CR) ପରୀକ୍ଷାର୍ଥୀ
(ଘ) Correspondence Course Ex-Regular (CE) ପରୀକ୍ଷାର୍ଥୀ
'କ' ଓ 'ଖ' Categoryର ପରୀକ୍ଷାର୍ଥୀମାନଙ୍କ ଫର୍ମ ପୂରଣ ସେମାନଙ୍କର ବିଦ୍ୟାଳୟର ମୁଖ୍ୟ ଏବଂ 'ଗ' ଓ 'ଘ' Categoryର ପରୀକ୍ଷାର୍ଥୀମାନଙ୍କ ଫର୍ମ ପୂରଣ ବୋର୍ଡର ଆଂଚଳିକ କାର୍ଯ୍ୟାଳୟର ସହ ସମ୍ପାଦକଙ୍କ ଦ୍ୱାରା ସମ୍ପାଦିତ ହେବ ।

୨. ଫର୍ମ ପୂରଣ କରିବାର ଧାର୍ଯ୍ୟ ତାରିଖ ଓ ସମୟ
(i) ଆରମ୍ଭ ତାରିଖ — ତା୦୯/୧୧/୨୦୨୦ରିଖ ସକାଳ ୧୦ ଘଟିକା
(ii) ବିନା ଜୋରିମାନା ସହ :-
(a) ଫିସ୍ ଦାଖଲର ଶେଷ ତାରିଖ :- ତା୨୩/୧୧/୨୦୨୦ରିଖ ରାତ୍ର ୧୧.୪୫
(b) ଫର୍ମ ଦାଖଲର ଶେଷ ତାରିଖ :- ତା୨୪/୧୧/୨୦୨୦ରିଖ ମଧ୍ୟରାତ୍ର
(iii) ଜୋରିମାନା ସହ :-
(a) ଫିସ୍ ଦାଖଲର ତାରିଖ :- ତା୨୪/୧୧/୨୦୨୦ ଠାରୁ ତା୦୧/୧୨/୨୦୨୦ ରାତ୍ର ୧୧.୪୫ ପର୍ଯ୍ୟନ୍ତ
(b) ଫର୍ମ ଦାଖଲର ଶେଷ ତାରିଖ :- ତା୦୨/୧୨/୨୦୨୦ରିଖ ମଧ୍ୟରାତ୍ର

୩. ଫର୍ମ ପୂରଣ ନିମନ୍ତେ Online Link, ସବିଶେଷ ନିର୍ଦ୍ଦେଶାବଳୀ ଏବଂ Step by Step Instruction, www.bseodisha.ac.in website ମାଧ୍ୟମରେ ଉପରୋକ୍ତ ସମୟ ମଧ୍ୟରେ ଅନବରତ ଉପଲବ୍ଧ ହେବ ।

ସ୍ୱା/- ସମ୍ପାଦକ

ଓଡ଼ିଶା ମିଲେଟ୍ସ ମିଶନ
କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

ସରକାର ମଣ୍ଡି ମାଧ୍ୟମରେ ଚାଷୀଙ୍କ ଠାରୁ କିଣିବେ ମାଣ୍ଡିଆ



₹୩୨୯୫/- କୁଇଣ୍ଟାଲ ପ୍ରତି

▶ କେନ୍ଦୁଝର ଜିଲ୍ଲାର ୭ଟି ବ୍ଲକ ଯଥା :- ସଦର,ବାଂଶପାଳ, ହରିଚନ୍ଦନପୁର,ଝୁମ୍ପୁରା, ଯୋଡ଼ା, ଚମ୍ପୁଆ ଓ ହାଟଡ଼ିହି ବ୍ଲକ ରୁ ସରକାର ଚାଷୀମାନଙ୍କ ଠାରୁ ମାଣ୍ଡିଆ କ୍ରୟ କରିବେ
▶ ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ଟ ୩୨୯୫.୦୦ (୨୦୨୦-୨୧ ଖରିଫ ଋତୁ ପାଇଁ)
▶ ମାଣ୍ଡିଆ କୁ ଭଲ ଭାବେ ସଫା କରି ଓ ଖରା ରେ ଶୁଖାଇ ମଣ୍ଡିକୁ ଆଣନ୍ତୁ ଓ ଉଚିତ ମୂଲ୍ୟ ପାଆନ୍ତୁ

ଚାଷୀ ଭାଇ ମାନେ ଏଥିପାଇଁ ତୁରନ୍ତ କୃଷି ବିଭାଗ ଓ ସେବା ସମବାୟ ସମିତି ମାଧ୍ୟମରେ ନିଜରେ ନାମକୁ ପଞ୍ଜୀକରଣ କରନ୍ତୁ

ଯୋଗାଯୋଗ : 63711 13804, 8117822919
ସୌଜନ୍ୟ : ଆତ୍ମା ଓ ଜିଲ୍ଲା ଖଣିଜ ପ୍ରତିଷ୍ଠାନ, କେନ୍ଦୁଝର

# ତହସିଲଦାରଙ୍କୁ ଆକ୍ରମଣ

ବେଗୁନିଆ/ ବୋଲଗଡ଼, ୫।୧୧(ଡି.ଏନ୍.ଏ.)

ବେଆଇନ ମୋରମ ଖଣିରେ ଚଢ଼ାଉ ବେଳେ ଖୋର୍ଦ୍ଧା ଜିଲା ବୋଲଗଡ଼ ତହସିଲଦାର ଦାୟିତ୍ୱରେ ଥିବା ବିଡିଓ ଧୋବେଇ ନାଏକଙ୍କୁ ଗୁରୁବାର ସଂଘବଦ୍ଧ ଆକ୍ରମଣ ହୋଇଛି। ତହସିଲଦାର ନାଏକଙ୍କ ଅଭିଯୋଗକ୍ରମେ ବେଗୁନିଆ ପୋଲିସ ଦଫା ୩୦୭, ୫୦୬, ୩୪ରେ ମାମଲା (ନଂ.୨୨୫/୨୦)ରୁଜୁ କରି ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବୋଲଗଡ଼ ବ୍ଲକ ଅଧୀନ ନାରାୟଣୀପଡ଼ା ଗ୍ରାମର ଶଙ୍କର୍ଷଣ ରାଉତ(୩୩)। ସୂଚନା ଅନୁଯାୟୀ, ବୋଲଗଡ଼ ତହସିଲ ଅଧୀନ ଗୋପାଳପୁର ମୌଜାରେ ବେଆଇନ ଭାବେ ମୋରମ ଖୋଳା ଚାଲିଛି। ଖବରପାଇ ତହସିଲଦାର ନାଏକ ଏକ ଟିମ୍ ସହ ଉକ୍ତ ବେଆଇନ ଖଣିରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ଦୁଇଟି ଟ୍ରାକ୍ଟର ଓ ଗୋଟିଏ ଜେସିବି ଜବତ ହୋଇଥିଲା। ଏହି ସମୟରେ ଟ୍ରାକ୍ଟର ମାଲିକ ଶଙ୍କର୍ଷଣ ଓ ତାଙ୍କର କେତେଜଣ ସହଯୋଗୀ ତହସିଲଦାର ନାଏକ ଏବଂ କେତେଜଣ କର୍ମଚାରୀଙ୍କୁ ଗାଳିଗୁଲଜ ସହ ଆକ୍ରମଣ କରି ଜବତ ହୋଇଥିବା ଏକ ଟ୍ରାକ୍ଟର ନେଇ ପଳାଇଥିଲେ। ପରେ ତହସିଲଦାରଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଶଙ୍କର୍ଷଣଙ୍କୁ ଗିରଫ କରିବା ସହ ଟ୍ରାକ୍ଟରକୁ ଜବତ କରିଥିଲା। ଅନ୍ୟ ଆକ୍ରମଣକାରୀଙ୍କୁ ଧରିବା ଲାଗି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି।

**ଜଣେ ଗିରଫ, ୨ ଟ୍ରାକ୍ଟର, ଜେସିବି ଜବତ**



ଈଶ୍ୱର ଏହି ବିଶ୍ୱକୁ ଏପରି ଭୟଙ୍କର ଭାବେ ପ୍ରହାର କରୁଛନ୍ତି ଅଟାଚକଟା ପରି ତାକୁ ଦଳୁଛନ୍ତି- କୁନ୍ଦୁଛନ୍ତି- ସର୍ବଦା ତାକୁ ରକ୍ତସ୍ନାତ କରୁଛନ୍ତି ଏବଂ ଅଗ୍ନିକୁଣ୍ଡର ଲେଲିହାନ ନାରକୀୟ ଉତ୍ତାପ ଭିତରକୁ ନିକ୍ଷେପ କରୁଛନ୍ତି । କାରଣ ଜନସାଧାରଣ ଏବେ ବି ରହିଛନ୍ତି କଠିଣ ସ୍ଥୂଳ ଓ ମନ୍ଦ କଂଚାଧାତୁ ସଦୃଶ । ତାକୁ ଆଉ କୋଉ ଉପାୟରେ ବି ତରଳାଇ ଆକାର ଦେଇ ହୁଅନ୍ତା ନାହିଁ । -ଶ୍ରୀଅରବିନ୍ଦ



# ଫିକା ପଡ଼ିଛି ସୁନା

ବିଶ୍ୱ ଅର୍ଥବ୍ୟବସ୍ଥାର ଇତିହାସରେ ସୁନା ସବୁବେଳେ ଆଶଙ୍କାର ଏକ ସମ୍ବେଦନଶୀଳ ମାପଦଣ୍ଡ ରହିଆସିଥିବା ଯେ କେହି ସ୍ପଷ୍ଟ ଭାବେ ଉପଲବ୍ଧି କରିଥିବେ । ଲୋକଙ୍କ ଆଶଙ୍କା ବା ଭୟ ଯେଉଁ ଅନୁପାତରେ ବଢ଼େ ସେହି ହାରରେ ସୁନାର ଦର ସବୁବେଳେ ବଢ଼ିଥାଏ । ଦେଢ ଦଶନ୍ଧିରୁ ଅଧିକ ସମୟ ଧରି ବିଶ୍ୱରେ ଉତ୍ତେଜନା ଏବଂ ସଂଘର୍ଷ ମଧ୍ୟରେ ସୁନା ଦରରେ ଦ୍ରୁତ ବୃଦ୍ଧି ଘଟିଆସିଛି । ଏପରି କି ଗତ ୧୫ ବର୍ଷ ମଧ୍ୟରେ ସୁନା ଦର ୧୦ ଗୁଣରୁ ଅଧିକ ବୃଦ୍ଧି ଘଟିଛି । ସାମ୍ପ୍ରତିକ ସମୟରେ ବିଶ୍ୱରେ ସଂଘର୍ଷ ଏବଂ ସଙ୍କଟ ବଢିଯାଇଛି, ଯାହାଦ୍ୱାରା ବିଶ୍ୱରେ ଅସ୍ଥିରତା ବୃଦ୍ଧିପାଇଛି । ସନ୍ତ୍ରାସବାଦ,ଆର୍ଥିକସଙ୍କଟ, ଦେଶ ଦେଶ ମଧ୍ୟରେ ଉତ୍ତେଜନା, ଆଣବିକ ଅସ୍ତ୍ରର ଧମକ ଏବଂ ସାମ୍ପ୍ରଦାୟିକ ହିଂସା ଏହି ସମୟରେ ବିଶ୍ୱକୁ ସଙ୍କଟ ମଧ୍ୟକୁ ଠେଲିଦେଇଛି । ଅନ୍ତଃରାଷ୍ଟ୍ରୀୟ ବାଣିଜ୍ୟ ବହୁତ ତଳକୁ ଖସିଛି । କୋଭିଡ-୧୯ ମହାମାରୀରେ ଉଭୟ ଉତ୍ପାଦନ ଓ ଚାହିଦା କମିଯାଇଛି । ପ୍ରତ୍ୟେକଙ୍କ ଜୀବନର ସୁଖ ଚାଲିଯାଇଛି । ସବୁଆଡେ କେବଳ ହତାଶାର ଛାୟା ଖେଳିଯାଇଛି । ତେବେ ଏବକାର ମହାମାରୀଠାରୁ ଅଧିକ ଦୁର୍ଦ୍ଦିନର ସମୟ ଲୋକେ କେବେ ଦେଖି ନ ଥିଲେ । ଏବେ ଦେଖା ଦେଇଥିବା ସୁନା ଦରବୃଦ୍ଧି ଆଶଙ୍କା ଏବଂ ଅନିଶ୍ଚିତ ଆଗାମୀର ଏକ ସଙ୍କେତ । ପାରମ୍ପରିକ ଗହଣାରେ ନିବେଶ କରିବା ଉପରେ ଏହି ମୂଲ୍ୟବୃଦ୍ଧି ଚିନ୍ତା ବଢାଇଦେଇଛି । କେବଳ ଚାଇନା ସହ ସୀମା ଓ ରାଜନୈତିକ ସଂଘର୍ଷ ନୁହେଁ, ବରଂ ଆମେରିକା ଓ ଇରାନ ବିବାଦ ସମୟରେ ବି ସୁନା ଦର ବଢିଛି । ବିଶ୍ୱରେ କୋଭିଡ୍ ମହାମାରୀକୁ ନିୟନ୍ତ୍ରଣ କରିବାରେ ବୈଜ୍ଞାନିକମାନଙ୍କ ବିଫଳତା ଯୋଗୁ ସୁନା ଦର ଲଗାତର ଦ୍ରୁତଗତିରେ ବୃଦ୍ଧି ପାଇଚାଲିଛି । ବର୍ଷକରୁ ସମାନ୍ୟ ଅଧିକ ସମୟ ମଧ୍ୟରେ ସୁନା ଦରରେ ୪୦%ରୁ ଅଧିକ ବୃଦ୍ଧି ଘଟିଛି । କେବଳ ଏହି ବର୍ଷ ଏହାର ଦର ପାଖାପାଖି ୩୦% ବୃଦ୍ଧିପାଇଛି । ମହାମାରୀରୁ ମୁକ୍ତି ପାଇବା ଲାଗି ମାର୍କେଟରେ ଟିକା ଉପଲବ୍ଧ ହେବା ଯାଏ ଏହି ଧାରା ଲାଗି ରହିବାର ସମ୍ଭାବନା ରହିଛି । ଦୁଃଖରବିଷୟ, ଏହି ଟିକା ପାଇବାର ଆଶା କ୍ଷୀଣ । ଏଣୁ ଏହିପରି ସୁନଦର ବଢ଼ିଚାଲିବ । ଅନ୍ୟ କୌଣସିଥିରେ ନିବେଶ କରିବାର ବିକଳ୍ପ ନ ଥିବାରୁ ଲୋକେ ସୁନାରେ ନିବେଶ କରିବାକୁ ଆଗଭର ହେବେ । ନିକଟରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ସୁନା କିଣିବାକୁ ବାହାରିଛି । ମହାମାରୀ ମଧ୍ୟରେ ଆର୍‌ବିଆଇ ସେପ୍ଟେମ୍ବର ତ୍ରୈମାସିକରେ ୬.୮ ଟନ୍ ସୁନା କିଣିଛି । ଆର୍‌ବିଆଇ ଛୋଟ ଛୋଟ ଭାଗରେ ସୁନା ଗଚ୍ଛିତ ବଢ଼ାଉଥିବାବେଳେ ସରକାର ସ୍ୱତନ୍ତ୍ର ସୁନା ବଣ୍ଡ୍ ଦେଉଛନ୍ତି ।

## ଆଜିର ଅର୍ଥନୀତି

କୋଭିଡ-୧୯ ମହାମାରୀର ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ ଏବେ ଅନେକ ଦେଶକୁ ଲକ୍‌ଡାଉନ ଲାଗୁ କରିବା ପାଇଁ ବାଧ୍ୟ କରିଛି । ଯଦିଓ ଭାରତରେ ଏହା ଲାଗୁ କରାଯାଇ ନାହିଁ, ତଥାପି ଏବେ ଦୈନିକ ଯେଭଳି ସଂକ୍ରମଣ ବଢୁଛି ତାହା ନିବେଶକୁ ପୁଣି ମାନ୍ଦା ପକାଇ ଦେବ । ଏଭଳି ଅନିଶ୍ଚିତ ଅର୍ଥ ବ୍ୟବସ୍ଥାରେ ସୁନା ଦର ବୃଦ୍ଧି ହେଉଥିବା କାରଣରୁ ସୁନା ବିକ୍ରି ଆସନ୍ତା ଧନତେରସ ଓ ଦୀପାବଳିରେ କମିବ । କେବଳ ପର୍ବପର୍ବାଣି ବ୍ୟତୀତ ଅନ୍ୟ କୌଣସିଥିରେ ଲେକେ ସୁନା କିଣିବାରୁ ଦୂରେଇ ରହିବେ । ତେବେ ଅନ୍ୟ ନିବେଶ ବନ୍ଦ ହୋଇ ଯାଇଥିବା ବେଳେ ସୁନା ନିବେଶର ଏକ ବିକଳ୍ପ ଭାବେ ଆଶା ସଞ୍ଚାର କରିଛି । ୧୦ଗ୍ରାମ୍ ସୁନାକୁ ୫୦,୦୦୦ ଟଙ୍କାରେ କିଣିବା ବ୍ୟୟବହୁଳ । କିନ୍ତୁ ଏକ ଦଶନ୍ଧି ପରେ ଏହା ଏକ ଲାଭ ଜନକ ନିବେଶ ଭାବେ ଉଭା ହେବ । କିନ୍ତୁ ଏବେ ଲୋକଙ୍କ ପାଖରେ ସୁନା କିଣିବାକୁ ପାଣ୍ଠି ନ ଥିବାରୁ ସୁନା ବିକ୍ରି ମାନ୍ଦା ପଡିଯାଇଛି ଓ ଆଗକୁ ବି ପଡିବ । ଏଯାବତ ସୁନାକୁ ନିବେଶର ଏକ ବିକଳ୍ପ ଭାବେ ଲୋକେ ପସନ୍ଦ କରୁଛନ୍ତ । ସେମାନେ ସ୍ୱତନ୍ତ୍ର ଗୋଲ୍ଡବଣ୍ଡ କିମ୍ବା ଏକ୍ସଚେଞ୍ଜ ଟ୍ରେଡ ଫଣ୍ଡରେ ନିବେଶ କରିବାକୁ ଚାହୁଁଛନ୍ତି । ମ୍ୟୁଚୁଆଲ ଫଣ୍ଡ ଦ୍ୱାରା ଏକ୍ସଚେଞ୍ଜ ଟ୍ରେଡ ଫଣ୍ଡ ଚାଲୁ ହୋଇଛି । ସେମାନେ ବି ସୁନାଦର ବୃଦ୍ଧି ସହ କ୍ୟାପିଟାଲ ରିଟର୍ନ ଅଫର କରୁଛନ୍ତି । ତେବେ ଉପଲବ୍ଧ ଏହି ସବୁ ବିକଳ୍ପ ସୁନା କିମ୍ବା ଗହଣା ବିକ୍ରି ଉପରେ ଏକ ନକାରାତ୍ମକ ପ୍ରଭାବ ପକାଇଛି । ଏହା ଯୋଗୁ ଆଗକୁ ପର୍ବପର୍ବାଣିରେ ସୁନା ବିକ୍ରି ଫିକା ପଡିଯିବ ।

## ୨୫ ବର୍ଷ ତଳର ଧରିତ୍ରୀ

**୬ ନଭେମ୍ବର ୧୯୯୫**

- ଫିଲିପାଇନ୍ସରେ ପ୍ରବଳ ସାମୁଦ୍ରିକ ଝଡ଼ ପ୍ରବାହିତ ହେବା ଯୋଗୁ ମୃତ୍ୟୁସଂଖ୍ୟା ୫୮୮କୁ ବୃଦ୍ଧି ପାଇଛି ।
- କାଜାଖାସ୍ତାନର ଆର୍କୋଆଲିକ୍‌ଠାରେ ଏକ କୋଠାରେ ଗ୍ୟାସ୍ ବିସ୍ଫୋରଣ ଘଟି ୨୮ ଜଣ ଲୋକଙ୍କ ପ୍ରାଣହାନୀ ।
- ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ୟିତ୍‌ଝାକ୍ ରାବିନ୍ ଏକ ବିଶାଳ ଶାନ୍ତି ଶୋଭାଯାତ୍ରାରେ ଭାଷଣ ଦେଉଥିବା ବେଳେ ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ନିହତ ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | | E | | 9 | | | | | | | | D | 6 | 2 |
| | D | 8 | | | E | | A | | 5 | | 0 | | | 7 |
| | | | 0 | | | B | | C | | | 3 | | | |
| 2 | | | | D | B | | | 3 | | | 4 | | | |
| | 4 | 0 | 6 | | | E | 2 | | 1 | A | 9 | C | | |
| 7 | | | B | | 6 | | 1 | | | | | | 8 | |
| | 2 | | | A | D | 8 | B | | 9 | | | 3 | | |
| C | | | 1 | | | 4 | 7 | | | | 6 | B | | 5 |
| | 6 | 9 | | | | | | | | | | 1 | | |
| | | | | 5 | | | C | | A | | 8 | | | |
| | | 5 | | | 1 | 0 | | | | 4 | A | | | |
| | 1 | | | B | 0 | | 9 | | | | | A | 4 | |
| 4 | 8 | | 3 | | 9 | D | | | | | | | 5 | |
| | C | 2 | D | | | | E | | | | | | | 3 |
| B | | D | C | | | | | | E | | | | | 0 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | C | 5 | 7 | 1 | 4 | 9 | A | E | 2 | 0 | D | 8 | 6 | 3 |
| 6 | E | 8 | 5 | 2 | 9 | B | 0 | 3 | 1 | C | A | D | 4 | 7 |
| 1 | D | 0 | E | B | 6 | 7 | 4 | 2 | 8 | 3 | 9 | 5 | C | A |
| 9 | 2 | 3 | A | 8 | 0 | D | C | 6 | 5 | 4 | 7 | B | 1 | E |
| 4 | A | 7 | D | C | 3 | 1 | 5 | 8 | B | 6 | E | 9 | 2 | 0 |
| 8 | B | 6 | 1 | 5 | D | 0 | 2 | 7 | A | 9 | C | 3 | E | 4 |
| C | 1 | A | 4 | E | 7 | 3 | B | D | 0 | 2 | 8 | 6 | 5 | 9 |
| 0 | 4 | D | 6 | 9 | 2 | E | 8 | C | 3 | 1 | 5 | 7 | A | B |
| 3 | 7 | E | B | 0 | C | A | 9 | 5 | 4 | D | 6 | 2 | 8 | 1 |
| 2 | 5 | 9 | 8 | 3 | A | 6 | 1 | 4 | 7 | E | B | 0 | D | C |
| 5 | 8 | 1 | 0 | 7 | E | 4 | D | B | 6 | A | 3 | C | 9 | 2 |
| D | 9 | C | 3 | A | B | 5 | 7 | 1 | E | 8 | 2 | 4 | 0 | 6 |
| E | 0 | B | C | 6 | 8 | 2 | 3 | A | 9 | 5 | 4 | 1 | 7 | D |
| A | 3 | 2 | 9 | 4 | 5 | C | 6 | 0 | D | 7 | 1 | E | B | 8 |
| 7 | 6 | 4 | 2 | D | 1 | 8 | E | 9 | C | B | 0 | A | 3 | 5 |

ଗତକାଲିର ଉତ୍ତର



# ମଞ୍ଚ-ମାଇକ-ମାନପତ୍ରର ମୋହ

ଉପେନ୍ଦ୍ର ବିଶ୍ୱାଳ

ପୂଜ୍ୟପୂଜା ପ୍ରତି ପ୍ରଗାଢ଼ ସମ୍ମାନବୋଧ ଥିବା ଭୁବନେଶ୍ୱରର ଜଣେ ସାହିତ୍ୟପ୍ରାଣ, ସଙ୍ଗଠକ ତଥା ପ୍ରକାଶକ ନିଜର ଭାବନାକୁ ଦିନେ ପ୍ରକାଶ କରି କହିଲେ, ''କୌଣସି କ୍ଷେତ୍ରରେ ସର୍ବୋଚ୍ଚ ସମ୍ମାନ ପାଇଥିବା ବ୍ୟକ୍ତିଙ୍କୁ ପରବର୍ତ୍ତୀ ସମୟରେ ସେହି କ୍ଷେତ୍ରରେ ଛୋଟ ଛୋଟ ସମ୍ମାନ ଦେଇ ସମ୍ବର୍ଦ୍ଧିତ କରିବାଟା କେତେଦୂର ଠିକ୍? ମନେକରାଯାଉ ଭାରତରତ୍ନରେ ଭୂଷିତ ବ୍ୟକ୍ତିଙ୍କୁ ଭୁବନେଶ୍ୱରରତ୍ନରେ ସମ୍ବର୍ଦ୍ଧିତ କରିବା ଏବଂ ଏହାକୁ ଗ୍ରହଣ କରିବାକୁ ବ୍ୟକ୍ତି ଜଣଙ୍କ ଖୁବ୍ ବ୍ୟାକୁଳ ହେବା ଅବା ପଦ୍ମ ସମ୍ମାନରେ ସମ୍ମାନିତ ବ୍ୟକ୍ତି ଜଣଙ୍କ ପୁଣି ଅତୀବ ଆଗ୍ରହରେ ଜିଲା ସ୍ତରରେ କୌଣସି ସଙ୍ଗଠନଠାରୁ ମାନପତ୍ର ଗ୍ରହଣ କରିବାଟା ସମ୍ପୃକ୍ତ ବ୍ୟକ୍ତିଙ୍କ ପାଇଁ ମର୍ଯ୍ୟାଦାର ପ୍ରଶ୍ନ ନୁହେଁ କି? କେମିତି ହୁଅନ୍ତା, ଯଦି ସମ୍ମାନାସ୍ପଦ ମାନେ ବିନମ୍ରତାର ସହିତ ତାକୁ ଗ୍ରହଣ ନ କରି ନିଜ ଚଉପାଶରେ ଥିବା ପ୍ରତିଭାଧରମାନଙ୍କୁ ଚିହ୍ନେଇ, ସେମାନଙ୍କୁ ପ୍ରୋତ୍ସାହିତ କରିଚାଲନ୍ତେ । ଏହାଦ୍ୱାରା ସେମାନଙ୍କ ମହତ ପଣ ବୃଦ୍ଧି ସହିତ ନୂଆ ନୂଆ ପ୍ରତିଭାମାନେ ସାମ୍ନାକୁ ଆସିପାରନ୍ତେ ।'' ହିମାଳୟର ଉତ୍ତୁଙ୍ଗ ଶିଖରକୁ ଟେକାଟିଏ ଫୋପାଡ଼ିବା ଯେମିତି ଧୃଷ୍ଟତା, ଶୀର୍ଷସ୍ତରୀୟ ମାନ୍ୟବରମାନଙ୍କ ସମ୍ବନ୍ଧେ କିଛି ମନ୍ତବ୍ୟ ରଖିବା ଏକପ୍ରକାର ପିଲାଳିଆମି ବୋଲି ମନେ ହେଲା । କିନ୍ତୁ ଯେତେ କଠୋର ହେଲେ ମଧ ଏପ୍ରକାର ଭବ୍ୟ ବିଚାରବୋଧଠାରୁ ବାଟ ଭାଙ୍ଗି ଚାଲି ଯିବାଟା ପଳାୟନ ପନ୍ଥୀଙ୍କର ପରିଚୟପତ୍ର ବୋଲି ମନକୁ ଆସିଲା । ପ୍ରକୃତରେ ମଞ୍ଚ, ମାଇକ, ମାନପତ୍ର ପ୍ରତି ମୋହ ଅତିମାତ୍ରାରେ ଆମ୍ଭଙ୍କୁ ଗ୍ରାସ କରିଚାଲିଛି ଆଜି । ଏଣୁ ଏଥିପ୍ରତି ମୋହାଚ୍ଛନ୍ନ ମଣିଷଙ୍କ ପକ୍ଷରେ ମର୍ଯ୍ୟାଦାବୋଧ ଆସିବ ବା କେମିତି ? ଲାଜସରମ ଭୁଲି ତଳରୁ ଉପର ପର୍ଯ୍ୟନ୍ତ ମାନପତ୍ରଟିଏ ହାତେଇବାକୁ ତ ଲବି, ଲାଞ୍ଚ, ମିଛର ଆଶ୍ରୟ ନେବାକୁ ପଡୁଛି । ଏପରିକି ବଜାରର ସଉଦାପତ୍ର ପରି ମାନପତ୍ର ମାନ ବି କୁଆଡେ କ୍ରୟ-ବିକ୍ରୟ ହେଉଥିବାର ଅଜବ କିସମର କଥାମାନ ଦେଖିବାକୁ ମିଳେ । ମାଟିପୁତ୍ର, ଭୂମିପୁତ୍ର, ମାଟି ଗୌରବ, ଜାତି ଗୌରବ, ଭୂମି ଗୌରବ, ପୁଣି ମାଟିରତ୍ନ, ଭୂମିରତ୍ନ, ଏପରିକି ଭୂମିଦୂତଠାରୁ ସ୍ୱର୍ଗଦୂତ ପର୍ଯ୍ୟନ୍ତ ଏମିତି କେତେ କେତେ ପୁରସ୍କାର । କିଛି ବେପାରୀ ଯେମିତି ବେଳ କାଳ ଠଉରାଇ କଳାବଜାର ସୃଷ୍ଟି କରିଥାନ୍ତି, ଠିକ୍ ସେମିତି ଆମର ବିକଳିଆ ଭାବ ଦେଖି ଛତୁ ଫୁଟିଲା ପରି ମାନପତ୍ର ବିକ୍ରୟ/ ବିତରଣ କେନ୍ଦ୍ର (ଅନୁଷ୍ଠାନ) ମାନ ଖୋଲିଚାଲିଛି ସାରା ରାଜ୍ୟରେ ।

ଅତିଶୟ ଆତ୍ମବିଶ୍ୱାସରେ ବିଲେଇ ବି ବେଳେ ବେଳେ ଆଖିବୁଜି କ୍ଷୀର ପିଇଥାଏ । ମନେ ମନେ ଭାବୁଥାଏ, ଯେମିତି କେହି ଜାଣିପାରୁ ନାହାନ୍ତି । ସେଇଭଳିଆ, ବିଲେଇର ଭାବନାରେ ଓଡ଼ିଶାର ଜଣେ ବିଚାରବନ୍ତ ବ୍ୟକ୍ତି, ସାହିତ୍ୟ ଏକାଡେମୀ ସମ୍ମାନରେ ସମ୍ବର୍ଦ୍ଧିତ ହୋଇସାରି ପରବର୍ତ୍ତୀ ସମୟରେ ପୁରସ୍କାର ଫେରାଇବାକୁ ବାଧ୍ୟ ହୋଇଥିଲେ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶାନୁଯାୟୀ । ଚାତୁରୀରେ ମାନପତ୍ରଟିଏ ହାତେଇ ନେବା, ପୁଣି ହଟହଟା ହୋଇ ଫେରସ୍ତ ଦେବାଟା ଆମ ସମ୍ମାନ ହାନିର କାରଣ ନୁହଁ କି? ଚାତୁରୀ ଅପେକ୍ଷା ଯଦି ଆମ ଚେତନାର ବିକାଶ ହୋଇଥାନ୍ତା, ଆମ ମାନ-ମହତ ଏଠି ଅକ୍ଷୁଣ୍ଣ ରହିଥାନ୍ତା । ପ୍ରତିଷ୍ଠା ପାଗଳ ଏ ମଣିଷମାନେ, ଯେଉଁମାନେ ସାମାନ୍ୟ ପୁରସ୍କାରଟିଏ ପାଇଁ ଏଠିସେଠି ନସରପସର ହୋଇଥାନ୍ତି, ସେମାନେ ଜାଣିରଖିବା ଉଚିତ ଯେ ବିଶ୍ୱ ପ୍ରସିଦ୍ଧ ପ୍ରତିଭାବାନ୍‌ମାନେ ଦୁନିଆର ଶ୍ରେଷ୍ଠ ପୁରସ୍କାର, ନୋବେଲ ସମ୍ମାନକୁ ବି ପ୍ରତ୍ୟାଖ୍ୟାନ କରିବାକୁ ପଛେଇ ନାହାନ୍ତି । ମହାତ୍ମା ଗାନ୍ଧୀଙ୍କୁ ତ ନୋବେଲ ପୁରସ୍କାର ମିଳିନାହିଁ । ତା' ମାନେ କ'ଣ ଶାନ୍ତି ପାଇଁ ବିଶ୍ୱର ଯେତେଜଣ ନୋବେଲ ପୁରସ୍କାର ପାଇଛନ୍ତି, ସେମାନେ ବାପୁଜୀଙ୍କ ତୁଳନାରେ ଅଗ୍ରଗଣ୍ୟ ? ଯାହା ବି ହେଉନା କାହିଁକି, ମାନବ ଜଗତରେ ଶାନ୍ତି ଓ ଅହିଂସାର ଅଗ୍ରଦୂତ ଭାବେ ମହାତ୍ମା ଗାନ୍ଧୀ ହିଁ ପରିଗଣିତ ହେବେ ଯୁଗ ଯୁଗ ଧରି । ମାନପତ୍ର ନୁହଁ, ଲୋକଶ୍ରଦ୍ଧା, ଜନ ସ୍ୱୀକୃତି ହିଁ ଆମ ସମ୍ମାନର ସୂଚକ, ମର୍ଯ୍ୟାଦାର ମାନପତ୍ର । ଏଇଠି ମନକୁ ଆସେ ଶ୍ରଦ୍ଧାସିକ୍ତ ଏମିତି କେତେଜଣ ମହତ ମନର ମଣିଷଙ୍କ ନାଁ । ଯେଉଁମାନେ ପ୍ରତିଷ୍ଠା ବା ପୁରସ୍କାର ପାଇଁ ଲାଳାୟିତ ନ ହୋଇ ବରଂ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି । ଆମ ଦେଶର ପଦ୍ମ ସମ୍ମାନକୁ ନମ୍ରତାର ସହିତ ପ୍ରତ୍ୟାଖ୍ୟାନ କରିଥିବା ମହାନୁଭବମାନଙ୍କ ମଧ୍ୟରେ ସ୍ୱାମୀ ରଙ୍ଗ ନାଥାନନ୍ଦ, ଏମ୍. ଏସ୍. ନମ୍ବୁଦ୍ରିପଦ, ଖୁସ୍‌ୱନ୍ତ ସିଂହ, ଦନ୍ତୋପନ୍ତ ଠେଙ୍ଗେଡି, ଡାକ୍ତର ପ୍ରଣବ ପାଣ୍ଡ୍ୟା ପ୍ରମୁଖ । ସେମିତି ବି ରାଜ୍ୟ ବା କେନ୍ଦ୍ରର ସାରସ୍ୱତ ସମ୍ମାନକୁ ଏଡାଇ ଦେଇଥିବା ସଫଳ ଓଡ଼ିଆ ପ୍ରତିଭାଧରମାନେ ହେଲେ ଜଗନ୍ନାଥ ପ୍ରସାଦ ଦାସ, ନୃସିଂହ ତ୍ରିପାଠୀ (କେନ୍ଦ୍ର), ପଦ୍ମଜ ପାଳ, ଶୈଳଜ ରବି, ଗଙ୍ଗାଧର ରଥ, ନିତ୍ୟାନନ୍ଦ ଶତପଥୀ, ଉମେଶ ପତ୍ରୀ (ରାଜ୍ୟ) ପ୍ରମୁଖ । ପୁରସ୍କାର ଏମାନଙ୍କୁ ପ୍ରଲୁବ୍ଧ କରିପାରି ନ ଥିଲା କେବେ । ସାରଳା ପୁରସ୍କାରକୁ ଦୀପକ ମିଶ୍ର ପ୍ରତ୍ୟାଖ୍ୟାନ କରିଥିଲା ବେଳେ ଶରତ କୁମାର ମହାନ୍ତି ଉଭୟ ସାରଳା ଓ ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ମାନକୁ ଏଡାଇ ଦେଇଥିଲେ ।

ଏବେ ଆପଣମାନଙ୍କୁ ଆମନ୍ତ୍ରଣ କରୁଛୁ ମଞ୍ଚ ଉପରକୁ । ମଞ୍ଚରେ ଆସନଟିଏ ପାଇଁ ଏଠି ଏକପ୍ରକାର ଚାଲେ ପ୍ରତିଯୋଗିତା । କେଉଁଠି କେଉଁଠି ମଞ୍ଚର ଆସନ ପାଇଁ ନିଲାମ ପରି ବ୍ୟବସ୍ଥା ବି ଦେଖିବାକୁ ମିଳେ । ନିଜକୁ ବିଜ୍ଞାପିତ କରିବାର ବ୍ୟାକୁଳତା ଏତେ ପରିମାଣରେ ବଢ଼ିଯାଇଛି ଯେ ବୌଦ୍ଧିକ ଜଗତରେ ବଜାର ପାଇଁ ଏହା ଏକପ୍ରକାର ବାଟଟିଏ ଖୋଲିଦେଇଛି ବୋଲି କହିଲେ ପ୍ରାୟ ଭୁଲ ହେବନି । କହିବାକୁ ଗଲେ ମଞ୍ଚ-ମାଇକ-ମାନପତ୍ରକୁ ନେଇ ଆଜି ଏକପ୍ରକାର ଭଲ ବେଉସା ଚାଲିଛି । ସାମ୍ପ୍ରତିକ ସମୟରେ ଭାରତର ଜିଡିପିର ସ୍ଥିତିକୁ ନେଇ ଅନେକେ ଉଦ୍‌ବେଗ ପ୍ରକାଶ କରନ୍ତି । ସେମାନେ ଯଦି ଏହି ମଞ୍ଚ-ମାଇକ-ମାନପତ୍ର ବ୍ୟବସ୍ଥାର ବଜାର ମୂଲ୍ୟକୁ ଜିଡିପିରେ ଯୋଡ଼ିପାରନ୍ତେ, ବୋଧହୁଏ ଏତେଟା ନିରାଶ ହେବାକୁ ପଡ଼ନ୍ତାନାହିଁ ସେମାନଙ୍କୁ । କେଇଖଣ୍ଡ ଗୋଲାପୀ ନୋଟ୍‌ର ପ୍ରତିବଦଳରେ ମଞ୍ଚ ମୋହାବିଷ୍ଟ ମଣିଷଙ୍କୁ ମାଇକଟିଏ ଧରେଇ ଦେବାରେ ଅସୁବିଧା କେଉଁଠି ? ଗୋଲାପୀ ନୋଟ୍‌ର ପରିମାଣ ଉପରେ ନିର୍ଭର କରେ ମଞ୍ଚର ଆସନ ଓ ମାଇକର ସମୟ । ବେଳେବେଳେ ଏମିତି ତ ଦେଖିବାକୁ ମିଳେ, ଯେଉଁଠି ମଞ୍ଚ ତଳର ମଣିଷଙ୍କଠାରୁ ମଞ୍ଚାସୀନ ମଣିଷଙ୍କ ସଂଖ୍ୟା ଅଧିକ । ଏମିତି ଏକ ବିରଳ ଦୃଶ୍ୟଟିଏ ଦେଖିବାକୁ ମିଳିଥିଲା ଗତ ନଭେମ୍ବର ୨୦୧୯ରେ । ସେଦିନ ଥିଲା ଜିଲାର ସଦର ମହକୁମାରେ ଆୟୋଜିତ ଏକ ପୁସ୍ତକ ମେଳାର ୩ୟ ସନ୍ଧ୍ୟା । କେଇଖଣ୍ଡ ପୁସ୍ତକ କିଣିବାକୁ ଯାଇ ଦେଖିଲି, ମଞ୍ଚାସୀନ ୧୧ ଜଣଙ୍କ ଭାଷଣକୁ ବସି ଶୁଣୁଥିଲେ ମଞ୍ଚ ତଳେ ଥିବା ୭ଜଣ ମଣିଷ । ଆଉ ମେଳାଟିରେ ବୁଲୁଥିଲେ ପ୍ରାୟ ୧୨/୧୫ ଜଣ ପୁସ୍ତକପ୍ରେମୀ ।

ସାହିତ୍ୟ ଜଗତଠାରୁ ସାଂସ୍କୃତିକ ଜଗତ, ସାମାଜିକ କ୍ଷେତ୍ରଠାରୁ ସେବାକ୍ଷେତ୍ର, ସବୁଠି ଆୟୋଜିତ ମାଳ ମାଳ ମଞ୍ଚ । ଆୟୋଜକମାନଙ୍କ ଭାଗ୍ୟକୁ ଯଦି ଓଜନଦାର ଅତିଥି ଯଥା ମଦବେପାରୀ, ଜମି ବେପାରୀ, ଖଣି ବେପାରୀ, ପାଠ ଓ ସ୍ୱାସ୍ଥ୍ୟ ବେପାରୀମାନେ ମିଳି ଯାଆନ୍ତି, ତେବେ ପଞ୍ଚମରେ ବୃହସ୍ପତି ବୋଲି ସେଇଟା ମାନିବାକୁ ହେବ । ଆମେ ଆତ୍ମବିଭୋର ହୋଇ ଉଠୁ ଖବରକାଗଜ ପୃଷ୍ଠାରେ ନିଜକୁ ଟିକେ ମଣ୍ଡିତ ହେବାର ଦେଖିଲେ । ଏଇଥିରେ ହିଁ ଆମର ଅଜସ୍ର ଆତ୍ମସନ୍ତୋଷ । କେବଳ ଚୌକିଟିଏ ଯୋଗାଡ଼ କରିବାକୁ ଟିକେ କସରତ କରିବାକୁ ପଡ଼େ । ସତରେ କି ବିଡ଼ମ୍ବନା, କି ବିପର୍ଯ୍ୟୟ ଏ ଭୂମିର ଭାଗ୍ୟରେ ? ବିଶ୍ୱର ଏକ ବିରଳ ଭୂଖଣ୍ଡ ଆମ ଭାରତ, ଯେଉଁ ଭୂମିର ଚିର ଆଦର୍ଶ ହେଉଛନ୍ତି ଆମ ପୂର୍ବଜ, ମୁନି ଋଷି ମାନେ । ଯେଉଁମାନେ କେବେ ବି ବିଜ୍ଞାପିତ ହେବାକୁ ଚାହୁଁ ନଥିଲେ । ତନ୍ମଧ୍ୟରୁ ଜଗନ୍ନାଥ ଦେଶ ତ ତତୋଧିକ ବିରଳ ଭୂମି । ଯେଉଁ ଭୂମିର ସ୍ୱୟଂ ଜଣେ ନରପତି ନିଜ ବଂଶ ରକ୍ଷା ନ ହେଉ ବୋଲି ଶ୍ରୀଜଗନ୍ନାଥଙ୍କୁ ବର ଯାଚନା କରିଥିଲେ - ମୋ ଅନ୍ତେ ମୋ ବଂଶର କେହି ଉତ୍ତରାଧିକାରୀ ନ ରୁହନ୍ତୁ, ଯେଉଁମାନେ ପରବର୍ତ୍ତୀ ସମୟରେ ଏହି ମହନୀୟ କୀର୍ତ୍ତିକୁ ନିଜ ବଂଶର କୃତି ବୋଲି ଦାବି କରିବେ । କୁଆଡେ ହଜିଲା ଆମର ଏ ଦିବ୍ୟ ଦୃଷ୍ଟିଭଙ୍ଗୀ ଓ ଉଚ୍ଚ ଆଦର୍ଶ ? ଆଜି ଅତ୍ୟନ୍ତ ଦୁଃଖ ଓ ଦୁର୍ଭାଗ୍ୟର ବିଷୟ ଏହି ଯେ ସେହି ଭୂମିର ଦାୟାଦ ହୋଇ ଦୌଡୁଛୁ ପ୍ରତିଷ୍ଠା-ପ୍ରତିପତ୍ତି-ପଡିଆରା ପଛରେ । ଏ ସମୟରେ ବ୍ୟତିକ୍ରମଟିଏ ଆଖିରେ ପଡ଼ିଲେ ମନ ଉଦ୍ଭାସିତ ହୋଇଉଠେ ଉଲ୍ଲାସରେ । କାରଣ କେଉଁଠି ନା କେଉଁଠି ଟିକିଏ ହେଲେ ତ ବଞ୍ଚି ରହିଛି ସେ ଆଦର୍ଶ । ଏହା ଭାବି ମନରେ ଗର୍ବ ବି ଆସେ । ଅତଏବ ମଞ୍ଚ-ମାଇକ-ମାନପତ୍ର ପ୍ରତି ଅଯଥା ଆସକ୍ତି ନ ରଖି, ଆସନ୍ତୁ ଆମ ଚେତନାକୁ ଆଗେ ବିକଶିତ କରିବା । ଫଳତଃ ପୂଜା ପାଇବାର ଯଥାର୍ଥ ଯୋଗ୍ୟତା ଅର୍ଜନ କରିବା ସହିତ ଅନ୍ଧକାର ଦୁନିଆକୁ ଉଦ୍ଭାସିତ କରିପାରିବା ।

ଗୋଡ଼ିଶୁଳ, ସଜନାଗଡ଼, ବାଲେଶ୍ୱର, ମୋ- ୯୪୩୭୪୩୬୦୭୩



# କାରୁଣ୍ୟରେ ବୟୋଜ୍ୟେଷ୍ଠ

ଡ. ଅଜୟ କୁମାର ନନ୍ଦ

ଜୀବନ ଯାତ୍ରାର ଅନ୍ତିମ ତଥା ଶେଷ ପର୍ଯ୍ୟାୟରେ ଯେ କେହି ଉପନୀତ ହେଲେ, ଆମେ ସେମାନଙ୍କୁ ବୟୋଜ୍ୟେଷ୍ଠ, ବୟବୃଦ୍ଧ,ବୟସ୍କ ଆଦି ଶବ୍ଦରେ ସମ୍ବୋଧନ କରୁ । ସେ ଆମର ପିତୃ ମାତୃ, ଅଜା ଆଈ, ଜେଜେବାପା, ଜେଜେ ମାଆ ପ୍ରମୁଖ ଜ୍ଞାତି କୁଟୁମ୍ବ ଓ ଆତ୍ମୀୟସ୍ୱଜନ । ତାଙ୍କର ତ୍ୟାଗ, ଆଦେଶ ଓ ଉପଦେଶ ଆଣିଥାଏ ଅନେକ ସମ୍ଭାବନା ଓ ଦୃଢ଼ ଭବିଷ୍ୟତ । ପରେ ପରେ ଆମେ ପ୍ରତିଷ୍ଠିତ ହେଉ ସମାଜରେ ଅନେକ ଗର୍ବ ଓ ଗୌରବରେ । ରାମାୟଣରେ ବର୍ଣ୍ଣିତ ପିତୃ ସତ୍ୟ ପାଳନରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ତ୍ୟାଗ ପ୍ରାୟ ଅଳ୍ପ ବହୁତେ ସମସ୍ତେ ଜାଣିଥିବେ । ପିତୃ ମାତୃ ଓ ବୟୋଜ୍ୟେଷ୍ଠ ସଦା ବନ୍ଦନୀୟ ଓ ପୂଜନୀୟ । ମନେରଖିବାକୁ ହେବ ଯେ, ଦିନେ ନା ଦିନେ ଆମକୁ ଏ ବୟସରେ ଉପନୀତ ହେବାକୁ ପଡିବ । ଏକଥା କହିବାର ତାତ୍ପର୍ଯ୍ୟ ଯେ, ବର୍ତ୍ତମାନର ବୟସ୍କ ଲୋକମାନେ ନିଜକୁ ଅସୁରକ୍ଷିତ ମନେକରୁଛନ୍ତି । ପୂର୍ବେ ଯୌଥ ପରିବାରରେ ଯେତିକି ସୁରକ୍ଷିତ ମନେକରୁଥିଲେ, ବର୍ତ୍ତମାନର ଏକକ ପରିବାରରେ ସେତିକି ଅସୁରକ୍ଷିତ ମନେକରୁଛନ୍ତି ।

ଉଗ୍ରଆଧୁନିକତାବାଦର ପରିବର୍ତ୍ତନରେ ପ୍ରାୟ କିଛି ସହରାଭିମୁଖୀ ହେଉଛନ୍ତି ପିଲାଙ୍କ ପାଠପଢା ବାହାନାରେ ହେଉ ବା ଐକକେନ୍ଦ୍ରୀକ ଭାବରେ କଟକଣା ମୁକ୍ତ ଜୀବନ ବିତେଇବାକୁ ହେଉ । ବିଚରା ବାପା ମାଆ ସେଇ ଗାଁରେ ରହିଯାଉଛନ୍ତି ନିଜ ସ୍ୱାଭିମାନକୁ ବଞ୍ଚାଇବା ଲାଗି । ମାସେ, ଦି ମାସେ ବା ବର୍ଷେ ଛ' ମାସରେ ପୁଅ, ବୋହୂ, ନାତିନାତୁଣୀ ଆସୁଛନ୍ତି ନିଜର ଆତ୍ମବିନୋଦନ ପାଇଁ ନତୁବା ଅବସାଦ ମୁକ୍ତ ହେବା ପାଇଁ । ଯଦି ବାପା ମାଆ ଭିତରୁ ଜଣଙ୍କର ଅବର୍ତ୍ତମାନ ହୋଇଗଲା ତା'ହେଲେ କଥା ସରିଲା । ଯଦି ପୁଅ ଝିଅଙ୍କ ସଂଖ୍ୟା ଅଧିକ ତେବେ ଆରମ୍ଭ ହୁଏ ଏକ ବୃହତ୍ ଗାଣିତିକ ସୂତ୍ରର ପ୍ରୟୋଗ ଅର୍ଥାତ୍ କେତେ ଦିନ, କେତେ ମାସ, କୋଉ ପୁଅ ଝିଅଙ୍କ ଘରେ ରହିବେ, ନବା ଛାଡ଼ିବାର ବ୍ୟବସ୍ଥା, ଔଷଧ ଖର୍ଚ୍ଚ, ଡାକ୍ତର ଦେଖାଇବା ଖର୍ଚ୍ଚ ଇତ୍ୟାଦିକୁ ନେଇ ।

ଅନେକ ବୟୋବୃଦ୍ଧ ନିଜ ପରିବାରରୁ ବେସାହାରା ହୋଇ ପରିଣତ ବୟସରେ କିଏ ରାସ୍ତା କଡରେ ଭିକ ମାଗୁଛନ୍ତି ତ କିଏ ଡାକ୍ତରଖାନା ବାରଣ୍ଡାରେ ଦିନ ବିତାଉଛନ୍ତି । ଯାହାର ଟିକେ ସମ୍ବଳ ଅଛି ସିଏ ଯାଇ ବୃଦ୍ଧାଶ୍ରମରେ ଶେଷ ଦିନ ଅତିବାହିତ କରିବା ପାଇଁ ଶ୍ରେଷ୍ଠ ମଣୁଛନ୍ତି । ମା' ର ବାତ୍ସଲ୍ୟ ମମତା, ନିଃସ୍ୱାର୍ଥପର ସେବା, ଜନ୍ମରୁ ଶୈଶବ ପାର ହେବାରେ ମା'ର ଭୂମିକା ଓ ନାନାଦି ଆର୍ଥିକ ଅଭାବ ଅନଟନରୁ ବର୍ତ୍ତି ପିଲାମାନଙ୍କୁ ଉତ୍ତମ ଶିକ୍ଷା ସହିତ ସମାଜରେ ପ୍ରତିଷ୍ଠିତ ହେବାର ମୁଖ୍ୟ ଭୂମିକା କେବଳ ବାପାଙ୍କ ବ୍ୟତୀତ ଅନ୍ୟ କେହି ହୋଇ ନ ପାରନ୍ତି । ତା' ପ୍ରତିବଦଳରେ ସେମାନେ ପାଆନ୍ତି କ'ଣ ? ପରନ୍ତୁ ପୁଅ ଭଲ ପାଠ ପଢି ବିଦେଶରେ ଚାକିରି କରି ମୋଟା ଅଙ୍କର ଦରମା ସାଙ୍ଗକୁ ପ୍ରତିଷ୍ଠିତ ହୁଏ ସଭ୍ୟ ସମାଜରେ । ଅନ୍ଧର ଲଉଡି ପୁତ୍ର ପାଇଁ ବାର୍ଦ୍ଧକ୍ୟ ଓ ରୋଗଗ୍ରସ୍ତ ବାପା ମାଆ ହୁଅନ୍ତି ଅଲୋଡ଼ା । ଏପରି ସମସ୍ୟାର ଉତ୍ତର, କେଉଁଠି ନା କେଉଁଠି ଲୁକ୍କାୟିତ ହୋଇ ରହିଯାଉଛି । କାହାକୁ ଦାୟୀ କରିବା, ଯୌଥ ପରିବାରକୁ, ନା ଏକକ ପରିବାରକୁ, ନା ଦାୟୀ କରିବା ବୈବାହିକ ଦିନ ପରେ ଉଭୟ ପୁଅବୋହୂଙ୍କ ବଞ୍ଚିବାର ସ୍ୱାଧୀନତାକୁ ନେଇ, ନା ଆମର ମାନସିକ ଚିନ୍ତାଧାରାର ଅଧପତନକୁ ନେଇ । ଏକଥା କହିବାର ତାତ୍ପର୍ଯ୍ୟ ଯେ, ପୁଅର ବିବାହ ପରେ ଘଟୁଥିବା ବାପା ବୋଉଙ୍କର ଦୁର୍ଦ୍ଦିନର ଘଟଣାବଳୀକୁ ନେଇ । ଏବେ କିନ୍ତୁ ଘଟଣା ଆହୁରି ସଙ୍ଗିନ ହେବାରେ ଲାଗିଛି । ସହଜେ ତ ମହାମାରୀ କରୋନା କବଳରେ ଆମେ ସମସ୍ତେ ଅଣନିଃଶ୍ୱାସୀ । ପ୍ରାୟ ବୟୋବୃଦ୍ଧ ବିଭିନ୍ନ ପ୍ରକାର ବୟସାଧିକ ରୋଗରେ ଆକ୍ରାନ୍ତ । ଥଣ୍ଡା ସର୍ଦ୍ଦି ତ ସାଧାରଣ କଥା । ଏପଟେ କରୋନା ଭୂତାଣୁର ତାଣ୍ଡବଲୀଳା ବୟୋଜ୍ୟେଷ୍ଠଙ୍କ ଉପରେ ବେଶି । କରୋନା କଟକଣାରେ ସାମାନ୍ୟ ଆଶ୍ୱସ୍ତି ହୋଇଥିଲେ ମଧ ତାଲାବନ୍ଦର ପ୍ରଭାବରୁ ବୟସ୍କମାନେ ବର୍ତ୍ତି ନାହାନ୍ତି । ନିଜ ନିଜ ବାସରେ ଗୃହବନ୍ଦୀ ଦିନ ବିତାଉଛନ୍ତି । ମହାମାରୀ ପୂର୍ବରୁ ବୟସ୍କ ଲୋକମାନେ ବିଭିନ୍ନ ସଭାସମିତି, ବଜାର ହାଟ, ମେଳା ମଉଛବ ଏପରି କି ଲାଫିଙ୍ଗ କ୍ଲବରେ ସମବୟସ୍କଙ୍କ ସହିତ ଆତ୍ମବିନୋଦନ କରୁଥିଲେ । ଚିରାଚରିତ ଢଙ୍ଗରୁ ବାହାରି ସଂକ୍ରମଣ ଭୟର କଟକଣା ମଧ୍ୟରେ ବାନ୍ଧି ହୋଇ ରହୁଛନ୍ତି । ଫଳସ୍ୱରୂପ ମାନସିକ ଅବସାଦ, ଚିଡିଚିଡା ସ୍ୱଭାବ ଆଦି ମୁଣ୍ଡବିନ୍ଧାର କାରଣ । ଏହି ସମୟରେ ଆମେ ସେମାନଙ୍କ ପ୍ରତି ଦୟା ଓ ସେବା ମନୋଭାବ ପ୍ରକାଶ କଲେ ସେମାନଙ୍କ ମାନସିକ ଗ୍ଲାନିରେ ଘୋର ପରିବର୍ତ୍ତନ ଆସିବା ସହିତ ହତାଶା ଭାବ ଭଳି କୋହ ସମ୍ବରଣରୁ ବଞ୍ଚିତ ହୁଅନ୍ତେ ।

ବୃଦ୍ଧାବସ୍ଥାରେ ବାପା ମାଆଙ୍କର ଭରଣ ପୋଷଣ କରୁ ନ ଥିବା ପୁଅମାନଙ୍କ ପାଇଁ ଜେଲ ଜରିମାନା ଭଳି ଦଣ୍ଡାଦେଶ ଓ ଦୃଢ଼ ଆଇନର ଆଶ୍ୟକତାକୁ ଏଡାଇ ଦିଆଯାଇ ନ ପାରେ । ସାମାଜିକ ବ୍ୟାଧିରେ ପରିବର୍ତ୍ତିତ ହେବା ପୂର୍ବରୁ ଏହାର ମୂଳୋତ୍ପାଟନ ସମାଜ ମଙ୍ଗଳ ପାଇଁ ଏକ ଦିଗବାରେଣୀ ସାବ୍ୟସ୍ତ ହୁଅନ୍ତା । କଥାରେ ଅଛି 'ବାପ ଥିଲା ପୁଅ ସଭାରେ ହାରେନା' ନୀତିରେ ଆମେ ବୟୋଜ୍ୟେଷ୍ଠଙ୍କ ପ୍ରତି ଅସୂୟା ଭାବ ତ୍ୟାଗ କରିବା ସହିତ ମାନସିକତାର ବୈଧତାକୁ ତର୍ଜମା କରି ସକାରାତ୍ମକ ମନୋଭାବ ଆପଣେଇବା ଜନ୍ମଦାତାଙ୍କ ପ୍ରତି ମହନୀୟତା ହେବ । ଆଇନକାନୁନ୍ ସହିତ ମାନସିକତାର ପରିବର୍ତ୍ତନ ହିଁ ବୟୋଜ୍ୟେଷ୍ଠଙ୍କ କାରୁଣ୍ୟର ଅବସାନ ଘଟାଇବ ।

ବିଶ୍ୱନାଥ କୁଟୀର, ନୀଳକଣ୍ଠପୁର, ପୁରୀ
ajayakumarnanda@gmail.com

## ଏଇ ଭାରତରେ

ସ୍ୱଚ୍ଛ ଭାରତ ସ୍ଲୋଗାନ ପ୍ରତିଧ୍ୱନିତ ହୋଇଛି ରାଜସ୍ଥାନର ଜଣେ ୧୮ ବର୍ଷୀୟା ଝିଅ ଚେଷ୍ଟା ଗୁଲେଚ୍ଛାଙ୍କ ହୃଦୟରେ । ସେ ଗାଁରୁ ସବୁ ଅଳିଆ ସଫା କରିଦେଇଛନ୍ତି । ଏଥିପାଇଁ ତାଙ୍କୁ ୫୦ ଦିନ ଲାଗିଛି । ଚଳିତ ବର୍ଷ କଲେଜ ଶିକ୍ଷା ଡ୍ରପ୍ କରି ସେ ତାଙ୍କ ଜେଜେବାପା ଓ ଜେଜେମା'ଙ୍କ ସହ କିଛି ସମୟ କଟାଇବା ଲାଗି ଖିଛାନ ଗାଁକୁ ଆସିଥିଲେ । ଗାଁରେ ପହଞ୍ଚିବାପରେ ରାସ୍ତାରେ ଅଳିଆ ଆବର୍ଜନା ଦେଖିବାକୁ ପାଇଥିଲେ । ପରେ ସେ ଏକ ଝାଡୁ ଓ ବ୍ୟାଗ ଧରି ରାସ୍ତାରୁ ଅଳିଆ ଗୋଟାଇବା ଆରମ୍ଭ କରିଦେଲେ । ପାଞ୍ଚଦିନ ଯାଏ ତାଙ୍କୁ କେବଳ ଗ୍ରାମବାସୀ ଦେଖିଲେ, କିଛି ବି ସାହାଯ୍ୟ କଲେନି, ବରଂ ଏଭଳି କାମ ଦେଖି ଚେଷ୍ଟାଙ୍କୁ ସେମାନେ 'ମ୍ୟାଡ୍ ସିଟି ଗର୍ଲ' ବୋଲି କହିବାକୁ ଲାଗିଲେ । ଚେଷ୍ଟାଙ୍କ ଜାତିରେ ରାସ୍ତା ସଫା କରିବା ଉଚିତ ନୁହେଁ ବୋଲି କହି ସେମାନେ ବିରୋଧ କରିବାକୁ ଲାଗିଲେ । କିନ୍ତୁ ଠିକ୍ ୬ଦିନ ବେଳକୁ ଗ୍ରାମବାସୀ ତାଙ୍କ ସହ ଯୋଗ ଦେଇ ସଫା କରିବା ଆରମ୍ଭ କରିଦେଲେ । ପରେ ଚେଷ୍ଟା ଏକ ଟିମ୍ ଗଢି ୫୦ ଦିନରେ ପୂରା ଗାଁକୁ ସଫା କରିଦେଇଛନ୍ତି । ଏଥିସହ ପ୍ରତିଦିନ ଘରକୁ ଘର ବୁଲି ଅଳିଆ ସଂଗ୍ରହ କରିବା କାର୍ଯ୍ୟ ବି ଆରମ୍ଭ କରିଛନ୍ତି । ଚେଷ୍ଟା ଓ ତାଙ୍କ ଟିମ୍ ପ୍ରତି ସପ୍ତାହର ସୋମବାର ଓ ଗୁରୁବାର ଗାଁରେ ବୁଲି ଟ୍ରାକ୍ଟରରେ ଅଳିଆ ସଂଗ୍ରହ କରି ବାହାରକୁ ନେଉଛନ୍ତି । ସେ ଏ ବାବଦରେ ମୋଟ ୫୦,୦୦୦ ଟଙ୍କା ନିଜ ପକେଟରୁ ଖର୍ଚ୍ଚ କରିଛନ୍ତି ।

## ଚିରନ୍ତନୀ

ଦେଖରେ ପିକ ଦେଖରେ ଶୁକ
ଲଭିଛି କବି କି ଗୁରୁ ଦୁଃଖ
ତୁମରି ସ୍ୱର ନୁହେଁ ମଧୁର,
କରିଛି ତାକୁ ମଉନ ମୂକ ।

(କବିର ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପେଟ୍ରୋଲ ଓ ଡିଜେଲ ଉପରେ କମ୍ ଟ୍ୟାକ୍ସ ଧାର୍ଯ୍ୟ ହେଉ

ମହାଶୟ,

ବର୍ତ୍ତମାନ ପ୍ରତି ଲିଟର ପେଟ୍ରୋଲ ଓ ଡିଜେଲ ଉପରେ ଉତ୍ପାଦନ ଶୁଳ୍କ ଓ ଭ୍ୟାଟ୍ ବାବଦକୁ ଦେଶବାସୀଙ୍କୁ ପ୍ରାୟ ୫୨ ଟଙ୍କା ଦେବାକୁ ପଡୁଛି । ଓଡ଼ିଶା ସରକାର ପ୍ରତି ଲିଟର ପେଟ୍ରୋଲ ଓ ଡିଜେଲ ଉପରେ ଭ୍ୟାଟ୍ ବାବଦକୁ ପ୍ରାୟ ୧୯ ଟଙ୍କା ନେଉଥିବା ବେଳେ ଉତ୍ପାଦନ ଶୁଳ୍କ ବାବଦକୁ କେନ୍ଦ୍ର ସରକାର ନେଉଛନ୍ତି ପ୍ରାୟ ୩୩ ଟଙ୍କା । ସେଥିପାଇଁ ବର୍ତ୍ତମାନ ଲିଟର ପିଛା ପେଟ୍ରୋଲ ଓ ଡିଜେଲ ଦର ହେଉଛି ୮୨ ଟଙ୍କା ଏବଂ ୭୯ ଟଙ୍କା, ଅର୍ଥାତ୍ ଟ୍ୟାକ୍ସ ଓ ଭ୍ୟାଟ୍‌କୁ ବାଦ ଦେଲେ ପ୍ରତି ଲିଟର ପେଟ୍ରୋଲ ଓ ଡିଜେଲର ଦାମ୍ ହେଉଛି ୩୨ ଟଙ୍କା ଓ ୨୭ ଟଙ୍କା । ଅଶୋଧିତ ପେଟ୍ରୋଲିୟମର ବ୍ୟାରେଲ ପିଛା ଅର୍ଥାତ୍ ପ୍ରତି ୧୫୯ ଲିଟରର ଦାମ୍ ହେଉଛି ମାତ୍ର ୪୦୨୬ ଟଙ୍କା ଏବଂ ପ୍ରତି ଲିଟରର ଦାମ୍ ହେଲା ୨୫ ଟଙ୍କା ୩୨ ପଇସା । ଏହା ସହିତ ଡିଲର କମିଶନ, ଜାହାଜ ଭଡା ଓ ପରିବହନ ଖର୍ଚ୍ଚ ବାବଦକୁ ପ୍ରାୟ ୪ ଟଙ୍କା ୬୮ ପଇସା ଯୋଗକଲେ ଲିଟର ପିଛା ପେଟ୍ରୋଲ ଓ ଡିଜେଲର ପ୍ରକୃତ ଦାମ୍ ଯଥାକ୍ରମେ ୩୦ ଟଙ୍କା ଓ ୨୭ ଟଙ୍କା ହେଉଛି । ୨୦୧୪ରେ ମୋଦି ସରକାର ଆସିଲା ବେଳକୁ ଲିଟର ପିଛା ପେଟ୍ରୋଲ ଓ ଡିଜେଲ ଉପରେ ଉତ୍ପାଦନ ଶୁଳ୍କ ମାତ୍ର ୯ ଟଙ୍କା ୪୮ ପଇସା ଓ ୩ ଟଙ୍କା ୫୬ ପଇସା ଥିବା ବେଳେ ବର୍ତ୍ତମାନ ଏହା ହେଉଛି ପ୍ରାୟ ୩୩ ଟଙ୍କା । ଏହି କାରଣରୁ ପ୍ରତିଦିନ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକର ଦାମ ହୁ ହୁ ହୋଇ ବଢିଚାଲିଛି । ଏହିପରି ଭାବରେ ପ୍ରତିବର୍ଷ ଓଡ଼ିଶା ସରକାର ଭ୍ୟାଟ୍ ବାବଦକୁ ପ୍ରାୟ ୫୦୦୦ କୋଟି ଟଙ୍କା ଆଦାୟ କରୁଥିବା ବେଳେ ଉତ୍ପାଦନ ଶୁଳ୍କ ବାବଦକୁ କେନ୍ଦ୍ର ସରକାର ଆଦାୟ କରୁଛନ୍ତି ପ୍ରାୟ ୬ ଲକ୍ଷ କୋଟି ଟଙ୍କା । ସୁତରାଂ, କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରେ ସର୍ବାଧିକ ୨୮ ପ୍ରତିଶତ ଜିଏସ୍‌ଟି ଲାଗୁ କରାନ୍ତୁ, ଯାହା ଫଳରେ ପେଟ୍ରୋଲ ଓ ଡିଜେଲର ଲିଟର ପିଛା ବିକ୍ରି ଦର ପ୍ରାୟ ୩୯ ଟଙ୍କା ଓ ୩୫ ଟଙ୍କା ରହିବ । ବର୍ତ୍ତମାନ ସରକାର ଝିଙ୍କିକା ମାରି ବଣି ପୋଷିବା ନୀତିକୁ ଆପଣାଇ ଆମ ସମସ୍ତଙ୍କୁ ଶୋଷଣ କରିଚାଲିଥିବା ବେଳେ ପୁନଃ ପେଟ୍ରୋଲ ଓ ଡିଜେଲ ଉପରେ ଲିଟର ପିଛା ୬ ଟଙ୍କା ଅଧିକ ଉତ୍ପାଦନ ଶୁଳ୍କ ବୃଦ୍ଧି କରିବାର ପ୍ରସ୍ତାବକୁ ଭୁଲିଯିବା ଉଚିତ ।

ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ତିହିଡି, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ପୁନମ୍ ପାଣ୍ଡେ ଗିରଫ**

**ନୂଆଦିଲ୍ଲୀ:** ବିଭିନ୍ନ ସମୟରେ ବିବାଦ ଘେରକୁ ଆସୁଥିବା ମଡେଲ୍ ତଥା ଅଭିନେତ୍ରୀ ପୁନମ୍ ପାଣ୍ଡେଙ୍କୁ ଉତ୍ତର ଗୋଆର ଚାପୋଲି ଡ୍ୟାମରୁ ଗିରଫ କରାଯାଇଛି। ସେଠାକାର ସମୁଦ୍ର କୂଳରେ ସେ ଅଶ୍ଳୀଳ ଭିଡିଓ ଶୁଟିଂ କରୁଥିବା ଅଭିଯୋଗ ହୋଇଛି। ଓମେନ୍ସ ୱିଙ୍ଗ ଅଫ୍ ଗୋଆ ଫରୱାର୍ଡ ପାର୍ଟି ପକ୍ଷରୁ ଏନେଇ ପୁନମ୍‌ଙ୍କ ବିରୋଧରେ ଅଭିଯୋଗ କରାଯାଇଥିଲା। ପୁନମ୍ ଏଭଳି ଭିଡିଓ ଗୋଆରେ ଶୁଟ୍‌କରି ରାଜ୍ୟର ମହିଳାଙ୍କୁ ଅପମାନିତ କରିଥିବା ଦର୍ଶାଯାଇଥିଲା। ସୋସିଆଲ ମିଡିଆରେ ପୁନମ୍‌ଙ୍କ ଅର୍ଦ୍ଧନଗ୍ନ ଫଟୋ ଓ ଭିଡିଓ ଭାଇରାଲ ହେଉଥିବାରୁ ଏନେଇ ଆପତ୍ତି ଉଠାଯିବା ସହ ଥାନାରେ ଏତଲା ଦିଆଯାଇଥିଲା। ପ୍ରକାଶଥାଉ କି ବିବାହ ପରେ ପୁନମ୍ ସ୍ୱାମୀ ସାମ୍‌ଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣିଥିଲେ। ସାମ୍‌ଙ୍କୁ ଗିରଫ କରାଯାଇ ପରେ ଜାମିନରେ ଛଡ଼ାଯାଇଥିଲା।

# ମା'ଙ୍କୁ ପାଇଲେ ପୁଅ, ସ୍ୱାମୀଙ୍କୁ ମିଳିଲା ସ୍ତ୍ରୀ



ପୁଅ ଓ ସ୍ୱାମୀଙ୍କ ସହ ତାରା ଭଗତ। ନିକଟରେ ହୋପ୍ ଇଜ୍ ଲାଇଫ୍‌ର ସଦସ୍ୟମାନେ।

**ପୁରୀ ଅଫିସ,୫।୧୧**

## ଶ୍ରୀକ୍ଷେତ୍ର ମାଟିରେ ମିଳନ

ଶେଷରେ ଶ୍ରୀକ୍ଷେତ୍ରର ପବିତ୍ର ମାଟିରେ ହୋଇଛି ମହାମିଳନ। ୧୦ ବର୍ଷ ପରେ ହଜିଲା ପରିବାରକୁ ଫେରିପାଇଛନ୍ତି ପଶ୍ଚିମବଙ୍ଗ ଶାନ୍ତିନିକେତନର ତାରା ଭଗତ। ଗୁରୁବାର ପଶ୍ଚିମବଙ୍ଗରୁ ତାରାଙ୍କ ସ୍ୱାମୀ ଓ ପୁଅ ଆସି ତାଙ୍କୁ ସାଥୀରେ ନେଇଯାଇଛନ୍ତି। ମହାପ୍ରଭୁଙ୍କ ଯୋଗୁ ଆଜି ସେ ତାଙ୍କ ସ୍ତ୍ରୀଙ୍କୁ ଫେରିପାଇଲେ ବୋଲି ଭାବବିହ୍ୱଳ କଣ୍ଠରେ ଶଙ୍କର ଭଗତ କହିଥିଲେ। ଏହି ମିଳନର ମାଧ୍ୟମ ସାଜିଥିଲା ସ୍ୱେଚ୍ଛାସେବୀ ସଙ୍ଗଠନ ହୋପ୍ ଇଜ୍ ଲାଇଫ୍।

ପଶ୍ଚିମବଙ୍ଗ ବୀରଭୂମ୍ ଜିଲା ଶାନ୍ତିନିକେତନସ୍ଥିତ ବୋଲପୁରଠାରେ ତାରା ଭଗତଙ୍କ ପରିବାର ରହନ୍ତି। ସ୍ୱାମୀ, ଦୁଇପୁଅ ଓ ଗୋଟିଏ ଝିଅକୁ ନେଇ ବେଶ୍ ଖୁସିଥିଲେ ତାରା। ମାତ୍ର ତାଙ୍କର ସାମାନ୍ୟ ମାନସିକ ଅସୁସ୍ଥତା ରହିଥିଲା। ଦିନେ ଔଷଧ କିଣିବା ପାଇଁ ଘରୁ ବାହାରି ଟ୍ରେନ୍‌ରେ ବସି ପୁରୀରେ ପହଞ୍ଚିଥିଲେ। ଏଠାରେ ପହଞ୍ଚିବା ପରେ ଅସହାୟ ତାରା ଜଣେ ବ୍ୟକ୍ତିଙ୍କ ଘରେ କାମ କଲେ। ୫ ବର୍ଷ ପରେ କାମ କରିବାର ଶକ୍ତିସାମର୍ଥ୍ୟ ହରାଇବାରୁ ସମ୍ପୃକ୍ତ ବ୍ୟକ୍ତି ତାଙ୍କୁ ବୃଦ୍ଧାଶ୍ରମରେ ରହିବାକୁ କହିଥିଲେ। ସେ ଏକ ଆଶ୍ରମ ଓ ପରେ ହୋପ୍ ଇଜ୍ ଲାଇଫ୍‌ର ବୃଦ୍ଧାଶ୍ରମରେ ରହୁଥିଲେ। ଅନୁଷ୍ଠାନର କର୍ମକର୍ତ୍ତା ତାଙ୍କ ଫଟୋ ଓ ବିବରଣୀ ସହ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଶେଷରେ ତାରାଙ୍କ ପରିବାର ସହ ଯୋଗାଯୋଗ ହୋଇପାରିଥିଲା। ଏକ ଗାଡ଼ିରେ ଆସି ଗୁରୁବାର ତାରାଙ୍କ ସ୍ୱାମୀ ଶଙ୍କର ଏବଂ ପୁଅ ପୁରୀରେ ପହଞ୍ଚିଥିଲେ। ତାରାଙ୍କୁ ଦେଖି ତାଙ୍କ ପୁଅ କାନ୍ଦି ପକାଇ କୁଣ୍ଢାଇ ପ୍ରଣାମ କରିଥିଲେ। ଶଙ୍କରଙ୍କ ଆଖିରୁ ବି ଝରିପଡ଼ିଥିଲା ଆନନ୍ଦାଶ୍ରୁ। ତାରା ବି ସ୍ୱାମୀ ଓ ପୁଅକୁ ଦେଖି କୋହ ସମ୍ଭରଣ କରିପାରି ନ ଥିଲେ। ମହାପ୍ରଭୁଙ୍କ ଯୋଗୁ ପୁଣ୍ୟ ଶ୍ରୀକ୍ଷେତ୍ର ମାଟିରେ ଏହି ମିଳନ ହୋଇପାରିଛି ବୋଲି ତାରା କହିଥିଲେ। ସେ ହୋପ୍ ଇଜ୍ ଲାଇଫ୍‌ର ସଭାପତି ସୁରେଶ ନନ୍ଦ, ସମ୍ପାଦକ ଦୀନଭଞ୍ଜନ ପଣ୍ଡାଙ୍କ ସମେତ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଥିଲେ। ଅନ୍ୟପକ୍ଷରେ ତାରାଙ୍କ ଘରବାହୁଡ଼ା ଯୋଗୁ ଅନ୍ତେବାସୀ ମନ ଦୁଃଖ କରିଥିଲେ ବି ପରିବାର ସହ ମିଳନ ହୋଇଥିବାରୁ ଖୁସି ହୋଇଥିଲେ।

# ଫିରିଙ୍ଗିଆ ବିଡିଓଙ୍କ ସ୍ତ୍ରୀଙ୍କ ଆତ୍ମହତ୍ୟା

**ଫୁଲବାଣୀ ଅଫିସ, ୫।୧୧**



ସରିତା ସାମଲ

କନ୍ଧମାଳ ଜିଲା ଫିରିଙ୍ଗିଆ ବିଡିଓ ରଶ୍ମିରଞ୍ଜନ ମହନ୍ତଙ୍କ ସ୍ତ୍ରୀ ସରିତା ସାମଲ ବୁଧବାର ରାତିରେ ଆତ୍ମହତ୍ୟା କରିଛନ୍ତି। ଏହାର କାରଣ ଅସ୍ପଷ୍ଟ ରହିଛି। ଫିରିଙ୍ଗିଆ ଥାନାରେ ନଂ.୧୩/୨୦ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ପି.ଶ୍ୟାମସୁନ୍ଦର ରାଓ ସୂଚନା ଦେଇଛନ୍ତି। ବିଡିଓ ମହନ୍ତ ବୁଧବାର ଫୁଲବାଣୀରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ ବୈଠକରେ ଯୋଗଦେଇ ସନ୍ଧ୍ୟାରେ ଘରକୁ ଫେରିଥିଲେ। ପରେ ସେ ତାଙ୍କର ୨ବର୍ଷର ପୁଅକୁ ଧରି ବାହାରକୁ ବୁଲିବାକୁ ଆସିଥିଲେ। କିଛି ସମୟ ବୁଲି ଫେରିବାରେ ଭିତରପଟୁ କବାଟ ବନ୍ଦ ଥିବା ଦେଖି ସ୍ତ୍ରୀଙ୍କୁ ଡାକିଥିଲେ ମଧ୍ୟ ସେ ଶୁଣି ନ ଥିଲେ। ପରେ ବ୍ଲକ କର୍ମଚାରୀଙ୍କ ସହ କବାଟ ଭାଙ୍ଗି ଘରେ ପଶିବାରେ ସରିତା ନିଜ ଓଢ଼ଣି ବେକରେ ବାନ୍ଧି ଝୁଲୁଥିବା ଦେଖିଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରି ଫିରିଙ୍ଗିଆ ଡାକ୍ତରଖାନାକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଫୁଲବାଣୀ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ସରିତାଙ୍କ ମୃତ୍ୟୁ ଘଟିଥିଲା। ଫିରିଙ୍ଗିଆ ଥାନାଧିକାରୀ ରାଓ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

# ବାର୍ଡ ଫ୍ଲୁ ଲାଗି ଫ୍ରାନ୍ସରେ ହାଇ ଆଲର୍ଟ

**ପ୍ୟାରିସ୍,୫।୧୧:** ମାସେ ହେବ ପଶ୍ଚିମ ୟୁରୋପରେ ବାର୍ଡ ଫ୍ଲୁ ସଂକ୍ରମଣ ଦେଖାଦେବା ପରେ ଫ୍ରାନ୍ସରେ ଗୁରୁବାର ଏନେଇ ହାଇ ଆଲର୍ଟ ଜାରି କରାଯାଇଛି। ଫ୍ରାନ୍ସର ବିଭିନ୍ନ କୁକୁଡ଼ା ଫାର୍ମକୁ ଚିହ୍ନଟ କରାଯାଇ ସୁରକ୍ଷା ପଦକ୍ଷେପମାନ ଗ୍ରହଣ କରାଯାଉଛି। ପଶୁ ପକ୍ଷୀମାନଙ୍କୁ ବାହାରକୁ ନ ଛାଡ଼ିବା ଲାଗି ପରାମର୍ଶ ଦିଆଯାଇଛି। ବଣ୍ୟ ଜୀବଜନ୍ତୁଙ୍କଠାରେ ଫ୍ଲୁ ଚିହ୍ନଟ କରାଯିବା ପରେ ସଂକ୍ରମଣ ଆଶଙ୍କା ବଢ଼ିଯାଇଛି। ୟୁରୋପର ସବୁଠାରୁ ଅଧିକ ଅଣ୍ଡା ଓ କୁକୁଡ଼ା ଯୋଗାଣକାରୀ ଦେଶ ନେଦରଲାଣ୍ଡରେ ବାର୍ଡ ଫ୍ଲୁ ବ୍ୟାପୁଥିବାରୁ ସେଠାରେ ୨ ଲକ୍ଷ କୁକୁଡ଼ା, ବତକ ଆଦିଙ୍କୁ ମରାଯାଇଛି। ସେଠାରେ ଥିବା ବିଭିନ୍ନ ଫାର୍ମରେ ବାର୍ଡଫ୍ଲୁ ଚିହ୍ନଟ କରାଯାଇଛି। ବ୍ରିଟେନରେ ୧୩ ହଜାର ପକ୍ଷୀଙ୍କୁ ମଧ୍ୟ ମରାଯାଇଛି। ଜର୍ମାନୀରେ ମଧ୍ୟ ଏହି ଫ୍ଲୁ ଚିହ୍ନଟ ହୋଇଛି। ଯଦିଓ ବାର୍ଡଫ୍ଲୁ ମଣିଷଙ୍କୁ ସଂକ୍ରମଣ କରିବାର ଆଶଙ୍କା ନାହିଁ, ତେବେ ମାତ୍ରାଧିକ ସଂକ୍ରମଣ ପରିସ୍ଥିତିକୁ ବିଗାଡ଼ିବାର ଆଶଙ୍କା ରହିଛି। ତେଣୁ ଫ୍ରାନ୍ସ ସମେତ ଏକାଧିକ ୟୁରୋପୀୟ ରାଷ୍ଟ୍ରରେ ଏଥିଲାଗି ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇଛି।

# ଦୀପିକାଙ୍କ ପୂର୍ବତନ ମ୍ୟାନେଜରଙ୍କୁ ଜେରା

**ମୁମ୍ବାଇ,୫।୧୧:** ଅଭିନେତ୍ରୀ ଦୀପିକା ପାଦୁକୋନ୍‌ଙ୍କ ପୂର୍ବତନ ମ୍ୟାନେଜର କରିସ୍ମା ପ୍ରକାଶଙ୍କୁ ଦ୍ୱିତୀୟ ଦିନ ଲାଗି ଗୁରୁବାର ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ପକ୍ଷରୁ ଜେରା କରାଯାଇଛି। ଅଭିନେତା ସୁଶାନ୍ତ ସିଂ ରାଜପୁତ ମୃତ୍ୟୁ ଘଟଣାକୁ ନେଇ ଡ୍ରଗ୍ସ ସମ୍ପର୍କିତ ଖୋଳତାଡ଼ ଚାଲିଥିବାବେଳେ ପ୍ରକାଶଙ୍କୁ ଜେରା ଲାଗି ଡକାଯାଇଥିଲା। ପ୍ରକାଶ ପୂର୍ବାହ୍ନ ୧୧.୫୫ରେ ଏନ୍‌ସିବି ଅଫିସରେ ପହଞ୍ଚିବା ପରେ ବିଭିନ୍ନ ପ୍ରଶ୍ନ କରାଯାଇଥିଲା। ବୁଧବାର ମଧ୍ୟ ପ୍ରକାଶଙ୍କୁ ୬ ଘଣ୍ଟା ଜେରା କରାଯାଇଥିଲା। ଏନ୍‌ସିବି ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ସେ କହିଛନ୍ତି। ପ୍ରକାଶଥାଉ କି, ଏହି ଘଟଣାରେ ଏନ୍‌ସିବି ୨୫ ଜଣଙ୍କୁ ଗିରଫ କରିସାରିଲାଣି।

# ଓଆଇପିଏଲ୍ ଜାଲିଆତି କରି ଜମି ହାତେଇଛି : କ୍ରାଇମ୍‌ବ୍ରାଞ୍ଚ

**ଭୁବନେଶ୍ୱର,୫।୧୧(ବ୍ୟୁରୋ)**

- ଖୋର୍ଦ୍ଧା ସାରୁଅ ଜମି ବିବାଦ ମାମଲା
- ବେଆଇନ ଅର୍ଥ କାରବାରର ତଦନ୍ତ କରିବ ଆୟକର ବିଭାଗ

ଖୋର୍ଦ୍ଧା ସାରୁଅ ଜମି ବିବାଦ ମାମଲା ଦିନକୁ ଦିନ ନୂଆ ମୋଡ଼ ନେଉଛି। ଓଡ଼ିଶା ଇନ୍‌ଫ୍ରାଟେକ ପ୍ରାଇଭେଟ ଲିମିଟେଡ୍ (ଓଆଇପିଏଲ) କମ୍ପାନୀ ଜାଲିଆତି କରି ଜମି ହଡପ ସହ ବେଆଇନ କାରବାର କରି ଜମି ଅକ୍ତିଆର କରିଥିବା କ୍ରାଇମବ୍ରାଞ୍ଚ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି। ଗୁରୁବାର ଖବରଦାତା ସମ୍ମିଳନୀରେ ସେ କହିଲେ, ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଘଟଣାର ତଦନ୍ତ କରିବା ପରେ ବେଆଇନ ଜମି ହଡପ ହୋଇଥିବା ତଥ୍ୟ ହସ୍ତଗତ ହୋଇଛି। ଓଆଇପିଏଲ ଚଞ୍ଚକତା କରି ଅନୁସୂଚିତ ଜନଜାତିଙ୍କ ଜମିକୁ ନିଜର ଜଣେ କର୍ମଚାରୀ ତଥା ଅନୁସୂଚିତ ଜନଜାତିଙ୍କ ନାମରେ ଠକେଇ କରି କିଣିଥିବା ଜଣାପଡ଼ିଛି। ଏହା ଏକ ଧର୍ତ୍ତବ୍ୟ ଅପରାଧ। ଏଥିରେ ସମ୍ପୃକ୍ତ ଥିବାରୁ ସଂସ୍ଥାର ସିଏଫ୍‌ଓ ମନୋରଞ୍ଜନ ଷଡ଼ଙ୍ଗୀ ଓ ଶିବ ପ୍ରସାଦ ଶ୍ରୀଚନ୍ଦନଙ୍କୁ ପୂର୍ବରୁ ଗିରଫ କରାଯାଇଛି। ଏଥିସହ ଉକ୍ତ ଜମି ଜାଲିଆତିରେ ବେଆଇନ ଅର୍ଥ କାରବାରକୁ ଆୟକର ବିଭାଗର ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏଡିଜି ପ୍ରିୟଦର୍ଶୀ କହିଛନ୍ତି, ଇନଫ୍ରାଷ୍ଟ୍ରକଚର ଓ ରିୟଲଇଷ୍ଟେଟ ବ୍ୟବସାୟ ନିମନ୍ତେ ସାରୁଅରେ ୨୦୧୦ରୁ ୨୦୧୩ ମଧ୍ୟରେ ଓଆଇପିଏଲ ଜମି କିଣିଥିଲା। କେତେଜଣ ଗରିବ ଅନୁସୂଚିତ ଜନଜାତିର ବ୍ୟକ୍ତିଙ୍କ ଜମିକୁ ଜାଲିଆତି କରି କିଣାଯାଇଥିବା ଅଭିଯୋଗ ଆସିବା ପରେ ଗତ ୩୧ ତାରିଖରେ ମାମଲା (ନଂ. ୮/୨୦) ରୁଜୁ କରି ଇଓଡବ୍ଲ୍ୟୁ ଘଟଣାର ତଦନ୍ତ ଚଳାଇଛି। ତେବେ ଏହି ଜମି କିଣାରେ ବେନାମୀ ହୋଇଥିବା ଅର୍ଥ କାରବାର ରାଜ୍ୟ ପୋଲିସର ତଦନ୍ତ ପରିସରଭୁକ୍ତ ନୁହେଁ। ତେଣୁ ଏହାକୁ ଆୟକର ବିଭାଗ ତଦନ୍ତ ପରିସରଭୁକ୍ତ କରିବାକୁ ରାଜ୍ୟ ପୋଲିସ ଅନୁରୋଧ କରିଥିବା ଓ ଇଓଡବ୍ଲ୍ୟୁ ତା'ର ଅନ୍ୟସବୁ ତଦନ୍ତ ଜାରି ରଖିଥିବା ସେ କହିଛନ୍ତି।

# ବିହାର ଭୋଟ ଲାଗି ପ୍ରଚାର ଶେଷ

## ୭୮ ଆସନରେ ୧,୨୦୭ ପ୍ରାର୍ଥୀ

**ପାଟନା,୫।୧୧:** ବିହାରରେ ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ମତଦାନ ୭ ତାରିଖରେ କରାଯିବ। ଏଥିଲାଗି ଗୁରୁବାର ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହୋଇଛି। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଗୁରୁବାର ଜୋର୍‌ଦାର ପ୍ରଚାର କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆରାରିଆ, ସହାର୍ସାରେ ଏନ୍‌ଡିଏ ସପକ୍ଷରେ ଭୋଟ ମାଗିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆରାରିଆ ଓ ମାଧେପୁରାରେ ରାଲିକରି ମହାମେଣ୍ଟ ସପକ୍ଷରେ ଭୋଟ ମାଗିଛନ୍ତି। ଏହି ପର୍ଯ୍ୟାୟରେ ୧୯ ଜିଲାର ୭୮ ଆସନ ଲାଗି ଭୋଟଗ୍ରହଣ କରାଯିବ। ମୋଟ ୧,୨୦୭ ପ୍ରାର୍ଥୀ ଶେଷ ପର୍ଯ୍ୟାୟରେ ସେମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରୁଛନ୍ତି। ଏହି ପର୍ଯ୍ୟାୟରେ ଭାଜପା ୩୫, ଜେଡିୟୁ ୩୭, ଭିଆଇପି ୫, ହିନ୍ଦୁସ୍ତାନୀ ଆୱାମୀ ମୋର୍ଚ୍ଚା ୧, ଆର୍‌ଜେଡି ୪୬, କଂଗ୍ରେସ ୨୫ ଆସନରେ ନିର୍ବାଚନ ଲଢୁଛନ୍ତି। ମୋଟ ୨.୩୫ କୋଟି ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ। ଗତ ନିର୍ବାଚନରେ ମହାମେଣ୍ଟକୁ ୭୮ରୁ ୫୪ ଆସନ ମିଳିଥିଲା। ଏଥର ସ୍ଥିତିରେ ପରିବର୍ତ୍ତନ ଦେଖିବାକୁ ମିଳିଥିବାରୁ ଫଳାଫଳ କାହା ସପକ୍ଷରେ ଯିବ, କହିବା ମୁସ୍କିଲ। ଭୋଟଗ୍ରହଣ ପରେ ୧୦ ତାରିଖରେ ଫଳାଫଳ ପ୍ରକାଶ ପାଇବ।


**ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ**
(ଓଡ଼ିଶା ସରକାରଙ୍କ ଏକ ଉଦ୍ୟୋଗ)
**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking)

No.: 6534 Date: 05.11.2020
File: PCF-920/2020-21

**ADVERTISEMENT FOR CONTRACTUAL ENGAGEMENT**

**No. CAD-690:-** Applications are invited from the eligible candidates for engagement of an **Independent Consultant** for Ecology & Environment for development of landscape for various river and water body regeneration projects, integrating ecological, cultural and infrastructural parameters in **Odisha Bridge & Construction Corporation Ltd.** on contractual basis for a period of 1 year.

| Sr. No. | Designation | Number of Contractual engagements |
|---|---|---|
| 1 | Independent Consultant for Ecology & Environment | 1 |

1. Details of the **"Job Description"** for the above mentioned post along with all other terms and conditions are available in the website: **www.mdobcc.in**. The eligible candidates may apply by submitting their application in the prescribed application form (attached along with Job Description) through Registered Post/ Speed Post/courier along with their CV and self-attested copies of required documental proof on or before 16.11.2020 up to 5.00 PM.

**Sd./- E.I.C.-cum-Managing Director**
OIPR-34106/11/0026/2021



**ନେସ୍କୋ ୟୁଟିଲିଟି**
**NESCO UTILITY**

**ସର୍ବସାଧାରଣଙ୍କ ନିମନ୍ତେ ନୋଟିସ**

ବିଦ୍ୟୁତ୍ ଗ୍ରାହକମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ତାଙ୍କର ବକେୟା ବିଦ୍ୟୁତ୍ ଦେୟ ତୁରନ୍ତ ପଇଠ କରନ୍ତୁ। ବକେୟା ଦେୟ ନେସ୍କୋ (NESCO)ର ଯେକୌଣସି ଅଫିସ୍ କିମ୍ବା ଆପଣଙ୍କ ଅଞ୍ଚଳକୁ ଯାଉଥିବା ସ୍ୱତନ୍ତ୍ର ଭ୍ରାମ୍ୟମାଣ ବିଲ୍ ଆଦାୟକାରୀ କିମ୍ବା ବିଦ୍ୟୁତ ଶୁଳ୍କ ଆଦାୟପାଇଁ ନିଯୁକ୍ତ ବିଭିନ୍ନ ବିଲିଂ ଏବଂ କଲେକସନ୍ ଏଜେନ୍ସି (RCS / MPOS / HDFC e-Wallet ମେସିନ୍ ଦ୍ୱାରା) କିମ୍ବା ଅନଲାଇନ୍ (**www.nescoodisha.com**) ଜରିଆରେ ଏବଂ Paytm / Airtel Money / PhonePe / Google Pay ଆଦି ଜରିଆରେ ପଇଠ କରିପାରିବେ। ଯେଉଁମାନେ ବିଦ୍ୟୁତ୍ ବକେୟା ପଇଠ ନକରିବେ, ସେମାନଙ୍କ ବିଦ୍ୟୁତ ସଂଯୋଗ କାଟିବାକୁ ଆମେ ବାଧ୍ୟହେବୁ।

ଉପରୋକ୍ତ ସୂଚନାକୁ ଇଣ୍ଡିଆନ୍ ଇଲେକ୍ଟ୍ରିସିଟି ଆକ୍ଟର ଧାରା ୫୬ ଅନୁଯାୟୀ ନୋଟିସ୍ ବୋଲି ବିବେଚନା କରାଯିବ।

*"ବକେୟା ବିଦ୍ୟୁତ୍ ବିଲ୍ ପଇଠ କରନ୍ତୁ, ବିଜୁଳି କାଟରୁ ରକ୍ଷା ପାଆନ୍ତୁ।"*



**OFFICE OF THE TREASURY OFFICER**
**DISTRICT TREASURY, KHORDHA, BHUBANESWAR**

**ADVERTISEMENT FOR ENGAGEMENT OF RETIRED GOVT EMPLOYEES AS O.S.D. IN THE OFFICE OF THE TREASURY OFFICER, DISTRICT TREASURY, KHORDHA, BHUBANESWAR**

No. S-19:- Applications are invited by the undersigned from the interested retired Senior Clerk / Accountants who have worked in the Treasury organisation and below the age of 65 years against whom neither any Departmental Proceedings nor vigilance proceedings is pending for engagement as O.S.D. in one vacant post in the Office of the Treasury Officer, Dist. Treasury, Khordha, Bhubaneswar for one year on monthly remuneration of Rs.13,000/- (Rupees thirteen thousand)only. The applicant is required to submit the application along with the copies of testimonials in support of their educational qualifications, date of birth, date of joining in Govt. service, date of retirement, service records, present address and contact number by 26th November, 2020 through post / drop box addressing to the Treasury Officer, District Treasury, Khordha, Bhubaneswar, PIN-751001. The incomplete application or application received beyond stipulated date will be rejected without assigning any reason thereof.

The engagement is purely temporary and can be terminated at any time without assigning any reason thereof. The selection of suitable retired employee shall be made in accordance with provisions of G.A. & P.G. Deptt. Resolution No.23750/Gen., Dtd.27.08.2014.

TREASURY OFFICER, DISTRICT TREASURY, KHORDHA, BHUBANESWAR
OIPR-05017/11/0001/2021



**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, BHUBANESWAR**
Ph.No.0674-2301787, Fax No.-0674-2300965, E mail ID-eerw_bbsr@yahoo.co.in
No.: Tender-Online-BBSR Divn.-9 Date:2.11.2020

**e-Procurement NOTICE**

No.O-513:- 1. Name of the work: Construction/repair of Road work. 2. Total No. of packages: 20 Nos. 3. Class of contractor: (a) Estimated cost more than Rs.40.00 lakh & not exceeding to Rs.1.50 crore: 'A' & 'B' Class (of Odisha PWD) or relevant class of other licencing authorities. (b) Estimated cost more than Rs.20.00 lakh & not exceeding to Rs.40.00 lakh: 'B' & 'C' Class (of Odisha PWD) or relevant class of other licencing authorities. (c) Estimated cost not exceeding to Rs.20.00 lakh : 'C' & 'D' Class (of Odisha PWD) or relevant class of other licencing authorities. 4. Estimate cost of individual projects : Rs.8.00 lakh to 50.00 lakh. 5. Time for completion : 3 (Three) calendar months. 6. Other details:

| Procurement Officer | Bid identification No. | Availability of tender online for bidding | | Date & time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Rural Works Division, Bhubaneswar | Tender Online-BBSR Divn.-9 | 12.11.2020 at 11.00 A.M. | 23.11.2020 upto 5.00 P.M. | 24.11.2020 at 11.00 A.M. |

Further details can be seen from the website www.tendersorissa.gov.in

Sd./- Executive Engineer, Rural Works Divn., BBSR
OIPR-25066/11/0009/2021



**ODISHA LIFT IRRIGATION CORPORATION LTD.**
**OFFICE OF THE EXECUTIVE ENGINEER, LIFT IRRIGATION DIVISION, BOUDH**
e-mail id-eeolicboudh@gmail.com
'e' Procurement Notice

**Bid identification No.-OLIC-BOUDH-10/2020-21/Date 04.11.2020**

The Executive Engineer, Lift Irrigation Division, Boudth on behalf of OLIC invites Percentage Rate bids in single cover system to be received in Online Mode only for the work Installation and Energisation of 06 Nos. New LIPs and Revival of 15 Nos. LIPs under different Blocks in Boudh District as detailed in the table below. The bid should be submitted by the eligible class of contractors as mentioned below registered with the State Government and contractors of equivalent grade/class registered with Central Government/M.E.S./ Railways/C.P.W.D. for executive of Civil Works with valid Electrical (H.T.) Licence issued by ELBO Odisha through Online in the Govt. website www.tendersodisha.gov.in. The bidders should have necessary portal enrolment (with own digital signature certificate). The registered bidders from outside Odisha can also participate in this online tender process after necessary portal enrolment but shall have to subsequently undergo registration with appropriate authority of the State.

1. Name of the works: Installation & Energisation of River Lift Irrigation Projects and Revival of River Lift Irrigation Projects with supply of all materials on Turnkey basis. 2. Total Nos. of package: 21. 3. Approximate estimated cost: Rs. 6.32 lakhs to Rs.24.12 lakhs. 4. Class of contractor: As per DTCN. 5. Period of completion: 120 days for all projects from the date of issue of work order. 6. Other details as follows:

| Procurment Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tedner in the Office of the Executive Engineer, L.I. Division, Boudh |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer L.I. Division, Boudh | OLIC/Boudh/ 10/2020-21 | 13.11.2020 at 11:00 hrs. | 24.11.2020 at 17:00 hrs. | 21.11.2020 at 17.00 hrs. | 25.11.2020 at 11.00 hrs. |

● Details can be seen from the Website www.tenderodisha.gov.in ● Any corrigendum/addendum will be displayed in the above website only.

Sd./- EXECUTIVE ENGINEER, L.I. DIVISION, BOUDH



**OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER, GANJAM, BERHAMPUR**
**No.16517/M/2020 Dated Berhampur the 5.11.2020**

**NOTICE**

The list of candidates provisionally considered for the Post of Attendants on contractual basis under the control of CDM&PHO, Ganjam in response to the advertisement published in The Sambad & The Dharitri on dt.15.12.2016 & 16.12.2016 is hoisted in the District Website i.e. https://ganjam.nic.in on 05.11.2020. All concerned are advised to visit the said website and verify the entries against their names and follow up as per the instruction therein.

**Sd./- Chief District Medical and Public Health Officer Ganjam, Berhampur**



**OFFICE OF THE NOTIFIED AREA COUNCIL, TUSURA**
At/PO- Tusura, Dist.- Balangir, Pin-767030, email: nactusura@gmail.com, website: www.tusuranac.in
Letter No.1375/Date 05.11.2020

**QUOTATION CALL NOTICE**

Sealed quotations are invited from Registered/Experienced/ Reputed consultants/Architects having valid Income Tax and GST Registration Certificate, who are already involved in preparation of plan, designs, detailed estimates and rate analysis along with testing of soil of Project may apply to the undersigned for engagement of consultant for different Development Projects of Tusura NAC in two cover bid. The cover one will contain technical bids and the cover two will contain the financial bid. After evaluation of Technical bid the financial bid of qualified bidders will be opened. The bidder should be an qualified Architect and registered member of Council of Architecture. In case of proprietorship firm, the properietor and in case of partnership firm, all the partner must have valid Registration under Council of Architecture. The consultant should have previous experience and must have completed similar nature of work under any Development Authority of Urban Local Bidders of the Odisha State. Preference shall be given to those consultants who have already rendered similar type of services to various Urban Local Bidders of Odisha State Government. Tender paper available in NAC Office from 10.00 A.M. of Dated 06.11.2020 to 12.00 Noon Dtd12.11.2020. The quotation shall be submitted on or before date; 12.11.2020 at 4.00 P.M. and the technical bid (Cover one) & financial bid will be opened on next day i.e. Dated: 13.11.2020 at 11.00 A.M. in presence of bidders or their authorized representatives. The undersigned reserves all rights to reject any or all quotations without assigning any reason thereof.

Sd./- Executive Officer, Tusura NAC



**State Institute for Development of Arts & Crafts**
Handlooms, Textiles & Handicrafts Department, Government of Odisha

**TENDER CALL NOTICE**

State Institute for Development of Arts & Crafts (SIDAC) on behalf of Handlooms, Textiles & Handicrafts Department, Govt. of Odisha is going to organise 15th Toshali National Crafts Mela from 15th to 27th December 2020 at Janata Maidan, Bhubaneswar. Sealed Tenders in two bids- "Technical Bid" & "Financial Bid" are invited from reputed firms/decorators having past experiences and expertise to execute similar nature of works like construction of Stalls, Gates, P.H. Works, Electrification works & other services in accordance with detailed design, layout & specifications laid down in the Tender Schedule for package I & package II separately. For details of tender documents, terms & conditions etc. please visit the websites: **www.sidacodisha.org.in** and **www.odisha.gov.in/textiles.** The Bid document will be available in the website w.e.f **07-11-2020**. For further details contact: SIDAC, Handicrafts Complex, Gandamunda, Bhubaneswar, Ph: 0674-2350318.

**The authority reserves the right to accept or reject any or all tender without asigning any reason thereof.**

**Sd/-**
**Member Secretary,SIDAC**



**SOUTH CO UTILITY**
**OFFICE OF THE SUPERINTENDING ENGINEER**
ELECTRICAL CIRCLE, BHANJANAGAR, TEL - (06821) 240335 (O) FAX – 242400
EMail ID:- circlehead.bhanjanagar@southcoodisha.com
Letter No: 1535 (13) Date: 05.11.2020

**E-Tender Notice No.02 / 2020-21/ 05.11.2020 SOUTHCO UTILITY/ BHANJANAGAR CIRCLE**

For and on behalf of Southco Utility, sealed tenders in duplicate on two part bidding systems are invited from bidders having valid HT Electrical License complying with the terms and conditions laid in the tender documents of the following works.

**Work-I: For shifting of HT & LT, overhead lines & S/S from 83 Nos. of School & AWC campus under Boudh Electrical Division under 100% Deposit Scheme.**

**Work-II: Shifting of HT & LT, overhead lines & S/S from 02 Nos. of School campus under Bhanjanagar Electrical Division under 100% Deposit Scheme.**

Interested bidders may visit Southco's official website **www.southcoodisha.com** for detail specification.

Any addendum/corrigendum to this tender notice shall be uploaded in the website only.

1) Issue of online tender documents (bid sheets):- From Dt. 09.11.2020 up to 23.11.2020 (1.00 PM).
2) Last date of submission of online tender: - Upto Dt. 23.11.2020 (5.00 PM).
3) Submission of Tender (Hard Copy) - Upto Dt. 24.11.2020 (1.00 PM).
4) Opening of Techno-commercial bid (Part-I): - On Dt. 24.11.2020 on or after 3.00 PM.

Southco Utility reserves the right to alter the tendered quantity and reject/accept any or all tenders or split the tender among tenders without assigning any reason thereof.

Sd./- Superintending Engineer (Elect.), Electrical Circle, Bhanjanagar



**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA – 768017, DISTRICT: SAMBALPUR (ODISHA), PHONE: 0663-2430197(O), 2430741(R), FAX: 0663 2430712
E-Mail : srgmhps_burla@yahoo.co.in

No. HHEP/Tech-W-173/ 4951 Date :03.11.2020

**TENDER NOTICE NO. HHEP-51/2020**

**No. CAD-685:-** Sealed tenders are invited from the manufacturers / authorized dealers / reputed suppliers having past experience if any for the work as mentioned below

| Sl. No. | Name of work | Approx. tender value (in Rs.) | Cost of tender (Non-Refundable) |
|---|---|---|---|
| 1 | Suply of submersible pump set along with accessories to HHEP, Burla | 106053/- | Rs.708/- (Rs.600/- + GST 18%) |

- Sale of tender paper : **09.11.2020 to 19.11.2020 upto 11.00 AM**
- Receipt of tender paper : **19.11.2020 upto 01.00PM**
- Date & time of opening of tender : **19.11.2020 at 04.00PM**
- EMD : **Rs. 1500.00**

Further details like tender specification, corrigendum to the tender call notice etc can only be available in our website **www.ohpcltd.com**

**Sd./- C&P Head, HHEP, Burla**
OIPR-04007/11/0019/2021



Your classified advertisement published in Dharitri will be listed free in Dharitri online edition :
**www.dharitri.com**

ଧରିତ୍ରୀ
DHARITRI
ଶୁକ୍ରବାର, ୬ ନଭେମ୍ବର, ୨୦୨୦

**୩୩ ଆକ୍ରାନ୍ତ, ୨୫ ସୁସ୍ଥ**

ଢେଙ୍କାନାଳ ଅଫିସ: ଢେଙ୍କାନାଳ ଜିଲାରୁ ଗୁରୁବାର ୩୩ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୨୫ଜଣ ଆରୋଗ୍ୟ ଲାଭ କରିଛନ୍ତି। ଏହାକୁ ମିଶାଇ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୫୨୪୦ ଏବଂ ସୁସ୍ଥଙ୍କ ସଂଖ୍ୟା ୪୯୦୬ ହୋଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୮, ପରଜଙ୍ଗ ବ୍ଲକର ୩, କାମାକ୍ଷାନଗର ବ୍ଲକର ୧୦ ଓ ଏନଏସିର ୨, ହିନ୍ଦୋଳ ବ୍ଲକର ୩ ଓ ଏନ୍ଏସିର ୧, ଓଡାପଡା ବ୍ଲକର ୨, ସଦର ବ୍ଲକର ୨, ଗଁଦିଆ ବ୍ଲକର ୧ ଏବଂ ଭୁବନ ବ୍ଲକର ଜଣେ ଅଛନ୍ତି। ଆକ୍ରାନ୍ତଙ୍କୁ ଜିଲା କୋଭିଡ୍ ହସ୍ପିଟାଲ ସମେତ ବିଭିନ୍ନ ବ୍ଲକରେ ଥିବା କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଛି।



## ସଂକ୍ଷେପରେ

### ହୁଣ୍ଡିରୁ ମିଳିଲା ୪.୨୬ ଲକ୍ଷ

ତାଳଚେର, ୫।୧୧(ନି.ପ୍ର.): ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଗୋପାଳପ୍ରସାଦସ୍ଥିତ ପୀଠ ପରିସରରେ ଥିବା ସମସ୍ତ ହୁଣ୍ଡି ଗୁରୁବାର ଖୋଲା ଯାଇଥିଲା। ସେଗୁଡିକରୁ ମୋଟ୍ ୪ ଲକ୍ଷ ୨୬ ହଜାର ୮ ଶହ ଟଙ୍କା ସଂଗୃହୀତ ହୋଇଛି। ଟ୍ରଷ୍ଟବୋର୍ଡ ସଦସ୍ୟ ମୁରଲୀଧର ସାହୁ, ସନ୍ତୋଷ କୁମାର ପ୍ରଧାନ ଏବଂ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ପ୍ରମୁଖଙ୍କ ଉପସ୍ଥିତିରେ ହୁଣ୍ଡିଗୁଡିକ ଖୋଲା ଯାଇଥିଲା। ଏଥିରେ ଧୁଳେଶ୍ୱର ବେହେରା, ବିନୟ କୁମାର ମହାନ୍ତି, ପଞ୍ଚାନନ ବେହେରା, ଜୟନ୍ତ କୁମାର ଦେହୁରୀ, ପ୍ରହ୍ଲାଦ ଦେହୁରୀ, ବସନ୍ତ କୁମାର ଜେନା ପ୍ରମୁଖ ସହଯୋଗ କରିଥିଲେ।

### ପୋଖରୀରେ ବୁଡ଼ି ଜଣେ ମୃତ

ବଇଣ୍ଡା, ୫।୧୧(ଡି.ଏନ.ଏ.): କିଶୋରନଗର ବ୍ଲକ ହଣ୍ଡପା ଥାନା ବଇଣ୍ଡା ଚନ୍ଦନ ପୋଖରୀରେ ବୁଡ଼ି ଗୁରୁବାର ସକାଳେ ନୁନୁକାପଶି ଗ୍ରାମର ଶତ୍ରୁଘ୍ନ ପ୍ରଧାନ(୨୭)ଙ୍କ ମୃତ୍ୟୁ ହୋଇଛି। ସେ ଶୌଚ ହେବାକୁ ଆସିଥିବାବେଳେ ପାଣିରେ ବୁଡ଼ି ଯାଇଥିଲେ। ଆଠମଲ୍ଲିକ ଅଗ୍ନିଶମ କର୍ମଚାରୀ ମୃତଦେହ ଉଦ୍ଧାର କରିଥିଲେ। ବଇଣ୍ଡା ଫାଣ୍ଡି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏ ନେଇ ନଂ. ୨୧/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଲକ୍ଷ୍ମୀପୂଜା ମେଲଣ ବନ୍ଦ

ଛେଣ୍ଡିପଦା, ୫।୧୧(ସ୍ୱ.ପ୍ର.): ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଯୁବମଞ୍ଚ ପକ୍ଷରୁ ଚଳିତ ବର୍ଷ ମହାଲକ୍ଷ୍ମୀ ପୂଜାର ମେଲଣ ବନ୍ଦ କରାଯିବାକୁ ନିଷ୍ପତ୍ତି ହୋଇଛି। କେବଳ ନିରାଡମ୍ବର ଭାବେ ପୂଜାର୍ଚ୍ଚନା ପରେ ଭସାଣି କରାଯିବ। ଗୁରୁବାର ଯୁବମଞ୍ଚ ସଭାପତି ଦୀପକ କୁମାର ପ୍ରଧାନଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ପ୍ରଧାନସାହି ସଂକୀର୍ତ୍ତନ ମଣ୍ଡଳୀ ସହିତ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ବ୍ଲକ ଛକ, ହନୁମାନପଡା, ପ୍ରଧାନସାହି, ଦୋଳମଣ୍ଡପସାହି, ବୁଢ଼ାମଣ୍ଡପସାହି, ଥାନା ଛକ, ଶାନ୍ତି ବଜାର ଓ ମଝିବଜାରସ୍ଥିତ ଲକ୍ଷ୍ମୀପୂଜା ମଣ୍ଡପ ପରିକ୍ରମା କରାଯାଇଥିଲା। ଯୁବମଞ୍ଚ ଉପଦେଷ୍ଟା ସୁଦୀପ୍ତ ପ୍ରଧାନ, ଯଶୋବନ୍ତ ବେହେରା, ଦୀପୁ ବେହେରା, ନରୋତ୍ତମ ସାହୁ, ବିନୁ ବେହେରା, ତ୍ରିବେଣୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ୧୩୨ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ, ୫।୧୧: ଅନୁଗୋଳ ଜିଲାରେ ଗୁରୁବାର ୧୩୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୯,୩୯୦ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। କଣିହାଁ ବ୍ଲକରୁ ସର୍ବାଧିକ ୪୦, ବଅଁରପାଳ ବ୍ଲକରୁ ୨୯, ଅନୁଗୋଳରୁ ୨୦, ତାଳଚେରରୁ ୧୫, ଛେଣ୍ଡିପଦା ବ୍ଲକରୁ ୮, ଆଠମଲ୍ଲିକ ବ୍ଲକରୁ ୭, ପାଲଲହଡ଼ା ବ୍ଲକରୁ ୪, କିଶୋରନଗର ବ୍ଲକରୁ ୨ ଜଣ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଜିଲାରୁ ୮୧ ଜଣ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତା

ଅନୁଗୋଳ ଅଫିସ, ୫।୧୧: ଅନୁଗୋଳ ଜିଲା କିଶୋରନଗର ଥାନା ଅଞ୍ଚଳରେ ଗତ ଅଗଷ୍ଟ ୬ରେ ଜଣେ ଯୁବତୀଙ୍କୁ ବଳାତ୍କାର କରାଯାଇଥିଲେ ହେଁ ଏଯାଏ ପୋଲିସ ଅଭିଯୁକ୍ତଙ୍କୁ ଧରିପାରି ନାହିଁ। ଅଭିଯୁକ୍ତ ଜଣକ ଜଣେ ପୂର୍ବତନ ବିଧାୟକଙ୍କ ରୋଷେୟା ହୋଇଥିବାରୁ ପୋଲିସ କୋହଳ ମନୋଭାବ ଦେଖାଉଥିବା ପୀଡ଼ିତା ଗୁରୁବାର ଅନୁଗୋଳ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଏସ୍‌ପି ମୀନା କହିଛନ୍ତି, ଅଭିଯୁକ୍ତଙ୍କୁ ଧରିବା ପାଇଁ କିଶୋରନଗର ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। କିନ୍ତୁ ଅଭିଯୁକ୍ତ ଫେରାର ରହିଛନ୍ତି। ତୁରନ୍ତ ତାଙ୍କୁ ଗିରଫ କରିବାକୁ କିଶୋରନଗର ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଏସ୍‌ପି ପ୍ରକାଶ କରିଛନ୍ତି।

### ୩ ଚୋରା ମଦ ବେପାରୀ ଗିରଫ

ଆଠମଲ୍ଲିକ, ୫।୧୧(ଡି.ଏନ.ଏ.): ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୪୫ ଲିଟର ଚୋରା ମଦ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଆଠମଲ୍ଲିକ ଥାନା ନୂଆମାଣିତ୍ରି ଗ୍ରାମର ରଞ୍ଜନ ସେଠୀ, ଠାକୁରଗଡ଼ ଥାନା ରାଜିଙ୍ଗ ଗ୍ରାମର ସୁରେନ୍ଦ୍ର ଚନ୍ଦ୍ର ବେହେରା ଓ ନବଘନ ବେହେରା। ଅବକାରୀ ଉପ ନିରୀକ୍ଷକ ପ୍ରଫୁଲ୍ଲ ପତି, ସହକାରୀ ରମାକାନ୍ତ ଚାନ୍ଦ ପ୍ରମୁଖଙ୍କ ସହ କର୍ମଚାରୀମାନେ ଚଢ଼ାଉରେ ସାମିଲ ଥିଲେ।

# କ୍ଷୀରକୁ ମିଳୁନି ସରକାରୀ ଦର

ପରିକ୍ଷିତ ସାହୁ
ବଇଣ୍ଡା,୫।୧୧


ଆଠମଲ୍ଲିକ ବ୍ଲକର ଅଏଡ଼ାଠାରେ ଅଚଳ ଅବସ୍ଥାରେ ଥିବା ଶୀତଳୀକରଣ କେନ୍ଦ୍ର।

- କିଶୋରନଗର ବ୍ଲକରେ ନାହିଁ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର
- ଆଠମଲ୍ଲିକରେ ଥିବା ୨ କେନ୍ଦ୍ରରୁ ଗୋଟିଏ ଅଚଳ
- ଛେନା କରି କମ୍ ମୂଲ୍ୟରେ ବିକି କ୍ଷତି ସହୁଛନ୍ତି ଚାଷୀ

ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବଢ଼ାଇବା ପାଇଁ ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଗୁଡ଼ିକୁ ସରକାର ପ୍ରୋତ୍ସାହିତ କରୁଛନ୍ତି। ହେଲେ ସରକାରୀ ଦରରେ ସେମାନଙ୍କଠାରୁ କିପରି ସମସ୍ତ ଉତ୍ପାଦିତ ଦୁଗ୍ଧ କିଣାଯାଇପାରିବ ତାହା ଉପରେ ଯଥେଷ୍ଟ ଗୁରୁତ୍ୱ ଦେଉନାହାନ୍ତି। ଫଳରେ ସରକାରୀ ଯୋଜନାରେ ଗାଈପାଳନ କରିଥିଲେ ବି ଏହାର ଲାଭ ମିଳୁ ନ ଥିବା ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡର ଚାଷୀମାନେ ଅଭିଯୋଗ କରିଛନ୍ତି। ବିଶେଷକରି କିଶୋରନଗର ବ୍ଲକରେ ଓମ୍‌ଫେଡ୍‌ର ଆଦୌ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ନ ଥିବାରୁ ଏଠାକାର ଚାଷୀ ଓ ଏସ୍‌ଏଚ୍‌ଜିମାନେ ଆଖପାଖ ଗ୍ରାମ, ବଜାରରେ କମ୍ ମୂଲ୍ୟରେ କ୍ଷୀର, ଛେନା ବିକି କ୍ଷତି ସହୁଥିବା କହିଛନ୍ତି।

ଆଠମଲ୍ଲିକ ବ୍ଲକରେ ଦୈନିକ ୧୧ ହଜାର ୫୦ ଲିଟର କ୍ଷୀର ଉତ୍ପାଦନ ହେଉଛି। ସେହିପରି କିଶୋରନଗର ବ୍ଲକରେ ୯ ହଜାର ୬୫ ଲିଟର ଚାଷୀମାନେ ଉତ୍ପାଦନ କରୁଛନ୍ତି। କିନ୍ତୁ ଓମ୍‌ଫେଡ୍ ପକ୍ଷରୁ କେବଳ ଆଠମଲ୍ଲିକ ବ୍ଲକରୁ କ୍ଷୀର ସଂଗ୍ରହ କରାଯାଉଛି। ଆଠମଲ୍ଲିକ ସଦର ଓ ଅଏଡାଠାରେ ଦୁଇଟି ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ସ୍ଥାପନ କରାଯାଇଥିଲେ ମଧ୍ୟ ସେଥିରୁ ଅଏଡାସ୍ଥିତ ଭଣ୍ଡାର ଦେଢ଼ବର୍ଷ ହେବ ଅଚଳ ହୋଇପଡ଼ିଛି। ବାରମ୍ବାର ଦାବି ସତ୍ତ୍ୱେ ତାହାକୁ କାର୍ଯ୍ୟକ୍ଷମ କରାଯାଉ ନାହିଁ। କିଶୋରନଗର ବ୍ଲକର କିଶୋରନଗର ଓ ବଇଣ୍ଡାଠାରେ ୨ଟି ଶୀତଳୀକରଣ କେନ୍ଦ୍ର ନିର୍ମାଣ ପାଇଁ ଦୀର୍ଘବର୍ଷରୁ ଦାବି ହୋଇଆସୁଛି। ୨୦୧୪ ଡିସେମ୍ବର ୧୫ରେ ତତ୍କାଳୀନ ବିଧାୟକ, ଜିଲାପାଳଙ୍କ ସହ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। ହେଲେ ଏଯାଏ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ଏଠାକାର ହଜାର ହଜାର ଦୁଗ୍ଧ ଚାଷୀ ଓ ଏସ୍‌ଏଚ୍‌ଜି ଉତ୍ପାଦିତ କ୍ଷୀରକୁ ସରକାରୀ ଦରରେ ଓମଫେଡ୍‌କୁ ବିକିବାର ସୁଯୋଗ ପାଇପାରୁ ନାହାନ୍ତି। ସ୍ଥାନୀୟ ବଜାରକୁ ସେମାନେ କ୍ଷୀର ଓ ଛେନା ଯୋଗାଉଥିଲେ ବି ଏଥିରେ କ୍ଷତି ସହିବାକୁ ପଡୁଥିବା କହିଛନ୍ତି। ଏପରି କି ଗାଈଙ୍କୁ ଦାନା କିଣି ଦେଇପାରୁ ନ ଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଉପଖଣ୍ଡ ଭାରପ୍ରାପ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ତପନ ବେଉରା କହିଛନ୍ତି, କିଶୋରନଗର ବ୍ଲକର ଯେଉଁ ପଞ୍ଚାୟତରୁ ସର୍ବାଧିକ ଉତ୍ପାଦନ ହେଉଛି ସେଠାରୁ କ୍ଷୀର ସଂଗ୍ରହ କରିବାକୁ ଓମ୍‌ଫେଡ୍‌କୁ ପ୍ରସ୍ତାବ ଦିଆଯାଇଛି। ଆଠମଲ୍ଲିକ ଉପଜିଲାପାଳ ଲଳିତମୋହନ ବେହେରା କହିଛନ୍ତି, ସମସ୍ୟା ସମ୍ପର୍କରେ ସରକାରଙ୍କୁ ଅବଗତ କରାଯିବ। ଆଠମଲ୍ଲିକ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଇନ୍‌ଚାର୍ଜ ପ୍ରେମାକାନ୍ତ ହୋତା କହିଛନ୍ତି, କିଶୋରନଗର ବ୍ଲକରେ ଶୀତଳଭଣ୍ଡାର ନିର୍ମାଣର ଲକ୍ଷ୍ୟ ରଖାଯାଇଛି। କିନ୍ତୁ ଏବେ କମ୍ ପରିମାଣର ଦୁଗ୍ଧ ଉତ୍ପାଦନ ହେଉଛି। ଅଧିକ ଉତ୍ପାଦନ ହେଲେ ସଂଗ୍ରହ କରାଯିବାର ବ୍ୟବସ୍ଥା ହେବ ବୋଲି ହୋତା ପ୍ରକାଶ କରିଛନ୍ତି।



**ଉଚିତ ଦର ମିଳୁନି**

ସରକାରୀ ଯୋଜନାରେ ଗୋପାଳନ କରୁଥିବା ଚାଷୀଙ୍କୁ ସହଯୋଗ ମିଳୁନାହିଁ। ପ୍ରତିଦିନ ୧୫ ଲିଟରରୁ ଅଧିକ କ୍ଷୀର ଉତ୍ପାଦନ କରୁଥିଲେ ମଧ୍ୟ ସରକାର ସଂଗ୍ରହ କରୁନାହାନ୍ତି। ଫଳରେ ଗାଁ ଓ ବଜାରରେ କମ୍ ଦରରେ ବିକିବାକୁ ବାଧ୍ୟ ହେଉଛି। –କୁମୁଦ ସାହୁ, ଲୁହାମୁଣ୍ଡା, କିଶୋରନଗର



**ସବ୍‌ସିଡି ଯୋଗାନ୍ତୁ ସରକାର**

ଆଠମଲ୍ଲିକର ଅନେକ ଚାଷୀ ଗୋପାଳନକୁ ଜୀବିକା କରିଛନ୍ତି। ହେଲେ ସରକାରଙ୍କ ପକ୍ଷରୁ ସବ୍‌ସିଡି ମାଧ୍ୟମରେ ଦାନା ଯୋଗାଇ ଦିଆଯାଉନାହିଁ। ଅଏଡାସ୍ଥିତ ଦୁଗ୍ଧ ଶୀତଳଭଣ୍ଡାର ଅଚଳ ଥିବାରୁ ଚାଷୀମାନେ ହଇରାଣ ହେଉଛନ୍ତି। –ପ୍ରଦୀପ ପ୍ରଧାନ, ପତକା, ଆଠମଲ୍ଲିକ



**ଚାଷୀଙ୍କୁ ଅଣଦେଖା କରାଯାଉଛି**

ଗୋପାଳନ କରୁଥିବା ଚାଷୀଙ୍କୁ ଅଣଦେଖା କରାଯାଉଛି। ଉତ୍ପାଦିତ ଦୁଗ୍ଧ ସରକାରୀ ମୂଲ୍ୟରେ ବିକ୍ରି ହୋଇପାରୁନାହିଁ। ଏଥିଯୋଗୁ କ୍ଷତି ସହିବାକୁ ପଡୁଛି। ସରକାର କିଶୋରନଗରରେ ଶୀତଳଭଣ୍ଡାର ନିର୍ମାଣ କରନ୍ତୁ। –ସତ୍ୟାନନ୍ଦ ସାହୁ, ତୁରୁଡା, କିଶୋରନଗର



**କ୍ଷୀର ପଇସା ଦାନାକୁ ନିଅଣ୍ଟ**

ଯେତିକି କ୍ଷୀର ଉତ୍ପାଦନ ହେଉଛି ତାହା ବିକିଲେ ଦାନାକୁ ନିଅଣ୍ଟ ପଡୁଛି। ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ସବ୍‌ସିଡି ବ୍ୟବସ୍ଥା ମଧ୍ୟ ନାହିଁ। ଏଥିପ୍ରତି ଦୃଷ୍ଟି ଦିଆଗଲେ କିଶୋରନଗର ବ୍ଲକର ଦୁଗ୍ଧ ଚାଷୀମାନେ ଉପକୃତ ହୁଅନ୍ତେ। –ଧ୍ରୁବ କଠାର, ସଞ୍ଜାମୁରା, କିଶୋରନଗର



**ଓମ୍‌ଫେଡ ଦୁଗ୍ଧ କିଣୁ**

ବଇଣ୍ଡାଠାରେ ଦୁଗ୍ଧ ଶୀତଳଭଣ୍ଡାର ନିର୍ମାଣ ପାଇଁ ବହୁବାର ଦାବି ହୋଇଛି। ହେଲେ ସରକାର ଦୃଷ୍ଟି ଦେଉନାହାନ୍ତି। ଚାଷୀଙ୍କଠାରୁ ଓମ୍‌ଫେଡ୍ ମାଧ୍ୟମରେ କ୍ଷୀର କିଣାହେଲେ ଚାଷୀ ଲାଭବାନ ହେବେ। –ମାଧବ ସାହୁ, ଇଚ୍ଛାପୁର, କିଶୋରନଗର



**ଶୀତଳଭଣ୍ଡାର ନିର୍ମାଣ ହେଉ**

ଆଠମଲ୍ଲିକ ବ୍ଲକର ୧୧ ପଞ୍ଚାୟତର ଚାଷୀଙ୍କ ପାଇଁ ଠାକୁରଗଡଠାରେ ଦୁଗ୍ଧ ଶୀତଳଭଣ୍ଡାରର ଆବଶ୍ୟକତା ରହିଛି। ଏ ନେଇ ଜିଲା ପରିଷଦ ସଦସ୍ୟା ପୂର୍ବରୁ ଜିଲାପାଳଙ୍କୁ ଅବଗତ କରାଇଛନ୍ତି। କିନ୍ତୁ ପଦକ୍ଷେପ ନିଆଯାଉ ନାହିଁ। –ସୁରେଶ ଚନ୍ଦ୍ର ଦେହୁରୀ, ଆମ୍ବଶରମୁଣ୍ଡା, ଆଠମଲ୍ଲିକ

# ୧୬ ଡିସିମିଲ ଜାଗା ପାଇଁ ଗଡ଼ିଲା ୨ ମୁଣ୍ଡ

ଅନୁଗୋଳ ଅଫିସ, ୫।୧୧

ଅନୁଗୋଳ ଥାନା ରନ୍ତଲେଇଠାର ବୁଧବାର ସନ୍ଧ୍ୟାରେ ଦୁଇ ଭାଇଙ୍କୁ ଆକ୍ରମଣ ଘଟଣାରେ ମୃତ୍ୟୁ ସଂଖ୍ୟା ୨ରେ ପହଞ୍ଚିଛି। ଗୁରୁତର ଦୁଃଶାସନ ସେନାପତିଙ୍କୁ କଟକ ନିଆଯିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ ସୂଚନା ଦେଇଛି। ଏଥିସହ ଗୁଳି ବାଜିଥିବା ଯୋଗୁ ଦୁଷ୍ମନ୍ତ ସେନାପତିଙ୍କ ଜୀବନ ଯାଇଥିବା ପୋଲିସ ସ୍ପଷ୍ଟ କରିଛି। ସେହିପରି ଆକ୍ରମଣକାରୀ ସଜନ ସେନାପତି ଓ ସନ୍ତୋଷ ସେନାପତି ମୃତକଙ୍କ ଦାଦା ପୁଅ ଭାଇ ବୋଲି ଥାନାରେ ଦୁଃଶାସନଙ୍କ ପୁଅ ରାକେଶ ସେନାପତି ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ କହିଛି, ଦୁଇ ପରିବାରର ୩୨ ଡିସିମିଲ ଜାଗାକୁ ନେଇ ବିବାଦ ଦେଖାଦେଇଥିଲା। ଗାଁରେ ସଭା ବସି ସମସ୍ୟାର ସମାଧାନ କରାଯାଇଥିଲା। କିନ୍ତୁ ଦେଢ଼ ବର୍ଷ ପୂର୍ବରୁ ବିବାଦ ଜଟିଳ ହୋଇଥିଲା। ଅଭିଯୁକ୍ତ ସଜନ ସେନାପତି ତାଙ୍କର ୧୬ ଡିସିମିଲ ଜାଗା ଛାଡ଼ିବାକୁ ଦୁଃଶାସନଙ୍କୁ କହିଥିଲେ। କିନ୍ତୁ ଦୁଃଶାସନଙ୍କ ପରିବାର ଜାଗା ନ ଛାଡ଼ିବାରୁ ଶତ୍ରୁତା ବଢ଼ିଥିଲା। ବୁଧବାର ସନ୍ଧ୍ୟାରେ ଦୁଃଶାସନ ଓ ଦୁଷ୍ମନ୍ତଙ୍କ ଉପରେ ଆକ୍ରମଣ କରାଯାଇଥିଲେ ବେଳେ ଦୁଃଶାସନ ପୁଅ ବର୍ତ୍ତିଯାଇଥିଲେ। ଗୁରୁବାର ଅନୁଗୋଳ ଏସ୍‌ପି ଜଗମୋହନ ମୀନା ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଏ ନେଇ ଏସ୍‌ପି କହିଛନ୍ତି, ଜମିଜମା ବିବାଦରୁ ଏହି ହତ୍ୟାକାଣ୍ଡ ହୋଇଛି। ପୋଲିସ ଜଣେ ଅଭିଯୁକ୍ତଙ୍କ ସନ୍ଧାନ ପାଇଛି। ଅନ୍ୟଜଣଙ୍କୁ ଧରିବା ପାଇଁ ଏସ୍‌ଡିପିଓଙ୍କ ନେତୃତ୍ୱରେ ଏକ ଟିମ୍ ଗଢ଼ା ହୋଇଛି।

**ରନ୍ତଲେଇଠାରେ ଦୁଇଭାଇଙ୍କୁ ଆକ୍ରମଣ ଘଟଣା**

# ଫିଙ୍ଗିଦେଲେ ଗ୍ଲୋବ୍ସ, ଔଷଧ

ଅନୁଗୋଳ ଅଫିସ, ୫।୧୧


ରାସ୍ତା ପାର୍ଶ୍ୱରେ ଗ୍ଲୋବ୍ସ ଓ ଔଷଧ ପଡ଼ିରହିଛି।

- କର୍ତ୍ତୃପକ୍ଷଙ୍କ ନିକଟରେ ସୂଚନା ନାହିଁ
- ମାନସିକ ବିକାରଗ୍ରସ୍ତ, ଗୋରୁ ଖାଇଲେ କିଏ ଦାୟୀ ରହିବେ
- ଏଡିଏମ୍‌ଓ କହିଲେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ

ସରକାରୀ ଡାକ୍ତରଖାନା ଆସୁଥିବା ରୋଗୀଙ୍କୁ ଅନେକ ସମୟରେ ମାଗଣା ଔଷଧ ଦିଆଯାଉନି। ମେଡିକାଲରେ ଡାକ୍ତର, କର୍ମଚାରୀଙ୍କ ପାଇଁ ଆବଶ୍ୟକ ଗ୍ଲୋବ୍ସ ମିଳୁନି। ହେଲେ ଅନୁଗୋଳ ସହର ରାସ୍ତା ପାର୍ଶ୍ୱରେ ଫିଙ୍ଗାଯାଇଛି ବହୁ ପରିମାଣର ଗ୍ଲୋବ୍ସ ଆଉ ମେଡିସିନ୍। କିଛି ଔଷଧର ବୈଧ ତାରିଖ ଶେଷ ହୋଇଯାଇଥିବା ବେଳେ ଆଉ କେତେକ ଖୋଳ ଉପରେ ଉକ୍ତ ତାରିଖ ଉଲ୍ଲେଖ ନାହିଁ। ସହରର ଶିମିଳିପଡ଼ା ଛକ ଓ ଇକୋ ପାର୍କ ମଝିରେ ପଡ଼ିଛି ଏସବୁ ମେଡିସିନ୍ ଓ ଗ୍ଲୋବ୍ସ। ଏତେ ସଂଖ୍ୟାରେ ଏସବୁ ସାମଗ୍ରୀ କିଏ କେଉଁଠୁ ଆଣି ଫିଙ୍ଗିଲେ ତାହା ଗୁରୁବାର ଆଲୋଚନାର ବିଷୟ ହୋଇଛି। କିଛିଦିନ ତଳେ ଡାକ୍ତର ଓ କର୍ମଚାରୀଙ୍କ ପାଇଁ ଅନୁଗୋଳ ମେଡିକାଲରେ ଗ୍ଲୋବ୍ସର ଅଭାବ ଦେଖାଯାଇଥିଲା। ଏପରି କି ବ୍ୟବହୃତ ଗ୍ଲୋବ୍ସକୁ ସେମାନେ ଧୋଇ ଶୁଖାଇ ପୁନଃ ବ୍ୟବହାର କରୁଥିବା ଅଭିଯୋଗ ହୋଇଥିଲା। ତେଣୁ କରୋନା ସମୟରେ ଗ୍ଲୋବ୍ସର ଆବଶ୍ୟକତା ବେଶ୍ ଅଧିକ ଥିବାବେଳେ କିପରି ବହୁ ପ୍ୟାକେଟ୍ ଫିଙ୍ଗିଦିଆଗଲା ତାହା ଆଶ୍ଚର୍ଯ୍ୟକର। ଏହି ମେଡିସିନ୍ କେହି ମାନସିକ ବିକାରଗ୍ରସ୍ତ କିମ୍ବା ଗୋରୁ ଖାଇଦିଅନ୍ତି ତାହେଲେ କିଏ ଦାୟୀ ରହିବେ ବୋଲି ସହରବାସୀ ପ୍ରଶ୍ନ କରିଛନ୍ତି। ଏ ନେଇ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପାଖରେ ସେପରି କୌଣସି ସୂଚନା ନାହିଁ। କରୋନା ପାଇଁ ବିଭିନ୍ନ ଟିମ୍ ମେଡିସିନ୍ ନେଇ ଲୋକଙ୍କ ନିକଟକୁ ଯାଉଛନ୍ତି। କାଳେ ସେମାନେ କେଉଁଠି କିଛି ଫିଙ୍ଗାଫିଙ୍ଗି କରିଥିବେ ତାହାର ଅନୁଧ୍ୟାନ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏଡିଏମ୍‌ଓ(ଜନସ୍ୱାସ୍ଥ୍ୟ) ଡାକ୍ତର ଦିଲୀପ କୁମାର ପଟ୍ଟନାୟକ ପ୍ରକାଶ କରିଛନ୍ତି।

# ୫୦ ଫୁଟ ଉପରୁ ପଡ଼ି ଶ୍ରମିକଙ୍କ ମୃତ୍ୟୁ

କଣିହାଁ, ୫।୧୧(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲଠାରେ ବ୍ରାହ୍ମଣୀ ନଦୀ ଉପରେ ତାଳଚେର-ବିମଳାଗଡ ରେଳପଥର ବ୍ରିଜ୍ ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ଗୁରୁବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନିକଟସ୍ଥ ଡଙ୍ଗରବେଡା ଗ୍ରାମର ଭୋଳେଶ୍ୱର ଭୁକ୍ତା(୪୨)। ଅପରାହ୍ନରେ ବ୍ରିଜ୍‌ର କଲମ କାର୍ଯ୍ୟ ଚାଲିଥିବାବେଳେ ପ୍ରାୟ ୫୦ ଫୁଟ ଉପରୁ ସେ ତଳକୁ ଖସିପଡିଥିଲେ। ତାଙ୍କୁ ତାଳଚେର ଉପଖଣ୍ଡ ଡାକ୍ତରଖାନା ନେବା ବାଟରେ ମୃତ୍ୟୁ ଘଟିଥିବା ଜଣାପଡିଛି। ବିନା ସୁରକ୍ଷା ବ୍ୟବସ୍ଥାରେ କାମ ଚାଲୁଥିବାରୁ ସମ୍ପୃକ୍ତ ଠିକାସଂସ୍ଥା ଓ ଦୋଷୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ସମଲ ଥାନା ଆଇଆଇସି ଚାରୁଲତା ବେହେରା କହିଛନ୍ତି, ନଂ. ୨୦୮/୨୦ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ନିର୍ମାଣ ଦାୟିତ୍ୱରେ ଥିବା ଅଧିକାରୀ କହିଛନ୍ତି, ଏଜେନ୍ସି ଦ୍ୱାରା କାମ ଚାଲିଛି। କିପରି ଦୁର୍ଘଟଣା ଘଟିଲା ତାହା ଅନୁଧ୍ୟାନ କରାଯିବ।

# ଜିଏମ୍‌ଆର ପକ୍ଷରୁ କରୋନା ପାଇଁ ସଚେତନତା


ଜିଏମ୍‌ଆର୍ ପକ୍ଷରୁ କରୋନା ପାଇଁ ସଚେତନତା ସୃଷ୍ଟି କରାଯାଉଛି।

ଓଡ଼ାପଡ଼ା, ୫।୧୧(ଡି.ଏନ.ଏ.)

ଢେଙ୍କାନାଳ ଜିଲା କମଳାଙ୍ଗସ୍ଥିତ ଜିଏମ୍‌ଆର୍ କମଳାଙ୍ଗ ଏନର୍ଜି ଲିମିଟେଡ୍ ପକ୍ଷରୁ କରୋନା ବିରୋଧୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କମ୍ପାନୀର ସାମାଜିକ ଦାୟିତ୍ୱବୋଧ ସଂସ୍ଥା ଜିଏମ୍‌ଆର୍ ଭରଲକ୍ଷ୍ମୀ ଫାଉଣ୍ଡେଶନ ପକ୍ଷରୁ ସାମାଜିକ ଦୂରତା ରକ୍ଷା ପ୍ରଦାନ ଉପରେ ସଚେତନ କରାଯିବା ସହ ସ୍ଥାନୀୟ ଲୋକଙ୍କୁ ମାସ୍କ ଏବଂ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି ଉପଲକ୍ଷେ ବାଇକ୍ ରାଲି, ପଥପ୍ରାନ୍ତ ନାଟକ ମଧ୍ୟ ଆୟୋଜନ କରାଯାଇଥିଲା। କମ୍ପାନୀର ଅଗ୍ନିଶମ ଦଳ ରାସ୍ତା, ବ୍ୟାଙ୍କ, ପୋଲିସ ଷ୍ଟେସନ, ବଜାର, ହାଟ, ପଞ୍ଚାୟତ ଅଫିସରେ ବିଶୋଧନ କରିଥିଲେ। ସିଓଓ ରମେଶ ଆର୍. ପାଇ, ଦିଲୀପ ସେଠୀ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ମହିଳା ଗୋଷ୍ଠୀ ଚୟନରେ ଅନିୟମିତତା

ହିନ୍ଦୋଳ, ୫।୧୧(ଡି.ଏନ.ଏ.)

- ୧୧ ଏସ୍‌ଏଚ୍‌ଜି ପ୍ରଶାସନର ଦ୍ୱାରସ୍ଥ
- ଉପଜିଲାପାଳ ଦେଲେ ତଦନ୍ତ ନିର୍ଦ୍ଦେଶ

ହିନ୍ଦୋଳ ଆହାର କେନ୍ଦ୍ରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏଚ୍‌ଏସ୍‌ଜି) ଚୟନକୁ ନେଇ ବିବାଦ ଦେଖାଦେଇଛି। ଏହାର ପ୍ରତିବାଦରେ ୧୧ ଏସ୍‌ଏଚ୍‌ଜିର କର୍ମକର୍ତ୍ତା ଗୁରୁବାର ଉପଜିଲାପାଳ ଏବଂ ଏନଏସି ନିର୍ବାହୀ ଅଧିକାରୀଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ମାମଲାର ନିରପେକ୍ଷ ତଦନ୍ତ କରିବାକୁ ସେମାନେ ଏଥିରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ଅଗଷ୍ଟ ୧୪ରେ ହିନ୍ଦୋଳ ଏନ୍‌ଏସି ପକ୍ଷରୁ ଏକ ବିଜ୍ଞାପନ ନୋଟିସ୍ ନଂ ୧୦୮/୨୦ ବାହାରିଥିଲା। ଏଥିରେ ବ୍ୟାଟେରି ଚାଳିତ ଯନ୍ତ୍ର, ମାଇକ୍ରୋ କମ୍ୟୁନିଟି ସେଣ୍ଟର, ଆହାର କେନ୍ଦ୍ର, ଗୋଷ୍ଠୀ ପାଇଖାନା, ପବ୍ଲିକ ଟଏଲେଟ ପରିଚାଳନା ପାଇଁ ଇଚ୍ଛୁକ ଏସ୍‌ଏଚ୍‌ଜିକୁ ଅବେଦନ କରିବାକୁ କୁହାଯାଇଥିଲା। ହେଲେ ଆହାର କେନ୍ଦ୍ର ପରିଚାଳନା ଲାଗି ଏକ ଗୋଷ୍ଠୀକୁ ଅନୁକମ୍ପା ଦେଖାଯାଇଛି। ଏପରି କି ବିଜ୍ଞାପନର ଠିକ୍ ଭାବେ ପ୍ରଚାର କରାଯାଇ ନ ଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଏହାର ନିରପେକ୍ଷ ତଦନ୍ତ କରାଯିବା ସହ ପୂର୍ବ ଚୟନକୁ ରଦ୍ଦ କରିବାକୁ ସେମାନେ ନିବେଦନ କରିଛନ୍ତି। ଏହା ନ ହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଉପଜିଲାପାଳ ଉଦୟନାଥ ମହାପାତ୍ର ଦାବିପତ୍ର ଗ୍ରହଣ କରି ଏହାର ବିଧିବଦ୍ଧ ତଦନ୍ତ କରିବାକୁ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।


ମହିଳା ଗୋଷ୍ଠୀ ସଦସ୍ୟମାନେ ଉପଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

# ଶ୍ରଦ୍ଧାଳୁ ପାଇଲେନି ଶଙ୍ଖୁଡ଼ି ଭୋଗ


ରାଧାକୃଷ୍ଣ ବଜାର


କାରିଗର ସାହି

ଢେଙ୍କାନାଳ ଅଫିସ, ୫।୧୧

- ଭାଙ୍ଗିଲା ଭାଇଚାର ପରମ୍ପରା
- ମଣ୍ଡପରେ ହେଲା ବିଧିରକ୍ଷା

କରୋନା ପାଇଁ ଭାଙ୍ଗିଲା ୮୦ବର୍ଷର ଭାଇଚାରର ପରମ୍ପରା। ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜାରେ ଗୁରୁବାର ଶଙ୍ଖୁଡ଼ି ଭୋଗ ପାଇଲେନି ଶ୍ରଦ୍ଧାଳୁ। ମଣ୍ଡପରେ ମହାମାୟାଙ୍କ ଦର୍ଶନ ବାରଣ ଥିବାବେଳେ ପ୍ରସାଦ ଟିକେ ପାଇବାକୁ ଚାହିଁ ବସିଥିଲେ ସହରବାସୀ। ହେଲେ କଟକଣା ଯୋଗୁ ତାହା ବି ସମ୍ଭବ ହେଲା ନାହିଁ। ପରମ୍ପରାକୁ ନେଇ ପରିଚିତ ଲକ୍ଷ୍ମୀପୂଜାରେ ଗୁରୁବାର ମଣ୍ଡପରେ ଶଙ୍ଖୁଡ଼ି ଭୋଗ ଲାଗି ହେବା କାହିଁ କେଉଁ ଆବହମାନ କାଳରୁ ପ୍ରଚଳିତ ହୋଇ ଆସିଛି। କାଳକ୍ରମେ ଏହା ଭାଇଚାରାରେ ପରିଣତ ହୋଇଥିଲା। ପରମ୍ପରା ଅନୁଯାୟୀ ବିଭିନ୍ନ ପୂଜା ମଣ୍ଡପରେ ଭାତ, ଡାଲି, ଖେଚୁଡ଼ି, ଶାଗ, ବେସର, ଖଟା, କାନିକା, ଖିରି ଭଳି ସୁସ୍ୱାଦୁ ବ୍ୟଞ୍ଜନ ଭୋଗ କରାଯାଇଥାଏ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସହରବାସୀ, ପ୍ରଶାସନିକ ଅଧିକାରୀ, ପୋଲିସ ସମେତ ହଜାର ହଜାର ଶ୍ରଦ୍ଧାଳୁ ଏଥିରେ ସାମିଲ ହେଉଥିଲେ। ହେଲେ ଚଳିତ ବର୍ଷ କୋଭିଡ୍ କଟକଣା ଯୋଗୁ ସାମୂହିକ ପ୍ରସାଦ ସେବନରେ ବ୍ୟତିକ୍ରମ ହୋଇଛି। ମଣ୍ଡପରେ ଶଙ୍ଖୁଡ଼ି ଭୋଗ ହୋଇଥିଲେ ମଧ୍ୟ ଶ୍ରଦ୍ଧାଳୁମାନେ ପ୍ରସାଦ ପାଇପାରିନାହାନ୍ତି।

**ଏମାନେ ଯାହା କୁହନ୍ତି...**



–ଲକ୍ଷ୍ମୀପୂଜାରେ ଗୁରୁବାର ଶଙ୍ଖୁଡି ଭୋଗ ଓ ପ୍ରସାଦ ସେବନ ଏକ ନିଆରା ପରମ୍ପରା। ଚଳିତବର୍ଷ କେବଳ ବିଧି ରକ୍ଷା କରିବାକୁ ମା'ଙ୍କଠାରେ ଭୋଗ ଲାଗି ହୋଇଥିଲା। କୋଭିଡ୍ କଟକଣା ପାଇଁ ସର୍ବସାଧାରଣ ପ୍ରସାଦ ସେବନ ନିଷେଧ କରାଯାଇଥିଲା। –ରାମଚନ୍ଦ୍ର ପାତ୍ର, ସଭାପତି, ବାଜିଚୌକ ପୂଜା ପ୍ରତିଷ୍ଠାନ



–ପ୍ରଶାସନିକ ନିର୍ଦ୍ଦେଶକୁ ସମ୍ମାନ ଜଣାଇ ଚଳିତବର୍ଷ ସର୍ବସାଧାରଣଙ୍କ ପ୍ରସାଦ ସେବନ ବନ୍ଦ ରଖାଯାଇଥିଲା। ହେଲେ ବିଧି ଅନୁଯାୟୀ ମା'ଙ୍କ ନିକଟରେ ଖେଚୁଡ଼ି, ଦହି ପଖାଳ, ଖିରି ଭୋଗ କରାଯାଇଥିଲା। କୋଭିଡ୍ କଟକଣାକୁ ମାନି ସମସ୍ତ କାର୍ଯ୍ୟ କରାଯାଇଛି। –ରୁଦ୍ର ନାରାୟଣ ତ୍ରିପାଠୀ, ଉପଦେଷ୍ଟା, ବସ୍‌ଷ୍ଟାଣ୍ଡ ଅମଲାପଡା ପୂଜା କମିଟି

# ଷ୍ଟକ୍ ବଜାରରେ ଉତ୍ସାହ

ମୁମ୍ବାଇ,୫।୧୧

ଲଗାତର ୪ ସେସନ ଧରି ଭାରତୀୟ ଶେୟାର ବଜାରରେ ଉତ୍ସାହ ପରିଲକ୍ଷିତ ହୋଇଛି। ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୭୦୦ରୁ ଊର୍ଦ୍ଧ୍ୱ ପଏଣ୍ଟ ଉଚ୍ଚରେ ରହିଛି। ବ୍ୟାଙ୍କିଙ୍ଗ୍, ମେଟାଲ ଏବଂ ମିଡିଆ ଷ୍ଟକ୍ କାରବାର ଉନ୍ନତ ହୋଇଥିବା ଜଣାପଡିଛି। ସେନ୍‌ସେକ୍ସ ୭୨୪ ପଏଣ୍ଟ ବା ୧.୭୮% ଊର୍ଦ୍ଧ୍ୱରେ ରହି ୪୧,୩୪୦ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସେହିଭଳି ନିଫ୍ଟି କାରବାର ୨୧୨ ପଏଣ୍ଟ ବା ୧.୭୮% ଉଚ୍ଚରେ ରହିବା ଯୋଗୁ ୧୨,୧୦୦ ପଏଣ୍ଟ ସ୍ତରରେ ରହିଛି। ୩୦ ଶେୟାର ବିଶିଷ୍ଟ ବିଏସ୍‌ଇ ସୂଚକାଙ୍କର ସମସ୍ତ ଷ୍ଟକ୍ ଭଲ କାରବାର କରିଛି।



- ୭୦୦ ପଏଣ୍ଟ ବଢ଼ିଲା ସେନ୍‌ସେକ୍ସ
- ଫୋକସରେ ଆମେରିକା ନିର୍ବାଚନ

ଏସ୍‌ବିଆଇ, ଟାଟା ଷ୍ଟିଲ, ଇଣ୍ଡସଇଣ୍ଡ ବ୍ୟାଙ୍କ, ବଜାଜ ଫାଇନାନ୍ସ, ବଜାଜ ଫିନସର୍ଭ, ଏଚ୍‌ସିଏଲ୍ ଟେକ୍‌ର ଶେୟାର କାରବାର ୫.୩% ଉଚ୍ଚରେ ରହିଛି। ସେହିଭଳି ଏନ୍‌ଏସ୍‌ଇ ପ୍ଲାଟ୍‌ଫର୍ମର ନିଫ୍ଟି ମେଟାଲ, ମିଡିଆ, ବ୍ୟାଙ୍କ ଏବଂ ପିଏସ୍‌ୟୁ ବ୍ୟାଙ୍କ ଉପ-ସୂଚକାଙ୍କ ୪.୪୦ ବଢ଼ିଛି। ଆମେରିକା ରାଷ୍ଟ୍ରପତି ନିର୍ବାଚନ ଫଳାଫଳ ଉପରେ ବର୍ତ୍ତମାନ ସମସ୍ତଙ୍କ ନଜର ରହିଛି। ଫଳରେ ବିଶ୍ୱ ସ୍ତରର ଶେୟାର କାରବାର ବୃଦ୍ଧିପାଇଛି। ସେହିଭଳି ଏସ୍‌ବିଆଇର ଦ୍ୱିତୀୟ ତ୍ରୈମାସ ଫଳାଫଳ ଉନ୍ନତ ରହିବା ଯୋଗୁ ବ୍ୟାଙ୍କିଙ୍ଗ୍ ଷ୍ଟକ କାରବାର ଉନ୍ନତ ରହିଛି। ଏହାବାଦ ଆଇସିଆଇସିଆଇ ବ୍ୟାଙ୍କର ଲାଭ ଉଚ୍ଚରେ ରହିବା ଯୋଗୁ ଏନ୍‌ଏସ୍‌ଇର ବ୍ୟାଙ୍କିଙ୍ଗ ସୂଚକାଙ୍କ ୪ ସେସନ ଧରି ବୃଦ୍ଧି ଘଟିଛି। ଦେଶର ସେବା କ୍ଷେତ୍ର ୭ ମାସ ଧରି ହ୍ରାସ ହେବା ପରେ ଅକ୍ଟୋବରରେ ପୁଣି ଅଭିବୃଦ୍ଧି ପଥକୁ ଫେରିଛି। କୋଭିଡ୍ କଟକଣା ଉଠିବାରୁ ଏହାର ଲାଭ ବଜାର ଉପରେ ପଡିଛି। ଅକ୍ଟୋବରରେ ସର୍ଭିସ ପରଚେଜିଂ ମ୍ୟାନେଜର୍ସ ଇଣ୍ଡେକ୍ସ ୫୪.୧%କୁ ବଢ଼ିଛି। ବ୍ରିଟେନର ଅର୍ଥବ୍ୟବସ୍ଥା କରୋନା ଲାଗି ବର୍ତ୍ତମାନ ମାନ୍ଦାବସ୍ଥା ସହ ଲଢ଼ୁଛି। ସେଠାକାର କେନ୍ଦ୍ରୀୟ ବ୍ୟାଙ୍କ ପୁଣି ଏକ ଆର୍ଥିକ ପ୍ୟାକେଜ ଘୋଷଣା କରିବ ବୋଲି ଯୋଜନା କରୁଛି। ଏହା ମଧ୍ୟ ନିବେଶକଙ୍କ ମନୋଭାବ ଉପରେ ଉନ୍ନତ ପ୍ରଭାବ ପକାଇଛି।

## ସଂକ୍ଷେପରେ

### ରିଲାଏନ୍ସ ରିଟେଲରେ ନିବେଶ କରିବ ପିଆଇଏଫ୍

**ନୂଆଦିଲ୍ଲୀ,୫।୧୧:** ରିଲାଏନ୍ସ ରିଟେଲ ଭେଞ୍ଚର୍ସରେ ପବ୍ଲିକ ଇନ୍‌ଭେଷ୍ଟମେଣ୍ଟ ଫଣ୍ଡ (ପିଆଇଏଫ୍) ୯୫୫୫ କୋଟି ଟଙ୍କା ନିବେଶ କରିବ। ଫଳରେ ଏହା ରିଲାଏନ୍ସ ରିଟେଲରେ ୨.୦୪% ଅଂଶଧନ ହାସଲ କରିବ। ପିଆଇଏଫ୍‌ର ଏହି ନିବେଶକୁ ରିଲାଏନ୍ସ ପରିବାର ପକ୍ଷରୁ ସ୍ୱାଗତ କରାଯାଉଛି ବୋଲି ଗ୍ରୁପ୍‌ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ କହିଛନ୍ତି। ନୂଆ ନିବେଶ ଦେଶର ରିଟେଲ କ୍ଷେତ୍ରକୁ ଦୃଢ଼ୀକରଣ ଦିଗରେ ସହାୟକ ହେବ ବୋଲି ଅମ୍ବାନୀ ଆଶାବାଦୀ ରହିଛନ୍ତି।

### ଆକାଶ ଅଧ୍ୟକ୍ଷ ଜେ.ସି. ଚୌଧୁରୀ ସମ୍ମାନିତ

**ଭୁବନେଶ୍ୱର,୫।୧୧:** ଆକାଶ ଏଡୁକେସନାଲ ସର୍ଭିସେସ୍ ଲିମିଟେଡ୍ (ଏଇଏସ୍‌ଏଲ୍)ର ଚେୟାରମ୍ୟାନ ଓ ପରିଚାଳନା ନିର୍ଦ୍ଦେଶକ ଜେ.ସି. ଚୌଧୁରୀଙ୍କୁ ପିଏଚ୍‌ଡି ଚାମ୍ବର ଅଫ୍ କମର୍ସ ପକ୍ଷରୁ ସମ୍ମାନଜନକ 'ପ୍ରଖ୍ୟାତ ଉଦ୍ୟୋଗୀ ପୁରସ୍କାର-୨୦' ପ୍ରଦାନ କରାଯାଇଛି। ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସେ ଏଭଳି ସମ୍ମାନ ଲାଭ କରିଛନ୍ତି। ଏକ ଭର୍ଚୁଆଲ କାର୍ଯ୍ୟକ୍ରମରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଜେନେରାଲ ଭି.କେ. ସିଂ ଚୌଧୁରୀ ତାଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ଚୌଧୁରୀ କହିଥିଲେ,ଏହି ସମ୍ମାନଜନକ ପୁରସ୍କାର ଆକାଶ ଏଇଏସ୍‌ଏଲ୍‌ର ଆତ୍ମବିଶ୍ୱାସ ବୃଦ୍ଧି କରିବ।

# ଚନ୍ଦା କୋଚ୍ଛର, ସ୍ୱାମୀଙ୍କ ବିରୋଧରେ ଇଡି ଚାର୍ଜଶିଟ୍



**ମୁମ୍ବାଇ,୫।୧୧:** ଆଇସିଆଇସିଆଇ ବ୍ୟାଙ୍କ ଏବଂ ଭିଡିଓକନ ଋଣ ମାମଲାରେ ବ୍ୟାଙ୍କର ପୂର୍ବତନ ସିଇଓ ଚନ୍ଦା କୋଚ୍ଛର ଏବଂ ତାଙ୍କ ସ୍ୱାମୀ ଦୀପକ କୋଚ୍ଛରଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଚାର୍ଜଶିଟ କରିଛି। ଚାର୍ଜଶିଟରେ ଭିଡିଓକନ ଗ୍ରୁପ୍ ପ୍ରମୋଟର ବେଣୁଗୋପାଳ ଧୂତଙ୍କ ସମେତ ଅନ୍ୟ ୭ ଜଣଙ୍କ ନାମ ରହିଛି। ଚାର୍ଜଶିଟ୍‌କୁ ଇଡି ଅଦାଲତରେ ଦାଖଲ କରିଛି। ଏହି ମାମଲାରେ ଦୀପକ କୋଚ୍ଛରଙ୍କୁ ଚଳିତ ବର୍ଷ ସେପ୍ଟେମ୍ବରରେ ଗିରଫ କରାଯାଇଥିଲା। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ମାମଲା ଦାଏର କରିବା ପରେ ଇଡି ଏହି ମାମଲା ଉପରେ ଅଧିକ ଖୋଳତାଡ କରିବା ଲାଗି ପ୍ରକ୍ରିୟା ଜାରି ହୋଇଥିଲା। ଚନ୍ଦା କୋଚ୍ଛର, ଦୀପକ କୋଚ୍ଛରଙ୍କ ସମେତ ଅନ୍ୟମାନଙ୍କ ବିରୋଧରେ ଆପରାଧିକ ମାମଲା ମଧ୍ୟ ରୁଜୁ କରାଯାଇଥିଲା। ୧୧ ନଭେମ୍ବରରେ ଏହି ମାମଲାର ଶୁଣାଣି ହେବ ବୋଲି ଜଣାପଡିଛି।

# ଏଲ୍‌ଜି ଇଲେକ୍‌ଟ୍ରୋନିକ୍ସର ପାର୍ବଣ ଅଫର

**ଭୁବନେଶ୍ୱର,୫।୧୧:** ଏଲ୍‌ଜି ଇଲେକ୍‌ଟ୍ରୋନିକ୍ସ ପକ୍ଷରୁ ପାର୍ବଣ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀର କେତେକ ବଛାବଛା ରେଞ୍ଜ ପ୍ରଡକ୍ଟ ଉପରେ ୧୨.୫ କୋଟି ଟଙ୍କା ମୂଲ୍ୟର ପୁରସ୍କାର ରଖାଯାଇଛି। ଏହା ମଧ୍ୟରେ ମର୍ସିଡିଜ ବେଞ୍ଜ କାର, ଏଲ୍‌ଜି ଟିଭି, ଏଲ୍‌ଜି ପ୍ରଡକ୍ଟ ସାମିଲ ରହିଛି। ହୋମ୍ ଏଣ୍ଟରଟେନମେଣ୍ଟ ବର୍ଗରେ ୫ ବର୍ଷର ଆସ୍ୟୁରାନ୍ସ ସ୍କିମ୍ ବ୍ୟବସ୍ଥା ରହିଛି। ଏହା ମଧ୍ୟରେ ୩ ବର୍ଷର ମାଗଣା ୱାରେଣ୍ଟି ସହ ଅନ୍ୟ ସୁବିଧା ରଖାଯାଇଛି। କେତେକ ବଛା ବଛା ଟିଭି କ୍ରୟରେ ୩ ମାସର ନେଟ୍‌ଫ୍ଲିକ୍ସ ସବ୍‌ସ୍କ୍ରିପଶନ ବ୍ୟବସ୍ଥା ମଧ୍ୟ କରାଯାଇଛି। ୯୧,୯୯୦ ଟଙ୍କା ମୂଲ୍ୟର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସୁବିଧା ଥିବା ଟିଭି ଜିତିବାର ମଧ୍ୟ ସୁବିଧା ଗ୍ରାହକ ପାଇବେ। ୬୪,୯୯୦ ଟଙ୍କା ପର୍ଯ୍ୟନ୍ତ ଅଡିଓ ପ୍ରଡକ୍ଟ ଟିଭି କିଣିବା ଉପରେ ମିଳିପାରିବ। ହୋମ୍ ଆପ୍ଲାଏନ୍ସ ବର୍ଗରେ ଫ୍ରଷ୍ଟ ଫ୍ରି ରେଫ୍ରିଜରେଟର, ୱାଶିଂ ମେଶିନ, ୫ ଷ୍ଟାର ଏୟାର କଣ୍ଡିଶନର, ୱାଟର ପ୍ୟୁରିଫାୟର, ମାଇକ୍ରୋଓଭେନ ମଧ୍ୟ ଜିତିବାର ସୁଯୋଗ ରହିଛି। ଏହାବାଦ ଅନ୍ୟ ସୁବିଧା ମଧ୍ୟରେ ମେଣ୍ଟେନାନ୍ସ ପ୍ୟାକେଜ, କେତେକ ଡେବିଟ ଏବଂ କ୍ରେଡିଟ କାର୍ଡ ଉପରେ ୧୫% ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍, ୮୮୮ ଟଙ୍କାରୁ ଇଏମ୍‌ଆଇ ଏବଂ ଗୋଟିଏ ଇଏମ୍‌ଆଇ ଫ୍ରି ସୁବିଧା ଦିଆଯାଉଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ଭାରତରେ ନିବେଶ ଲାଗି ମୋଦିଙ୍କ ଆହ୍ୱାନ

**ନୂଆଦିଲ୍ଲୀ,୫।୧୧:** ଭାରତରେ ନିବେଶ କରିବା ଲାଗି ପ୍ରଧାନମନ୍ତ୍ରୀ ବିଶ୍ୱ ସ୍ତରୀୟ ନିବେଶକଙ୍କୁ ଆହ୍ୱାନ ଜଣାଇଛନ୍ତି। ଦୀର୍ଘ ମିଆଦିରେ ରିଟର୍ନ ଲାଭ କରିବା ଦିଗରେ ଭାରତ ଏକ ପ୍ରମୁଖ ନିବେଶ ସ୍ଥଳ । ସାରା ବିଶ୍ୱରେ ଭାରତ ଏଭଳି ଏକମାତ୍ର ଦେଶ ଯେଉଁଠାରେ କର୍ପୋରେଟ ଟିକସ ସବୁଠାରୁ କମ୍ ବୋଲି ଭର୍ଚୁଆଲ ଗ୍ଲୋବାଲ ଇନଭେଷ୍ଟର୍ସ ରାଉଣ୍ଡ ଟେବୁଲ ଅବସରରେ ଅଭିଭାଷଣ ରଖି ମୋଦି ଏହା କହିଛନ୍ତି। ସେ ପୁଣି କହିଛନ୍ତି, ଭରଷା ସହ ରିଟର୍ନ ଲାଭ କରିବା ଲାଗି ନିବେଶକ ଯଦି ଆଶା ରଖି ଥାନ୍ତି ତେବେ ଭାରତ ଏଥି ଲାଗି ପ୍ରକୃଷ୍ଟ ସ୍ଥାନ। ଗଣତନ୍ତ୍ର ସହ ବଜାର ଚାହିଦା, ସ୍ଥାୟିତ୍ୱ, ନିରନ୍ତରତା ଏବଂ ଅଭିବୃଦ୍ଧି ଦିଗରେ ଗତି କରୁଥିବା ଦେଶ ହେଉଛି ଭାରତ। ସେହିଭଳି ଭାରତରେ ଚାହିଦା ଏବଂ ବିଭିନ୍ନତାର ସମ୍ମିଶ୍ରଣ ରହି ଆସିଛି। ଏହାକୁ ନିବେଶକ ଏକ ଭିନ୍ନ ବଜାର ଭାବେ ବିଚାର କରିପାରିବେ। ଗୋଟିଏ ଦେଶ ମଧ୍ୟରେ ବିଭିନ୍ନ ବର୍ଗରେ ବଜାର, ପସନ୍ଦ, ପାଣିପାଗ, ସ୍ତର, ଉନ୍ନତିର ସ୍ତର ନିବେଶକ ଲାଭ କରିପାରିବେ। ବିଶ୍ୱର ଆର୍ଥିକ ଅଭିବୃଦ୍ଧିରେ ଭାରତର ଯୋଗଦାନ ଏବେ ବଢ଼ୁଥିବା ମୋଦି ଭରସା ଦେଇଛନ୍ତି।

# ମାଲ୍ୟା, ନୀରବଙ୍କ ପ୍ରତ୍ୟର୍ପଣ ତ୍ୱରାନ୍ୱିତ ହେବ



**ମୁମ୍ବାଇ,୫।୧୧:** ପଳାତକ ବିଜୟ ମାଲ୍ୟା ଏବଂ ନୀରବ ମୋଦିଙ୍କ ପ୍ରତ୍ୟର୍ପଣ ପ୍ରକ୍ରିୟା ତ୍ୱରାନ୍ୱିତ ହେବାକୁ ଯାଉଛି। ଏହି ଧାରାକୁ ଆହୁରି ତ୍ୱରାନ୍ୱିତ କରିବା ଲାଗି ଭାରତ ସରକାର ବ୍ରିଟେନ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ଭାରତର ବୈଦେଶିକ ସଚିବ ହର୍ଷବର୍ଦ୍ଧନ ଶ୍ରୀଙ୍ଗଲା ଏବଂ ବ୍ରିଟେନ ଗୃହ ମନ୍ତ୍ରୀ ପ୍ରୀତି ପଟେଲ ଏ ନେଇ ଲଣ୍ଡନରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ବିଜୟ ମାଲ୍ୟାଙ୍କୁ ଶୀଘ୍ର ଭାରତ ଫେରାଇ ଆଣିବା ନେଇ ବୈଠକରେ ଆଲୋଚନା ହୋଇଛି। ବ୍ରିଟେନରୁ ମାଲ୍ୟାଙ୍କୁ ପ୍ରତ୍ୟର୍ପଣ ଲାଗି ସମସ୍ତ ଆଇନଗତ ପ୍ରକ୍ରିୟା ଶେଷ ହୋଇଛି। ଏହାବାଦ ନୀରବ ମୋଦିଙ୍କ ପ୍ରତ୍ୟର୍ପଣ ପ୍ରସଙ୍ଗ ମଧ୍ୟ ଆଲୋଚନାର ପରିସରଭୁକ୍ତ ହୋଇଛି। ମାଲ୍ୟା ଭାରତୀୟ ବ୍ୟାଙ୍କଗୁଡିକରେ ୯ ହଜାର କୋଟି ଟଙ୍କାର ଋଣ ଠକେଇ ଏବଂ ବେଆଇନ ଅର୍ଥ କାରବାର ମାମଲାରେ ଫସିଛନ୍ତି। ସେ ୨୦୧୬ରେ ଭାରତ ଛାଡ଼ି ପଳାୟନ କରିଥିଲେ। ସେହିଭଳି ନୀରବ ମୋଦି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ୧୩,୫୦୦ କୋଟି ଟଙ୍କାର ଋଣ ଠକେଇ ମାମଲାରେ ଜଡିତ ଅଛନ୍ତି।

# ହିରୋ ମୋଟୋକର୍ପର ଏକ୍ସଚେଞ୍ଜ ଫେଷ୍ଟ

**ଭୁବନେଶ୍ୱର,୫।୧୧:** ହିରୋ ମୋଟୋକର୍ପ ପକ୍ଷରୁ ଏକ୍ସଚେଞ୍ଜ ଫେଷ୍ଟ-୨୦୨୦ ସମ୍ପର୍କରେ ଘୋଷଣା କରାଯାଇଛି। ପାର୍ବଣ ଋତୁରେ କାରବାର ବୃଦ୍ଧି ନିମନ୍ତେ କମ୍ପାନୀ ଏଭଳି ପଦକ୍ଷେପ ଗ୍ରହଣ କରିଛି। ଏହା ୬ ନଭେମ୍ବର ଯାଏ ଉପଲବ୍ଧ ହେବ। କମ୍ପାନୀର ଲୋକପ୍ରିୟ ମୋଟର ସାଇକେଲ ମଡେଲଗୁଡିକ ଉପରେ ଅଫର ମିଳିବ। ଏଚ୍‌ଏଫ୍ ଡିଲକ୍ସ, ସୁପର ସ୍ପ୍ଲେଣ୍ଡର ଏବଂ ଗ୍ଲାମର ଉପରେ ଗ୍ରାହକ ୪,୧୦୦ଟଙ୍କା ପର୍ଯ୍ୟନ୍ତ ଆକର୍ଷଣୀୟ ବେନିଫିଟ ରହିଛି। ଏଚ୍‌ଏଫ୍ ଡିଲକ୍ସରେ ୧୦୦୦ ଟଙ୍କା, ସୁପର ସ୍ପ୍ଲେଣ୍ଡର କ୍ଷେତ୍ରରେ ୪,୧୦୦ ଟଙ୍କା ଏବଂ ଗ୍ଲାମର ପାଇଁ ୪,୧୦୦ ଟଙ୍କାର ଏକ୍ସଚେଞ୍ଜ ଅଫର ଗ୍ରାହକଙ୍କୁ ପ୍ରଦାନ କରାଯାଉଛି। ସ୍କୁଟର ଏବଂ ପ୍ରିମିୟମ ମୋଟର ସାଇକେଲକୁ ଅଫର ମଧ୍ୟରେ ସାମିଲ କରାଯାଇଛି।

## ରାଜ୍ୟ

# ପୁଣି ଅନ୍ୟ ରାଜ୍ୟ ମୁହାଁ ଦାଦନ ଶ୍ରମିକ

ବଲାଙ୍ଗୀର ଅଫିସ, ୫।୧୧

- କୋଭିଡ୍‌ରୁ କିଛି ଶିଖିଲେନି ସରକାର
- ରାଜ୍ୟ ବାହାରକୁ ଗଲେଣି ୧ ଲକ୍ଷ ଶ୍ରମିକ
- ଜିଲାରେ ମାତ୍ର ୨ ସର୍ଦ୍ଦାର, ୮୦ ଶ୍ରମିକଙ୍କ ନାମ ପଞ୍ଜୀକରଣ

କୋଭିଡ୍ କଟକଣା ପୂର୍ବରୁ ବଲାଙ୍ଗୀର ଜିଲାରୁ ପ୍ରତିବର୍ଷ କେତେ ଦାଦନ ଶ୍ରମିକ ରାଜ୍ୟ ବାହାରକୁ କାମ କରିବାକୁ ଯାଉଥିଲେ ତା'ର ଠିକ୍ ତଥ୍ୟ ରାଜ୍ୟ ସରକାର କି ସ୍ଥାନୀୟ ପ୍ରଶାସନ ପାଖରେ ନ ଥିଲା। ବେସରକାରୀ ସଙ୍ଗଠନମାନେ ଜିଲାରୁ ଦେଢ଼ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରମିକ ରାଜ୍ୟ ବାହାରକୁ କାମ କରିବାକୁ ଯାଉଛନ୍ତି ବୋଲି ତଥ୍ୟ ଦେଉଥିଲେ। ହେଲେ ରାଜ୍ୟ ସରକାର ସେହି ତଥ୍ୟକୁ ଗ୍ରହଣ କରି ନ ଥିଲେ। ଲକ୍‌ଡାଉନ୍ ଘୋଷଣା ପରେ ସରକାରୀସ୍ତରରେ ପ୍ରବାସୀ ଶ୍ରମିକଙ୍କ ପଞ୍ଜୀକରଣ ବ୍ୟବସ୍ଥା କରାଯାଇଥିଲା। ଏଥିରୁ ଜିଲାର ଲକ୍ଷାଧିକ ଶ୍ରମିକ ରାଜ୍ୟ ବାହାରକୁ ଯାଇଥିବା ସ୍ପଷ୍ଟ ହୋଇଥିଲା। ସରକାରୀ ପଞ୍ଜୀକରଣ ଡାଟାରୁ ୧ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରମିକ ରାଜ୍ୟ ବାହାରୁ ଜିଲାକୁ ଫେରିଥିବା ଜଣାପଡିଥିଲା। ତେବେ ବିନା ପଞ୍ଜୀକରଣରେ ବହୁ ଶ୍ରମିକ ଜିଲାକୁ ଫେରିଆସିଥିବା ନଜରକୁ ଆସିଥିଲା। ସେମାନଙ୍କ ସଂଖ୍ୟା ୫୦ ହଜାରରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଇଥିଲା।

ଲକ୍‌ଡାଉନ୍ ସମୟରେ ଏତେ ସଂଖ୍ୟକ ପ୍ରବାସୀ ଓ ଦାଦନ ଶ୍ରମିକଙ୍କୁ ଖାଦ୍ୟ ଓ ରୋଜଗାର ଯୋଗାଇବା ଚ୍ୟାଲେଞ୍ଜ ସୃଷ୍ଟି ହୋଇଥିଲା। ତେବେ କରୋନା ମହାମାରୀରେ ସରକାର ଓ ପ୍ରଶାସନକୁ ପ୍ରବାସୀ ଓ ଦାଦନ ଶ୍ରମିକଙ୍କ ସମ୍ପର୍କରେ ଅନେକ ନୂଆ ଶିକ୍ଷା ଓ ତଥ୍ୟ ମିଳିଥିଲା। ପ୍ରବାସୀ ଓ ଦାଦନ ଶ୍ରମିକ ସମ୍ପର୍କିତ ଏହି ତଥ୍ୟ ଦାଦନ ଶ୍ରମିକ ସମସ୍ୟା ନିରାକରଣରେ ନୂଆ ସୁଯୋଗ ଆଣିଦେବ ବୋଲି ବିଶ୍ୱାସ କରାଯାଉଥିଲା। ମାତ୍ର ରାଜ୍ୟ ସରକାର ଏହି ମହାସୁଯୋଗକୁ ହାତଛଡା କରିଦେଇଥିବା ଜଣାପଡିଛି। କରୋନା ମହାମାରୀ ଜାରି ରହିଥିବାବେଳେ ଜିଲାରୁ ଶ୍ରମିକ ପଳାୟନ ଆହୁରି ଭୟଙ୍କର ସମସ୍ୟା ସୃଷ୍ଟି କଲାଣି। ଜୀବିକା ଅନ୍ୱେଷଣରେ ଜୀବନକୁ ବାଜି ଲଗାଇବା ପାଇଁ ବି ଦାଦନ ଶ୍ରମିକ ପଛଘୁଞ୍ଚା ଦେଉନାହାନ୍ତି। ପରିବାର ସହ ଦୟନୀୟ ଭାବେ ସର୍ଦ୍ଦାରଙ୍କ ଇଙ୍ଗିତରେ ଖୁବ୍ କମ୍ ଟଙ୍କାରେ ରାଜ୍ୟ ବାହାରକୁ ପ୍ରତ୍ୟହ ଯାଉଥିବା ଖବର ମିଳୁଛି। ଏପର୍ଯ୍ୟନ୍ତ ଜିଲାରୁ ୧ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ରାଜ୍ୟ ବାହାରକୁ ପୁଣି ଥରେ ଯାଇସାରିଲେଣି ବୋଲି ଦାଦନ ଶ୍ରମିକ ସମସ୍ୟାର ଗବେଷକ ଡ. ସଞ୍ଜୟ କୁମାର ମିଶ୍ର କହିଛନ୍ତି। ଆହୁରି ୧ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ରାଜ୍ୟ ବାହାରକୁ ଯିବାକୁ ଅପେକ୍ଷାରେ ରହିଛନ୍ତି ବୋଲି ସେ ସୂଚନା ଦେଇଛନ୍ତି।

ଜିଲା ଶ୍ରମ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ଏପର୍ଯ୍ୟନ୍ତ ଜିଲାର ୨ ଜଣ ଦାଦନ ସର୍ଦ୍ଦାର ଓ ୮୦ ଜଣ ଶ୍ରମିକ ରାଜ୍ୟ ବାହାରକୁ ଯିବାକୁ ନିଜ ନାମ ପଞ୍ଜୀକରଣ କରିଛନ୍ତି। ବାସ୍ତବରେ କେତେ ଶ୍ରମିକ ଜିଲାରୁ ରାଜ୍ୟ ବାହାରକୁ ଗଲେଣି ସରକାରୀ ଭାବେ ବିଭାଗ ପାଖରେ କୌଣସି ତଥ୍ୟ ନାହିଁ। କୋଭିଡ୍ ପ୍ରକୋପ କମିନାହିଁ। ଅନେକ ସ୍ଥାନରେ କରୋନା ଦ୍ୱିତୀୟ ଓ ତୃତୀୟ ଲହର ଦେଖାଦେଲାଣି। ଏଭଳି ସମୟରେ ବିନା ପଞ୍ଜୀକରଣରେ ଅତ୍ୟନ୍ତ ଅସହାୟ ଅବସ୍ଥାରେ ରାଜ୍ୟ ବାହାରକୁ କାମ ଅନ୍ୱେଷଣରେ ଯାଇଥିବା ଶ୍ରମିକ ପରିବାରର କ'ଣ ସ୍ଥିତି ହେବ ଅନୁମେୟ। କରୋନା ମହାମାରୀ ସମୟରେ ଶ୍ରମିକଙ୍କୁ ଜିଲାରେ କାମ ଯୋଗାଇ ପାରି ନ ଥିବା ସରକାର ଓ ପ୍ରଶାସନ ପୁଣି ଥରେ ରାଜ୍ୟ ବାହାରକୁ ଯାଉଥିବା ଶ୍ରମିକଙ୍କ ନାମ ପଞ୍ଜୀକରଣ ବି କରିପାରିନାହାନ୍ତି। ଏନେଇ ଜିଲା ଶ୍ରମ ଅଧିକାରୀ ସୁରେଶ କୁମାର ବେହେରାଙ୍କୁ ପଚାରିବାରୁ ଗୁରୁବାର ସୁଦ୍ଧା ମାତ୍ର ୨ ଜଣ ସର୍ଦ୍ଦାର ଓ ୮୦ ଜଣ ଶ୍ରମିକଙ୍କ ନାମ ପଞ୍ଜୀକରଣ ହୋଇଛି ବୋଲି କହିଛନ୍ତି।

# ମତ୍ସ୍ୟଜୀବୀଙ୍କ ଜାଲରେ ଟାର୍ଗେଟ୍ ଏୟାର କ୍ରାଫ୍ଟ

ବାହାନଗା,୫।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ବାଉଁଶଆଡିଆ ସ୍ଥିତ ପଞ୍ଚୁବିଷା ମାଛଧରା ଓ ବିତରଣ କେନ୍ଦ୍ର (ଜେଟି) ନିକଟସ୍ଥ ସମୁଦ୍ର ଭିତରୁ ପୁଣି ଏକ ପ୍ରତିରକ୍ଷା ବିଭାଗର ଯନ୍ତ୍ରଚାଳିତ ଟାର୍ଗେଟ୍ ଏୟାର କ୍ରାଫ୍ଟ ମତ୍ସ୍ୟଜୀବୀଙ୍କ ଜାଲରୁ ଉଦ୍ଧାର ହୋଇଛି। ବୁଧବାର ଖରାସାହାପୁର ମାଝି ସାହିର ହରିହର ମାଝିଙ୍କ ସହିତ ୪ରୁ ୫ ଜଣ ମତ୍ସ୍ୟଜୀବୀ ଯନ୍ତ୍ରଚାଳିତ ଡଙ୍ଗା ଯୋଗେ ସମୁଦ୍ର କୂଳଠାରୁ ୧୫ କି.ମି ଦୂରକୁ ଜାଲ ବିଛାଇ ଯାଇଥିଲେ। ବିଳମ୍ବିତ ରାତିରେ ସମୁଦ୍ରରୁ ଜାଲ ଟାଣୁଥିବା ବେଳେ ପ୍ରତିରକ୍ଷା ବିଭାଗର ଏହି ମାନବ ବିହୀନ ଟାର୍ଗେଟ ଏୟାର କ୍ରାଫ୍ଟ ସେମାନଙ୍କ ଜାଲରେ ଗୁଡ଼ାଇ ହୋଇଯାଇଥିଲା। ଏକ ବଡ଼ ମାଛ ଭାବି ତାହାକୁ କୂଳକୁ ଆଣିବା ପରେ ତାହା ଟାର୍ଗେଟ୍ ଏୟାର କ୍ରାଫ୍ଟ ବୋଲି ଜଣାପଡ଼ିଥିଲା।



ଉଦ୍ଧାର ହୋଇଥିବା ଟାର୍ଗେଟ୍ ଏୟାର କ୍ରାଫ୍ଟ।

ପରେ ସେମାନେ ଜିଲା ମତ୍ସ୍ୟ ଅଧିକାରୀଙ୍କ ଜରିଆରେ ଚାନ୍ଦିପୁର ସ୍ଥିତ ଡିଆରଡିଏ (ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂସ୍ଥା) ସମେତ ଆଇଟିଆର(ସମନ୍ୱିତ ପରୀକ୍ଷଣ ଘାଟି)କୁ ଖବର ଦେଇଥିଲେ। ଖବରପାଇ ସୋର ଥାନା ପୋଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଟାର୍ଗେଟ୍ ଏୟାର କ୍ରାଫ୍ଟକୁ ଜଗି ରହିଥିଲା। ଗୁରୁବାର ସନ୍ଧ୍ୟାରେ ପ୍ରତିରକ୍ଷା ବିଭାଗର ଅଧିକାରୀମାନେ ପହଞ୍ଚି ଏହାକୁ ନେଇ ଯାଇଥିବା ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ ଯେ, ଗତ ଅଗଷ୍ଟ ୧୭ ତାରିଖରେ ଗୋପାଳପୁର ଫାଣ୍ଡି ଅଧୀନ ତାଳପଦା ଗ୍ରାମର ମତ୍ସ୍ୟଜୀବୀମାନେ ସମୁଦ୍ରରେ ମାଛ ଧରୁଥିବା ବେଳେ ପ୍ରତିରକ୍ଷା ବିଭାଗର ଏକ ମାନବ ବିହୀନ ଟାର୍ଗେଟ୍ ଏୟାର କ୍ରାଫ୍ଟ 'ବଂଶୀ' ଆକାଶମାର୍ଗରୁ ସେମାନଙ୍କ ଜାଲରେ ଖସି ପଡ଼ିଥିଲା। ମତ୍ସଜୀବୀମାନେ କୂଳକୁ ଆଣିବା ପରେ ପ୍ରତିରକ୍ଷା ବିଭାଗର ଅଧିକାରୀମାନେ ପହଞ୍ଚି ତାହାକୁ ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିକୁ ନେଇଯାଇଥିଲେ।

OFFICE OF THE MUNICIPAL COUNCIL, JATNI
NOTICE
It is informed to all general public of Jatni that Jatni Municipality has published Service Level Benchmark & the bye-laws to this effect are notified in the official website www.jatnimunicipality.in. All the citizens are requested to follow the bye-law.
Sd./- Executive Officer, Jatni Municipality

CUTTACK MUNICIPAL CORPORATION
1st Corrigendum Call Notice
Tender ID : 2020_ORULB_63525
Bid Reference No. MC(CMC)CTC_Div-I_No36/2020-21
Tender Call Notice No. 4979 (PW) Date.03.11.2020
Due to some technical error the Tender ID hereby modified herewith.
"e" PROCUREMENT NOTICE
Tender ID : 2020_ORULB_63610
Bid Reference No. MC(CMC)CTC_Div-I_No38/2020-21
Tender Call Notice No. 4954 (PW) Date.05.11.2020
Name of Works : Civil Works
No of Works : 42 Nos
Bid Value : Rs. 2.40 Lakh to Rs. 41.90 Lakh
Period of Completion : One Calendar Month to Three Calendar Months
Date and Time schedule :

| Start | End | Opening |
|---|---|---|
| 3.00 PM on dt. 9.11.2020 | 5.00 PM on dt.20.11.2020 | 11.00 A.M. on dt. 26.11.2020 |

Tender Details : can be seen from the procurement portal : www.tendersorissa.gov.in
Executive Engineer, City Division-I

GOVERNMENT OF ODISHA
DEPARTMENT OF WATER RESOURCES, GOVT. OF ODISHA
OFFICE OF THE EXECUTIVE ENGINEER,
GANGADHAR MEHER LIFT CANAL DIVISION NO-I, BIJEPUR
(INSIDE BLOCK OFFICE CAMPUS, BIJEPUR)
PO-BIJEPUR, DIST.-BARGARH, PIN-768032
(Email Address: eegmlcdivn1@gmail.com)
TENDER CALL NOTICE No. 03/2020-21 Dated: 04.11.2020
No. A-278:- Sealed quotation in conformity with the terms & conditions in the prescribed form, on behalf of the Governmor of Odisha from reputed and experienced manpower service provider for providing Outsourcing Personnel in O/o the Executive Engineer, Gangadhar Meher Lift Canal Division No-I, Bijepur.
Please visit website https://dowrodisha.gov.in or https://bargarh.nic.in for details.
Date & time of availability of Tender Document from 06.11.2020 (10.00 AM) to 18.11.2020 (5.30 PM).
The last date & time of sale and receipt of Quotation is 18.11.2020 upto 5.30 PM & 19.11.2020 upto 11.00 AM respectively and to be opened on 19.11.2020 at 11.30 AM.
Sd./- Executive Engineer
Gangadhar Meher Lift Canal Division No-I, Bijepur
OIPR-32402/11/0003/2021

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ୟୁଟିଲିଟି ଗ୍ରୁପ୍
ଦ୍ୱାରା 3G/4G ମୋବାଇଲ ଉପକରଣ ନିଜର ଖାଲି ଜମି କିମ୍ବା ପ୍ଲଟ୍‌ରେ ଲଗାନ୍ତୁ
ଅଗ୍ରିମ 55 ଲକ୍ଷ
ଭଡ଼ା ମାସିକ 45,000
25,000ର ଅନ୍ୟାନ୍ୟ ସୁବିଧା
9351425214
Add. : 730-22A, Marathahalli, Bangalor

ଦୀପାବଳୀର ଶୁଭ ଅବସରରେ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
SIDDHIVINAYAK FINANCE (ISO:9001:1985)
ଆଧାରକାର୍ଡ | ଏଗ୍ରିକଲ୍ଚର | ମାର୍କଶିଟ୍ | ପର୍ସନାଲ | ପ୍ରପର୍ଟି | ଗ୍ରୁପ୍
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
9536405151
9520405151
Add.-219, 28th Cross Road, Rajajinagar,Banglore

JANODAYA Finance
ପର୍ସନାଲ୍, ପ୍ରପୋର୍ଟି, ଗ୍ରୁପ୍, ମାର୍କସିଟ୍, ବ୍ୟବସାୟ, କୃଷି ପଶୁପାଳନ, କୁକୁଡା ପାଳନ ଓ ଗୃହଋଣ ଇତ୍ୟାଦି ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ।
ମାତ୍ର ୨% ସୁଧ ହାରରେ
Bharatpur, Badahkole,Sambalpur
9438082179
8480403308

ମୋର ଶକ୍ତି ପ୍ରଦର୍ଶନ ନିଜେ ଦେଖନ୍ତୁ ଖୋଲା ଚ୍ୟାଲେଞ୍ଜ୍
ଆଖି ଆଗରେ ୩ ଘଣ୍ଟାରେ ୧୦୧% ସମସ୍ୟାର ସମାଧାନ
ବାବା ଅଘୋରୀ ତାନ୍ତ୍ରିକ
(ତନ୍ତ୍ର ମନ୍ତ୍ର ର ସମ୍ରାଟ)
ଜାହାର ଥିବ ଜ୍ଞାନ ସେହି କରିବ ସମାଧାନ
ଭଗବାନ ଚାହିଁଲେ ସବୁକିଛି ସମ୍ଭବ କରିପାରିବି।
ସ୍ପେଶାଲିଷ୍ଟ ବଶୀକରଣ, ମନ ଚାହୁଁଥିବା ପ୍ରେମ, ପ୍ରେମ ବିବାହ, ପ୍ରେମରେ ଧୋକା, ରାଗିଥିବା ଲୋକଙ୍କୁ ମନେଇବା, ପତୀ ପତ୍ନୀ ମଧ୍ୟରେ ଝଗଡା, ଶତ୍ରୁଠାରୁ ମୁକ୍ତି, ବ୍ୟବସାୟରେ ବାଧା, A-Z ସମସ୍ୟାର ସମାଧାନ।
ଫୋନ୍ କରନ୍ତୁ - 8882348054
ପ୍ରକୃତ ପ୍ରେମୀମାନେ କାହିଁକି ନିରାଶ ହେଉଛନ୍ତି, ପ୍ରେମର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ବଶୀକରଣ ଦ୍ୱାରା ଜୀବନସାଥି କରନ୍ତୁ। ଘରେବସି କାମକରିଥିବା କଥାଗୁପ୍ତ ରହିବ।

TCF FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
Helpline Number
6396732814

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165



ଫ୍ୟାନ୍‌ମାନଙ୍କୁ ମୋର ଅନୁରୋଧ ବାପା ଏସ୍.ଏ.ଚନ୍ଦ୍ରଶେଖରଙ୍କ ରାଜନୈତିକ ଦଳରେ କେହି ଯୋଗ ଦିଅନ୍ତୁ ନାହିଁ।
-ବିଜୟ, ସାଉଥ୍ ଅଭିନେତା



# ଲକ୍ଷେ ବର୍ଷର ଯୁଦ୍ଧ

ଏକ ଯୁଦ୍ଧର ଅବଧି କେତେ ହୋଇପାରେ? ମାସେ, ବର୍ଷେ, ଦଶ ବର୍ଷ ଅଥବା ଅତି ବେଶିରେ ୧୦୦ ବର୍ଷ। ହେଲେ ମାନବ ସଭ୍ୟତାରେ ଏକ ଲକ୍ଷ ବର୍ଷ ଧରି ଲଢ଼ାଯାଇଥିଲା ଏକ ଯୁଦ୍ଧ। ମଣିଷର ଦୁଇ ପ୍ରଜାତି 'ହୋମୋ ସାପିଏନ୍' ଏବଂ 'ନିଏନ୍‌ଡେର୍ଥାଲ' ମଧ୍ୟରେ ହୋଇଥିଲା ଏହି ଘମାଘୋଟ ଯୁଦ୍ଧ। ବିଶ୍ୱାସ ହେଉ ନ ଥିଲେ ମଧ୍ୟ ଏହା ସତ୍ୟ, ଯାହାର ପ୍ରମାଣ ଲାଗିଛି ବୈଜ୍ଞାନିକଙ୍କ ହାତରେ।





ପୃଥିବୀ ପୃଷ୍ଠରେ ଜୀବନ ସଞ୍ଚାର ସହ ଆରମ୍ଭ ହୋଇଥିଲା କ୍ରମବିକାଶ। ବିବର୍ତ୍ତନବାଦରୁ ଏକକୋଷୀ ଜୀବ ରୂପାନ୍ତରିତ ହୋଇଥିଲେ ବହୁକୋଷୀରେ। ଏକ ଭୂଖଣ୍ଡରେ ନିଜର ସ୍ଥିତି ସୁରକ୍ଷିତ କରିବାକୁ କେଉଁ ଅନାଦି କାଳରୁ ଆରମ୍ଭ ହୋଇଥିଲା ପରସ୍ପର ମଧ୍ୟରେ ସଂଘର୍ଷ। ଏହାକୁ ହୃଦୟଙ୍ଗମ କଲେ ଯୁଦ୍ଧର ରହିଛି ନିଜର ଏକ ଇତିହାସ। ତେବେ ପ୍ରାଗ୍ ଐତିହାସିକ ସମୟରେ ସବୁଠାରୁ ଭୟଙ୍କର ସଂଘର୍ଷ ହୋଇଥିଲା ମଣିଷ ଏବଂ ହିଂସ୍ରଜନ୍ତୁଙ୍କ ମଧ୍ୟରେ। ସମାନ୍ତରାଳ ଭାବେ ଜଳବାୟୁ ପରିବର୍ତ୍ତନ ମଧ୍ୟ ମଣିଷର ପରୀକ୍ଷା ନେଉଥିଲା। ସେହି ସମୟରେ ଦୁଇ ମାନବପ୍ରଜାତିମଧ୍ୟରେ ଯୁଦ୍ଧ ହୋଇଥିଲା। ଯୁଦ୍ଧ ଇତିହାସରେ ଏହା ଥିଲା ସବୁଠାରୁ ଦୀର୍ଘତମ ସଂଘର୍ଷ। 'ହୋମୋ ସାପିଏନ୍' ଏବଂ 'ନିଏନ୍‌ଡେର୍ଥାଲ' ପ୍ରଜାତି ମଧ୍ୟରେ ଲଢ଼ାଯାଇଥିବା ଏହି ଯୁଦ୍ଧର ଅବଧି ଥିଲା ପ୍ରାୟ ଲକ୍ଷେ ବର୍ଷ।

ହାରାହାରି ୬ଲକ୍ଷ ବର୍ଷ ତଳେ ମଣିଷ ଦୁଇଭାଗରେ ବିଭକ୍ତ ହୋଇଥିଲା। ଆଫ୍ରିକାରେ ବିକଶିତ ହୋଇଥିବା ମଣିଷ ସମ୍ଭବତଃ ଆଜିର ସଭ୍ୟତା ସହିତ ସମ୍ପର୍କିତ 'ହୋମୋ ସାପିଏନ୍' । ଏସିଆ ଏବଂ ୟୁରୋପରେ ବିକଶିତ ହୋଇଥିବା ଅନ୍ୟ ପ୍ରଜାତି 'ହୋମୋ ନିଏନ୍‌ଡେର୍ଥଲେନ୍ସିସ୍' ବା ଯାହାକୁ ଆମେ 'ନିଏନ୍‌ଡେର୍ଥାଲ' ବୋଲି ଜାଣୁ। ଏହା ଆମର ପୂର୍ବଜ ନୁହନ୍ତି, ବରଂ ଆମ ସହିତ ସମାନ୍ତରାଳ ଭାବେ ବିକଶିତ ହୋଇଥିବା ସମ୍ପର୍କୀୟ। ମଣିଷର କ୍ରମବିକାଶ ସମ୍ପର୍କରେ ଜାଣିବା ଲାଗି 'ନିଏନ୍‌ଡେର୍ଥାଲ'ଙ୍କ ଭୂମିକାକୁ ମାନବବିଜ୍ଞାନୀମାନେ ବେଶି ଗୁରୁତ୍ୱ ଦେଇଥାନ୍ତି। ମାନବ ସଭ୍ୟତାର ଏହି ଦୁଇ ପ୍ରଜାତି ବିଷୟରେ ଯଦିଓ ତ୍ରୁଟିଶୂନ୍ୟ ତଥ୍ୟ ନାହିଁ, ତଥାପି 'ନିଏନ୍‌ଡେର୍ଥାଲ' ଶାନ୍ତିପ୍ରିୟ ପ୍ରଜାତି ନ ଥିଲେ। ସେମାନେ ଭୟଙ୍କର ଯୋଦ୍ଧା ଥିଲେ। ଆଧୁନିକତା ଆଡ଼କୁ ଅଗ୍ରସର ହେଉଥିବା ମଣିଷମାନେ ଥିଲେ ସେମାନଙ୍କ ଶତ୍ରୁ। 'ନିଏନ୍‌ଡେର୍ଥାଲ' ଏକ ଉତ୍ତମ ଶିକାରୀ ପ୍ରଜାତି ଭାବେ ବିକଶିତ ହୋଇଥିଲେ। ସେମାନେ ସିଂହ ଏବଂ ଗଧିଆ ଭଳି ମିଳିତ ଭାବେ ଶିକାର କରିବାରେ ଥିଲେ ଧୂରୀଣ। ଏହି ପ୍ରଜାତି ଖାଦ୍ୟଶୃଙ୍ଖଳାର ଶୀର୍ଷରେ ରହିଥିଲେ। ତେବେ ଏମାନେ ଏତେମାତ୍ରାରେ ହିଂସ୍ର ଥିଲେ ଯେ, ବେଳେବେଳେ ନିଜ ପ୍ରଜାତିର ଶିକାର କରିବାକୁ ପଛାଉ ନ ଥିଲେ। ଜନସଂଖ୍ୟା ବଢ଼ିବା ପରେ ନିଜ ନିଜର ପରିସୀମା ବୃଦ୍ଧି କରିବା ଲାଗି ସେମାନେ ପରସ୍ପର ମଧ୍ୟରେ ସଂଘର୍ଷ କରୁଥିଲେ। ସଂଖ୍ୟା ନିୟନ୍ତ୍ରଣ ନ ହେଲେ ଗୋଟିଏ ପ୍ରଜାତି ଭିତରେ ସଂଘର୍ଷ ହେବା ସାଧାରଣ କଥା, 'ନିଏନ୍‌ଡେର୍ଥାଲ' ମଧ୍ୟ ଏହି ସମୀକରଣରେ ସାମିଲ ହୋଇଥିଲେ।

ନିଜ ବାସସ୍ଥଳୀ ପ୍ରତି ମଣିଷଙ୍କ ଗଭୀର ମୋହ ଥାଏ। ଏହି କାରଣରୁ ହାରାହାରି ୭୦ ଲକ୍ଷ ବର୍ଷ ତଳେ ସିମ୍ପାଞ୍ଜିଙ୍କ ସହ ମଧ୍ୟ ମଣିଷର ସଂଘର୍ଷ ଘଟିଥିଲା। ସେହିପରି 'ନିଏନ୍‌ଡେର୍ଥାଲ' ମଧ୍ୟ ନିଜ ପୂର୍ବଜଙ୍କଠାରୁ ଏହି ହିଂସ୍ର ସ୍ୱଭାବର ଅଧିକାରୀ ହୋଇଥାଇପାରନ୍ତି। 'ନିଏନ୍‌ଡେର୍ଥାଲ' ମଧ୍ୟ ମଣିଷଙ୍କ ଭଳି ଥିଲେ। ଉଭୟଙ୍କ ମଧ୍ୟରେ ଡିଏନ୍‌ଏର ସମାନତା ୯୯.୭%। ଦୁହେଁ ନିଆଁ ଜଳାଇବା, ମୃତଦେହ କବର ଦେବା, ସମୁଦ୍ରରୁ ମୂଲ୍ୟବାନ ଧାତୁ ସଂଗ୍ରହ କରିବା, ପଥରରେ ଖୋଦେଇ ଏବଂ ବିନାଶକାରୀ ମାନସିକତାର ଅଧିକାରୀ ଥିଲେ।

ପୁରାତନ କାଳରୁ ମିଳିଥିବା ମଣିଷ ଶରୀରର ଅବଶେଷରେ ଆକ୍ରମଣର ଚିହ୍ନ ରହିଛି। 'ହୋମୋ ସାପିଏନ୍' ଏବଂ 'ନିଏନ୍‌ଡେର୍ଥାଲ' ପରସ୍ପରକୁ ଆକ୍ରମଣ କରିବା ଲାଗି ହତିଆର ବ୍ୟବହାର କରୁଥିଲେ। ଉତ୍‌ଖନନରୁ ମିଳିଥିବା ମାରଣାସ୍ତ୍ର, ମାନବ କଙ୍କାଳରେ ଆକ୍ରମଣର ଚିହ୍ନ, ଭାଙ୍ଗିଯାଇଥିବା ହାଡ଼ ଏହି ଯୁଦ୍ଧ ଇତିହାସ ବଖାଣେ। ହେଲେ ପରବର୍ତ୍ତୀ ସମୟରେ 'ହୋମୋ ସାପିଏନ୍'ଙ୍କ ଉନ୍ନତ ଯୁଦ୍ଧ ଓ ଶିକାର କୌଶଳ ସେମାନଙ୍କୁ ବିଜୟୀ କରିବାରେ ସଫଳ ହୋଇଥିବା ବିଶେଷଜ୍ଞମାନେ କହିଛନ୍ତି।



# ନୋରାଙ୍କ ପାଇଁ ଟେରେନ୍ସ ଦିୱାନା

ମୁମ୍ବାଇ: ବଲିଉଡ୍ ଅଭିନେତ୍ରୀ ନୋରା ଫତେହୀ ନିଜର କୁଲ୍ ଅନ୍ଦାଜ୍ ପାଇଁ ବେଶ୍ ଚର୍ଚ୍ଚାରେ ରହିଛନ୍ତି। ନିକଟରେ ତାଙ୍କର ଏକ ସଙ୍ଗ୍ 'ନାଚ୍ ମେରୀ ରାନୀ' ରିଲିଜ୍ ହୋଇଛି। ଯେଉଁଥିରେ ସେ ଧମାଲ୍ ମଚାଇଛନ୍ତି। କିଛିଦିନ ହେବ ସେ ରିୟଲିଟି ଶୋ 'ଇଣ୍ଡିଆଜ୍ ବେଷ୍ଟ ଡ୍ୟାନ୍ସର' ମଞ୍ଚରେ ନଜର୍ ଆସୁଛନ୍ତି। ଜଜ୍ ହିସାବରେ ତାଙ୍କୁ ଫ୍ୟାନ୍‌ମାନେ ପସନ୍ଦ ମଧ୍ୟ କରିଛନ୍ତି। ଏହି ଶୋ'ରେ ତାଙ୍କର ଷ୍ଟେଜ୍‌ରେ ଡ୍ୟାନ୍ସ ପରିବେଷଣ ଲୋକଙ୍କୁ ଦିୱାନା କରିଦେଇଛି। ଏଥିରେ ଆଉ ଜଣେ ମଧ୍ୟ ଦିୱାନା ହୋଇଯାଇଛନ୍ତି, ସେ ଆଉ କେହି ନୁହେଁ ବଲିଉଡ୍‌ର ବେଷ୍ଟ ଡ୍ୟାନ୍ସ କୋରିଓଗ୍ରାଫର ଟେରେନ୍ସ ଲୁଇସ୍। ନୋରାଙ୍କ ପାଇଁ ସେ ଷ୍ଟେଜ୍‌କୁ ଆସି ଏକ ଗୀତ ଗାଇଛନ୍ତି। ତାଙ୍କୁ ଗୀତ ଗାଇବାର ଦେଖି ନୋରା ଲାଜରେ କିଛି ସମୟ ସ୍ତବ୍ଧ ହୋଇଯିବା ସହ ନିଜ ହସକୁ କଣ୍ଟ୍ରୋଲ କରିପାରିନାହାନ୍ତି। ଟେରେନ୍ସ ସଲ୍‌ମାନଙ୍କ ମୁଭି 'ହମ୍ ଆପ୍‌କେ ହେ କୌନ୍'ର 'ପେହେଲା ପେହେଲା ପ୍ୟାର୍ ହେ' ଗୀତଟି ଗାଇବା ସହ ନୋରାଙ୍କ ସହ ଡ୍ୟାନ୍ସ ପର୍ଫମ୍ ମଧ୍ୟ କରିଛନ୍ତି। ତେବେ ଏହି ଭିଡିଓଟି ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଫ୍ୟାନ୍‌ମାନେ ଏହାକୁ ଖୁବ୍ ପସନ୍ଦ କରିଥିବାବେଳେ ଲାଇକ୍ ଏବଂ ଶେୟାର ମଧ୍ୟ କରିଛନ୍ତି।

# ରୁବିକ୍ କ୍ୟୁବ୍‌ରେ ମୈଥିଲୀଙ୍କ ଚିତ୍ର

ନୂଆଦିଲ୍ଲୀ

ରୁବିକ୍ କ୍ୟୁବ୍‌ରେ ଅନେକେ ଖେଳିବାକୁ ଭଲପାନ୍ତି। କିନ୍ତୁ ରୁବିକ୍ କ୍ୟୁବ୍‌କୁ ନେଇ ଚିତ୍ର ବି ଆଙ୍କିହୁଏ, ଏକଥା ହୁଏତ ଖୁବ୍ କମ୍ ଜାଣିଥିବେ। ରୁବିକ୍ କ୍ୟୁବ୍‌କୁ ସୁନ୍ଦରଭାବେ ସଜାଡ଼ି ଜଣଙ୍କ ଚେହେରା ଆଙ୍କିଛନ୍ତ ଚିତ୍ରକର ହରିପ୍ରସାଦ ସିଏମ୍। କେବଳ ରୁବିକ୍ କ୍ୟୁବ୍‌କୁ ନେଇ ସେ କଣ୍ଠଶିଳ୍ପୀ ମୈଥିଳୀ ଠାକୁରଙ୍କ ଏକ ପଟ୍ଟଚିତ୍ର ଆଙ୍କି ନିଜ କଳାତ୍ମକ ଦକ୍ଷତା ପ୍ରଦର୍ଶିତ କରିଛନ୍ତି। ଚିତ୍ରକର ହରିପ୍ରସାଦ ମୈଥିଲୀଙ୍କ ରୂପ ଦେବା ନିମନ୍ତେ ମୋଟ ୬୦୦ଟି ରୁବିକ୍ କ୍ୟୁବ୍ ବ୍ୟବହାର କରିଛନ୍ତି। ଏହିସବୁ ରୁବିକ୍ କ୍ୟୁବ୍‌କୁ ଭିନ୍ନ ଢଙ୍ଗରେ ସଜାଡ଼ି ସେ ପୂରା ମୈଥିଲୀଙ୍କ ହସ ହସ ମୁହଁର ଆକୃତି ଦେଇଛନ୍ତି। ଏଭଳି ଏକ ଭିନ୍ନ ଧରଣର ପଟ୍ଟଚିତ୍ର କରିବା ନିମନ୍ତେ ସେ କିଭଳିଭାବେ ରୁବିକ୍ କ୍ୟୁବ୍‌କୁ ସଜାଡିଛନ୍ତି ସେନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଭିଡିଓ ଶେୟାର କରି ସେ ଲେଖିଛନ୍ତି ମୈଥିଲୀ ଠାକୁର ହିଁ ତାଙ୍କର ଅନ୍ୟତମ ପ୍ରିୟ କଣ୍ଠଶିଳ୍ପୀ। ତାଙ୍କ କଣ୍ଠର ଯାଦୁରେ ସେ ବହୁ ସଫଳତା ହାସଲ କରିଛନ୍ତି ଓ ଅନେକଙ୍କୁ ପ୍ରେରଣା ବି ଦେଇଛନ୍ତି। ମୈଥିଲୀଙ୍କୁ ସମ୍ମାନ ଜଣାଇ ହରିପ୍ରସାଦ ଏହି କଳାକୃତି ତିଆରି କରିଛନ୍ତି। ହରିପ୍ରସାଦଙ୍କ ପଟ୍ଟଚିତ୍ରକୁ ସୋସିଆଲ ମିଡିଆରେ ଦେଖି ମୈଥିଲୀ ଠାକୁର ମଧ୍ୟ ନିଜ ପ୍ରତିକ୍ରିୟା ଦେଇଛନ୍ତି। ସେ ଏହି ଭିଡିଓକୁ ନିଜ ଇନ୍‌ଷ୍ଟାଗ୍ରାମ୍ ପେଜ୍‌ରେ ଶେୟାର କରି ହରିପ୍ରସାଦଙ୍କୁ ଧନ୍ୟବାଦ ଦେଇଛନ୍ତି। ସୋସିଆଲ ମିଡିଆରେ ଏଭଳି ଏକ କଳା ଦେଖି ସାଧାରଣ ଲୋକେ ମଧ୍ୟ ଆଚମ୍ବିତ ହୋଇଛନ୍ତି। ରୁବିକ୍ କ୍ୟୁବ୍‌କୁ ନେଇ ଏତେ ସୁନ୍ଦରଭାବେ ଜଣଙ୍କୁ ରୂପ ଦେଇହେବ ସେକଥା ବୋଧହୁଏ ଅନେକେ ଜାଣି ନ ଥିଲେ। ତେଣୁ ତାଙ୍କର ଏହି କଳାକୁ ନେଇ ଏବେ ସୋସିଆଲ ମିଡିଆରେ ଢେର୍ ପ୍ରଶଂସା ମିଳୁଛି। ଏଭଳି ଏକ କଳା ପାଇଁ ଚିତ୍ରକର ହରିପ୍ରସାଦଙ୍କ ଦକ୍ଷତାକୁ ଲୋକେ ପ୍ରଶଂସା କରିଛନ୍ତି।




# ୧ ମିନିଟରେ କହିଲେ ୫୦ କାର୍ଟୁନ୍ ଚରିତ୍ରଙ୍କ ନାମ

ନୂଆଦିଲ୍ଲୀ

ଛୋଟ ପିଲାମାନେ ସାଧାରଣତଃ କାର୍ଟୁନ ଦେଖିବାକୁ ପସନ୍ଦ କରିଥାନ୍ତି। କାର୍ଟୁନ୍ ଚ୍ୟାନେଲ ଲାଗିଲେ ସେମାନେ ଟିଭି ଆଗରୁ ଉଠି ନ ଥାନ୍ତି। ଅନେକ କାର୍ଟୁନ୍ ଚରିତ୍ରଙ୍କ ନାମ ମଧ୍ୟ ମନେ ରଖି କୁହନ୍ତି। ହେଲେ ଜଣେ ୫ ବର୍ଷୀୟ ବାଳକ ଗୋଟିଏ ମିନିଟ ମଧ୍ୟରେ ୫୦ କାର୍ଟୁନ୍ ଚରିତ୍ରଙ୍କ ନାମ ମନେରଖି ଗିନିଜ୍ ୱାର୍ଲଡ ରେକର୍ଡ ଟାଇଟଲ୍ ହାସଲ କରିଛନ୍ତି। ସେ ହେଲେ ତାମିଲ୍‌ନାଡୁର ଶ୍ରୀସ୍ ନିର୍ଘଭ୍। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ପୂର୍ବରୁ ମଧ୍ୟ ୧ ମିନିଟରେ ସର୍ବାଧିକ ଗାଡ଼ିର ଲୋଗୋ ଚିହ୍ନିବାରେ ଗିନିଜ୍ ୱାର୍ଲଡ ରେକର୍ଡରେ ଶ୍ରୀସ୍‌ଙ୍କ ନାମ ରହିଛି। ନୂତନ ରେକର୍ଡର ଏକ ଭିଡିଓ

## ୫ ବର୍ଷୀୟ ଶ୍ରୀସ୍‌ଙ୍କ ଆଉ ଏକ ରେକର୍ଡ

ଗିନିଜ୍ ୱାର୍ଲଡ ରେକର୍ଡ ପକ୍ଷରୁ ଫେସ୍‌ବୁକ୍ ଏବଂ ଟୁଇଟରେ ଶେୟାର କରାଯାଇଛି। ଭିଡିଓ ଦେଖି ମାତ୍ର ୫ ବର୍ଷ ବୟସରେ ଏତେ ପ୍ରଖର ସ୍ମରଣ ଶକ୍ତି ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଅନେକ ଲୋକ ଶ୍ରୀସ୍‌ଙ୍କ ପ୍ରଶଂସା କରି କହିଛନ୍ତି, ଏହା ଜଣେ ଯୁବକଙ୍କ ପାଇଁ ମଧ୍ୟ କଷ୍ଟକର ବିଷୟ। ସେହିପରି ଆଉ କେତେଜଣ ସୋସିଆଲ୍ ମିଡିଆ ବ୍ୟବହାରକାରୀ ନିଜ ପିଲାଦିନର କାର୍ଟୁନ୍ ଚରିତ୍ର ମନେପକାଇବା ପାଇଁ ଚେଷ୍ଟା କରିଛନ୍ତି।



# ଏକାଠି ମିଶି କପୁର ପରିବାର ପାଳିଲେ କର୍‌ୱାଚୌଥ

ମୁମ୍ବାଇ

ସାରାଦେଶରେ ବୁଧବାର କରୱାଚୌଥ ପାଳିତ ହୋଇଛି। ଏଥିରେ ବିବାହିତା ମହିଳାମାନେ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ନିର୍ଜଳା ବ୍ରତ ରଖିଥାନ୍ତି। ପରେ ରାତିରେ ଜହ୍ନଙ୍କ ପୂଜା କରି ନିଜର ବ୍ରତ ଖୋଲିଥାନ୍ତି। କରୋନା ପାଇଁ ଚଳିତ ବର୍ଷ ଏହି ପୂଜା ଫିକା ପଡ଼ିଥିବା ବେଳେ ଧୁମ୍‌ଧାମ୍‌ରେ ପାଳିତ ହୋଇନାହିଁ। ସମସ୍ତେ ନିଜ ନିଜ ଘରେ ପାଳନ କରିଛନ୍ତି। ତେବେ ଏଥିରୁ ବଲିଉଡ୍ ସେଲିବ୍ରିଟି ମଧ୍ୟ ବାଦ୍ ପଡ଼ିନାହାନ୍ତି। ଏହିକ୍ରମରେ କପୁର ପରିବାର ମଧ୍ୟ ପୂରା ରୀତିନୀତିରେ କରୱାଚୌଥ ପୂଜା ପାଳନ କରିଥିବା ଦେଖିବାକୁ ମିଳିଛି।



ଅଭିନେତା ରିଷି କପୁରଙ୍କ ଝିଅ ରିଦ୍ଧିମା କପୁର ସାହନି ଏହାର ଏକ ଫଟୋକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଯେଉଁଥିରେ କରୀନା କପୁର ଖାଁ, ରଣଧୀର କପୁର, ନୀତୁ କପୁର, ନତାଶା ନନ୍ଦା, ମନୋଜ ଜୈନ, ରୀମା ଜୈନ, ଅରମାନ ଜୈନ ତାଙ୍କ ପତ୍ନୀ ଅନୀଶା ମଲହୋତ୍ରା, ଆଦର ଜୈନ ଓ ତାଙ୍କ ଗର୍ଲଫ୍ରେଣ୍ଡ ତାରା ସୁତାରିଆଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା। ଉକ୍ତ ଫଟୋରେ କରୀନାଙ୍କ ବେବି ବମ୍ପ ଦେଖାଯାଉଥିବା ବେଳେ ଆଦର ଓ ତାରା ସୁତାରିଆ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବେଶ୍ କିଛି ସମୟ ଅନ୍ତରାଳରେ କପୁର ପରିବାରଙ୍କୁ ଏକାଠି ଦେଖିବାକୁ ମିଳିଛି।

# ଆଇଟିବିପିରେ ଜନ୍ମନେଲେ ୧୭ ଯୋଦ୍ଧା



ନୂଆଦିଲ୍ଲୀ

ଇଣ୍ଡୋ-ତିବ୍ବତାନ୍ ବର୍ଡର ପୋଲିସ (ଆଇଟିବିପି)ରେ ଏବେ ଜନ୍ମ ହୋଇଛନ୍ତି ୧୭ ନୂଆ ଯୋଦ୍ଧା। ଏମାନେ କେ-୯ ଟିମ୍‌ରେ ଶତ୍ରୁଦମନ କରିବା ପାଇଁ ପ୍ରସ୍ତୁତ ହେବେ। ତେବେ ଏହି ଯୋଦ୍ଧାମାନେ ମହିଳା ବର୍ଗର କି ପୁରୁଷ ବର୍ଗର ନୁହନ୍ତି। ଏମାନେ ହେଉଛନ୍ତି ମାଲିନୋଇସ୍ ପ୍ରଜାତିର କୁକୁର ଛୁଆ। ହରିୟାଣାର ପଞ୍ଚକୁଲାରେ ଥିବା ଆଇଟିବିପିର ନ୍ୟାଶନାଲ୍ ଟ୍ରେନିଂ ସେଣ୍ଟର ଫର୍ ଡଗ୍‌ସରେ ଓଲ୍‌ଗା ଏବଂ ଓଲେଶ୍ୟା ନାମକ ଦୁଇ ମାଈ କୁକୁର ଏହିସବୁ କୁକୁର ଛୁଆଙ୍କୁ ଜନ୍ମ ଦେଇଛନ୍ତି। ଉଭୟ ଓଲ୍‌ଗା ଏବଂ ଓଲେଶ୍ୟା ମାଲିନୋଇସ୍ ପ୍ରଜାତିର କୁକୁର, ଯାହାଙ୍କୁ ଦିନେ ଆମେରିକା ମଧ୍ୟ କୁଖ୍ୟାତ ଆତଙ୍କବାଦୀ ଓସ୍‌ମା ବିନ୍ ଲାଡେନଙ୍କୁ ଧରିବା ପାଇଁ ବ୍ୟବହାର କରିଥିଲା। ଉଭୟ କୁକୁରଙ୍କୁ ଆଇଟିବିପିର କାଉଣ୍ଟରରେ ସର୍ଜରି ମାଧ୍ୟମରେ ଗର୍ଭଧାରଣ କରାଯାଇଥିଲା। ଓଲ୍‌ଗା ଏବଂ ଓଲେଶ୍ୟା ହେଉଛନ୍ତି ଦୁଇ ଭଉଣୀ ଏବଂ ଉଭୟଙ୍କର ବୟସ ୫ ବର୍ଷ। ଓଲ୍‌ଗା ୯ଟି ଛୁଆ ଜନ୍ମ ଦେଇଥିବା ବେଳେ ଓଲେଶ୍ୟା ୮ଟି ଛୁଆଙ୍କୁ ଜନ୍ମ ଦେଇଛି। ଉଭୟ ଓଲ୍‌ଗା ଏବଂ ଓଲେଶ୍ୟା ଅତୀତରେ ଆଇଟିବିପିରେ ଯବାନମାନଙ୍କ ସୁରକ୍ଷା ପାଇଁ ବହୁ କାମ କରିଛନ୍ତି। ଲୁଚି ରହିଥିବା ଉଗ୍ରବାଦୀଙ୍କୁ ଠାବ କରିବାରେ ଏମାନେ ବିଶେଷ ଭୂମିକା ତୁଲାଇଥିବାର ରେକର୍ଡ ରହିଛି। ତେଣୁ ଅତୀତରେ ଏହି ଦୁଇ କୁକୁର ବହୁ ଜୀବନ ରକ୍ଷା କରିବାରେ ସହାୟକ ହୋଇଛନ୍ତି। ଏହି ପ୍ରଜାତି କୁକୁରଙ୍କୁ ଆଇଟିବିପି ଏବେ ତାଲିମ ଦେଇ ସୁରକ୍ଷା କ୍ଷେତ୍ରକୁ ମଜଭୁତ କରିବାକୁ ଯାଉଛି।

ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଏକାଦଶାହ ଉପଲକ୍ଷେ



୰ ଶୁଭେନ୍ଦୁ କର
ଆବିର୍ଭାବ: ୧୪।୦୩।୧୯୫୦
ତିରୋଧାନ: ୨୭।୧୦।୨୦୨୦
ଆପଣଙ୍କ ଦୁଃଖଦ ବିୟୋଗରେ ଆମେ ସମସ୍ତେ ମର୍ମାହତ। ସ୍ୱଶରୀରେ ଆମ ନିକଟରେ ଉପସ୍ଥିତ ନଥିଲେ ମଧ୍ୟ ଆପଣଙ୍କ ଆଶୀର୍ବାଦ ଓ ପ୍ରେରଣା ଚିରଦିନ ଆମ ଉପରେ ଥାଉ, ଏତିକି କାମନା । ହେ ମହାନ ଆତ୍ମା, ଈଶ୍ୱରଙ୍କ ନିକଟରେ ଆପଣ ଶାନ୍ତିରେ ଥାଆନ୍ତୁ ।
ଶୋକସନ୍ତପ୍ତ:
ସଞ୍ଜୟ, ମାମୁନି, ଜୟ ଏବଂ ପରିବାରବର୍ଗ
ଧ-୧୮୮୧୯

ଏକାଦଶାହ ଉପଲକ୍ଷେ



୰ଦୋଳଗୋବିନ୍ଦ ନାୟକ
ଆବିର୍ଭାବ: ୧୦.୦୩.୧୯୨୯ ତିରୋଧାନ: ୨୭.୧୦.୨୦୨୦
କୁଜଙ୍ଗ, ଜଗତ୍‌ସିଂହପୁର
ହେ ପରମପୂଜ୍ୟ ! ଜାତି,ବର୍ଣ୍ଣ,ଧର୍ମ ନିର୍ବିଶେଷରେ ଆପଣ ଥିଲେ ଶ୍ରେଷ୍ଠ ପୁରୁଷ, ଜଣେ ସୁମଣିଷ । ଦୁଃଖୀ ରଙ୍କି ମାନଙ୍କ ପ୍ରତି ଆପଣଙ୍କ ଉଦାରଭାବ ହେଉଛି ଆମର ଆଦର୍ଶ, ଆପଣଙ୍କ ତ୍ୟାଗପୂତ ଜୀବନ ପାଇଁ ଆମେ ଗର୍ବିତ ।
ଶୋକସନ୍ତପ୍ତ
ପତ୍ନୀ- ପ୍ରମିଳା
ପୁତ୍ର- ବାପୁ, ବୋହୂ- ବର୍ଷା
ଝିଅ- କୁନା, ପେଚି, ଛୁଞ୍ଚି, ଝୁନି, ଟିକି, ଇନୁ
ଜ୍ୱାଇଁ- ଜୟଦେବ, ସମୀର, ରବିନ୍ଦ୍ର, ତପନ
ନାତି- ଶିବୁ, ବାବାନୀ, କ୍ରିଷ୍ଣା, ତୁତୁଲ୍
ନାତୁଣୀ- ରିୟା, ରିମା, ଲାଫି, ମାମୁନି, ମୁନୁ, କୁନୁ
ନାତୁଣୀ ଜ୍ୱାଇଁ- ବାପି
ଶୋକ ସନ୍ତପ୍ତ, ବନ୍ଧୁ ଓ ପରିବାର ବର୍ଗ ।
ଆପଣଙ୍କ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।
ଧ-୧୮୮୧୮

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଜତିନ୍ଦ୍ର କୁମାର ରାୟ
ଜିତିକାରସୁଆଁଲୋ, ଭିଙ୍ଗାରପୁର, ବାଲିଅନ୍ତା
ଆବିର୍ଭାବ: ୨୭।୦୭।୧୯୬୮
ତିରୋଧାନ: ୧୯।୧୦।୨୦୧୯
ଘୁହୁଁ ଘୁହୁଁ ଏକ ବର୍ଷ ବିତିଗଲା। ପରିବାର ପ୍ରତି ତୁମର କର୍ତ୍ତବ୍ୟ, ନିଷ୍ଠା ଓ ଭଲପାଇବା ଆମ ସମସ୍ତଙ୍କ ହୃଦୟରେ ଅଭୁଲାସ୍ମୃତି ହୋଇ ରହିଛି, ରହିବ ମଧ୍ୟ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ:
ବାପା, ବୋଉ, ଭାଇ, ଭାଉଜ, ଭଉଣୀ, ସ୍ତ୍ରୀ: ରୀତା, ପୁଅ, ଝିଅ, ଝିଆରୀ, ପୁତୁରା ଓ ଆତ୍ମୀୟସ୍ୱଜନ।
ଧ-୬୯୬୩୮

# ଚ୍ୟାଲେଞ୍ଜିଂ ଟୁର୍



ନିର୍ମଳ କୁମାର ମିଶ୍ର

**ଆଗାମୀ ଅଷ୍ଟ୍ରେଲିଆ ଗସ୍ତରେ ଭାରତ ୩ଟି ଲେଖାଏ ଦିନିକିଆ ଓ ଟି୨୦ ମ୍ୟାଚ୍ ସହ ୪ଟି ଟେଷ୍ଟ ଖେଳିବ। ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ଏହି ହାଇପ୍ରୋଫାଇଲ ଗସ୍ତ ପାଇଁ ୩ଟି ଫର୍ମାଟ ଲାଗି ଦଳ ଘୋଷଣା କରାଯାଇଛି। ତାରକା ଓପନର ରୋହିତ ଶର୍ମା ଇଞ୍ଜୁରି କାରଣରୁ ବାଦ୍ ପଡିଥିବା ବେଳେ ବିରାଟ କୋହଲି ଦଳର ନେତୃତ୍ୱ ନେବେ। ନଭେମ୍ବର ୨୭ରୁ ଆରମ୍ଭ ହୋଇ ଜାନୁୟାରୀ ୧୯ରେ ଶେଷ ହେବାକୁ ଥିବା ଏହି ଗସ୍ତ ଭାରତ ପାଇଁ ଚ୍ୟାଲେଞ୍ଜିଂ ହେବ...**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୧୩ର ସଫଳ ପରିସମାପ୍ତି ପାଇଁ ଆଉ ମାତ୍ର କିଛି ଦିନ ବାକି ରହିଛି। ଏହା ପରେ ଟିମ୍ ଇଣ୍ଡିଆ ଏକ ଗୁରୁତ୍ୱପୂର୍ଣ୍ଣ ସିରିଜ ଖେଳିବା ପାଇଁ ଅଷ୍ଟ୍ରେଲିଆ ଗସ୍ତ କରିବାର କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। କ୍ରିକେଟର ୩ଟି ଫର୍ମାଟ ପାଇଁ ଭାରତୀୟ ଦଳ ଘୋଷଣା କରାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହି ଦଳ ଘୋଷଣା କରିଛି। ଅଷ୍ଟ୍ରେଲିଆ ମଧ୍ୟ ତା'ର ଦଳ ଘୋଷଣା କରିସାରିଛି। ବିରାଟ କୋହଲି ଏହି ୩ଟି ଫର୍ମାଟରେ ଭାରତ ପକ୍ଷରୁ ଅଧିନାୟକ ମନୋନୀତ ହୋଇଥିବା ବେଳେ ଅଷ୍ଟ୍ରେଲିଆ ପକ୍ଷରୁ ଆରୋନ୍ ଫିଞ୍ଚ ନେତୃତ୍ୱ ନେବେ। ଯୁବ ଏବଂ ଅଭିଜ୍ଞ ଖେଳାଳିମାନଙ୍କୁ ନେଇ ଟିମ୍ ଇଣ୍ଡିଆ ବେଶ୍ ସନ୍ତୁଳିତ ରହିଛି। ଟିମ୍ ଇଣ୍ଡିଆ ପାଇଁ ସବୁଠାରୁ ବଡ ସେଟ୍‌ବ୍ୟାକ୍ ହେଉଛି ହ୍ୱାଇଟ ବଲ୍ ସ୍ପେଶାଲିଷ୍ଟ ରୋହିତ ଶର୍ମା ଏହି ଗସ୍ତରୁ ବାଦ୍ ପଡିବା। ଆଘାତଜନିତ ସମସ୍ୟା ଯୋଗୁ ଏହି ହାଇପ୍ରୋଫାଇଲ ଗସ୍ତରେ ତାଙ୍କୁ ସାମିଲ କରାଯାଇନାହିଁ।

ଏହି ଗସ୍ତରେ ଟିମ୍ ଇଣ୍ଡିଆ ୩ଟି ଦିନିକିଆ ଏବଂ ୩ଟି ଟି୨୦ ଏବଂ ୪ଟି ଟେଷ୍ଟମ୍ୟାଚ ଖେଳିବାର କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। ୨୭ ନଭେମ୍ବରରୁ ଦିନିକିଆ ସିରିଜ ମାଧ୍ୟମରୁ ଟୁର ଆରମ୍ଭ ହୋଇ ଜାନୁୟାରୀ ୧୯ ତାରିଖ ପର୍ଯ୍ୟନ୍ତ ଏହି ଲମ୍ବା ସିରିଜ ଖେଳାଯିବ। ଟିମ୍ ଇଣ୍ଡିଆ ଏହି ସିରିଜ ଆରମ୍ଭ କରିବା ପୂର୍ବରୁ କ୍ୱାରାଣ୍ଟାଇନ୍‌ରେ ରହିବ। ଏହି ସିରିଜର ଏକଦିବସୀୟ ମ୍ୟାଚଗୁଡିକ ଆଇସିସି ୱାଲର୍ଡ କପ୍ ସୁପର ଲିଗ୍ ଅନ୍ତର୍ଗତ ହୋଇଥିବା ବେଳେ ୪ଟି ଟେଷ୍ଟ ମ୍ୟାଚ ମଧ୍ୟ ଆଇସିସି ୱାଲର୍ଡ ଟେଷ୍ଟ ଚାମ୍ପିୟନଶିପ୍ ପଏଣ୍ଟ ଆଧାରରେ ଖେଳାଯିବ। ଅଷ୍ଟ୍ରେଲିଆ ଦୀର୍ଘ ଦିନ ପରେ ତା'ର ଏକଦିବସୀୟ ମ୍ୟାଚ ଖେଳିବାକୁ ଯାଉଛି। ଦିନିକିଆ ବିଶ୍ୱ ଚାମ୍ପିୟନ ଇଂଲଣ୍ଡକୁ ୨-୧ରେ ହରାଇବା ପରେ ଅଷ୍ଟ୍ରେଲିଆ ଭାରତ ସହିତ ଏହି ୩ଟି ଏକଦିବସୀୟ ମ୍ୟାଚ ଖେଳିବ। ଗତ ପାଞ୍ଚ ବର୍ଷ ମଧ୍ୟରେ ଉଭୟ ଦଳ ଖେଳିଥିବା ୨୨ଟି ଏକଦିବସୀୟ ମ୍ୟାଚ ମଧ୍ୟରୁ ଟିମ୍ ଇଣ୍ଡିଆ ୧୨ଟି ମ୍ୟାଚ ଜିତିଥିବା ବେଳେ ଅଷ୍ଟ୍ରେଲିଆ ୧୦ଟି ମ୍ୟାଚ ଜିତିଛି। ତେଣୁ ଟିମ୍ ଇଣ୍ଡିଆର ପଲା ଟିକିଏ ଭାରି ଜଣାପଡୁଛି। ମାତ୍ର ଅଷ୍ଟ୍ରେଲିଆର ହୋମ୍ ଗ୍ରାଉଣ୍ଡରେ ଘରୋଇ ଦଳକୁ ପରାସ୍ତ କରିବାକୁ ହେଲେ ଟିମ୍ ଇଣ୍ଡିଆକୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡିବ।

ଟି୨୦ ଫର୍ମାଟରେ ଅଷ୍ଟ୍ରେଲିଆ ଆଇସିସି ର୍ୟାଙ୍କିଙ୍ଗରେ ୧ନଂ ସ୍ଥାନରେ ରହିଛି। ଆସନ୍ତା ବର୍ଷ ଖେଳାଯିବାକୁ ଥିବା ଆଇସିସି ଟି୨୦ବିଶ୍ୱକପ୍ ପାଇଁ ଏହି ସିରିଜ ବିଜୟ ବେଶ୍ ଗୁରୁତ୍ୱପୂର୍ଣ୍ଣ ଅଟେ। ଦୁଇ ଦେଶ ମଧ୍ୟରେ ଖେଳାଯାଉଥିବା ସିରିଜ ବର୍ଡର ଗାଭାସ୍କର ଟ୍ରଫି ନାମରେ ନାମିତ କରାଯାଇଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ୧୭ ଡିସେମ୍ବରରୁ ୨୧ଡିସେମ୍ବର ପର୍ଯ୍ୟନ୍ତ ଆଡିଲେଡ୍‌ଠାରେ ଖେଳାଯିବାକୁ ଥିବା ପ୍ରଥମ ଟେଷ୍ଟ ମ୍ୟାଚ ଦିବାରାତ୍ର ଭିତ୍ତିକ ହେବ। ଏହିମ୍ୟାଚ୍ ପିଙ୍କ ବଲ୍‌ରେ ଖେଳାଯିବା ପାଇଁ ବିସିସିଆଇ କ୍ରିକେଟ ଅଷ୍ଟ୍ରେଲିଆକୁ ଅନୁରୋଧ କରିଛି। ଆଇସିସି ଏମ୍ଆରଏଫ୍ ଟେଷ୍ଟ ର୍ୟାଙ୍କିଙ୍ଗରେ ଅଷ୍ଟ୍ରେଲିଆ ପ୍ରଥମ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ ସହିତ ଖେଳାଯାଇଥିବା ୪ଟି ସିରିଜ ମଧ୍ୟରୁ ଟିମ୍ ଇଣ୍ଡିଆ ୩ଟିରେ ବିଜୟୀ ହୋଇ ଆଗରେ ରହିଥିବା ବେଳେ ଅଷ୍ଟ୍ରେଲିଆ ଗୋଟିଏ ସିରିଜରେ ବିଜୟୀ ହୋଇଛି। ୨୦୧୮-୧୯ରେ ଟିମ୍ ଇଣ୍ଡିଆ ଅଷ୍ଟ୍ରେଲିଆର ଘରୋଇ ମାଟିରେ ୨-୧ରେ ସିରିଜ ବିଜୟୀ ହୋଇ ଇତିହାସ ସୃଷ୍ଟି କରିଥିଲା। ଉଭୟ ଦେଶ ମଧ୍ୟରେ ଏ ପର୍ଯ୍ୟନ୍ତ ୨୬ଟି ଦ୍ୱିପାକ୍ଷିକ ଟେଷ୍ଟ ସିରିଜ ଖେଳାଯାଇଛି। ଏଥିରେ ଅଷ୍ଟ୍ରେଲିଆ ୧୨ଟି ଟେଷ୍ଟ ସିରିଜରେ ବିଜୟୀ ହୋଇଥିବା ବେଳେ ଟିମ୍ ଇଣ୍ଡିଆ ୯ଟିରେ ବିଜୟୀ ହୋଇଛି। ଉଭୟ ଦେଶ ମଧ୍ୟରେ ପ୍ରଥମ ଦ୍ୱିପାକ୍ଷିକ ସିରିଜ ୧୯୪୭-୪୮ରୁ ଆରମ୍ଭ ହୋଇଥିବା ବେଳେ ଶେଷ ସିରିଜ ୨୦୧୮-୧୯ରେ ଖେଳାଯାଇଥିଲା। ମୋଟ ଖେଳା ଯାଇଥିବା ୯୮ଟି ଟେଷ୍ଟ ମ୍ୟାଚ ମଧ୍ୟରୁ ଅଷ୍ଟ୍ରେଲିଆ ୪୨ଟି ମ୍ୟାଚରେ ଓ ଭାରତ ୨୮ଟିରେ ବିଜୟୀ ହୋଇଛି। ୨୭ଟି ମ୍ୟାଚ ଡ୍ର ହୋଇଥିବା ବେଳେ ଗୋଟିଏ ମ୍ୟାଚ ଟାଇରେ ସମାପ୍ତ ହୋଇଛି। ସେହିପରି ଦିନିକିଆ ଫର୍ମାଟ୍‌ରେ ଦ୍ୱିପାକ୍ଷିକ ସିରିଜ ଉଭୟ ଦେଶ ମଧ୍ୟରେ ୧୯୮୪-୮୫ରେ ଆରମ୍ଭ ହୋଇଥିବା ବେଳେ ଅଷ୍ଟ୍ରେଲିଆ ଏହି ସିରିଜରେ ବିଜୟୀ ହେବା ସହିତ ଶେଷ ସିରିଜ ୨୦୨୦ରେ ଖେଳାଯାଇଥିଲା ଓ ଟିମ୍ ଇଣ୍ଡିଆ ଏହି ସିରିଜରେ ବିଜୟୀ ହୋଇଥିଲା।



ଆରୋନ ଫିଞ୍ଚ



ବିରାଟ କୋହଲି

**ଟି୨୦ ଦଳ:** ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ମୟଙ୍କ ଅଗ୍ରୱାଲ, ଲୋକେଶ ରାହୁଲ (ଉଇକେଟକିପର ଓ ଉପ- ଅଧିନାୟକ), ଶ୍ରେୟାସ ଆୟାର, ମନୀଷ ପାଣ୍ଡେ, ହାର୍ଦ୍ଦିକ ପାଣ୍ଡ୍ୟା, ସଞ୍ଜୁ ସାମସନ (ଉଇକେଟକିପର), ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, ଯୁଜବେନ୍ଦ୍ର ଚହଲ, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସାମି, ନବଦୀପ ସଇନି, ଦୀପକ ଚହର ଓ ବରୁଣ ଚକ୍ରବର୍ତ୍ତୀ।

**ଦିନିକିଆ ଦଳ:** ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ଶୁବମନ ଗିଲ୍, ଲୋକେଶ ରାହୁଲ (ଉପ- ଅଧିନାୟକ ଓ ଉଇକେଟକିପର), ଶ୍ରେୟାସ ଆୟାର, ମନୀଷ ପାଣ୍ଡେ, ହାର୍ଦ୍ଦିକ ପାଣ୍ଡ୍ୟା, ମୟଙ୍କ ଅଗ୍ରୱାଲ, ରବୀନ୍ଦ୍ର ଜାଡେଜା, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସାମି, ନବଦୀପ ସଇନି, ଶାର୍ଦ୍ଦୁଳ ଠାକୁର।

**ଟେଷ୍ଟ ଦଳ:** ବିରାଟ କୋହଲି (ଅଧିନାୟକ), ମୟଙ୍କ ଅଗ୍ରୱାଲ, ପୃଥ୍ୱୀ ଶ, ଲୋକେଶ ରାହୁଲ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ, ହନୁମା ବିହାରୀ, ଶୁବମନ ଗିଲ, ଋଦ୍ଧିମାନ ଶାହା (ଉଇକେଟକିପର), ଋଷଭ ପନ୍ତ (ଉଇକେଟକିପର), ଯଶପ୍ରୀତ ବୁମ୍‌ରା, ମହମ୍ମଦ ସାମି, ଉମେଶ ଯାଦବ, ନବଦୀପ ସଇନି, କୁଲଦୀପ ଯାଦବ, ରବୀନ୍ଦ୍ର ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନ, ମହମ୍ମଦ ସିରାଜ।

ଏପର୍ଯ୍ୟନ୍ତ ୫୮ଟି ଏକଦିବସୀୟ ସିରିଜ ମଧ୍ୟରୁ ଅଷ୍ଟ୍ରେଲିଆ ୨୮ଟିରେ ବିଜୟୀ ହୋଇଥିବା ବେଳେ ଟିମ୍ ଇଣ୍ଡିଆ ୧୫ଟି ସିରିଜ ବିଜୟୀ ହୋଇଛି। ଗୋଟିଏ ସିରିଜ ଅମୀମାଂସିତ ରହିଛି ଏବଂ ଅନ୍ୟ ୧୬ଟି ସିରିଜ (ଟ୍ରାଇ ଆଙ୍ଗୁଲାର) କୁ ଅନ୍ୟ ଦଳ ଜିତିଛନ୍ତି। ଉଭୟ ଦେଶ ମଧ୍ୟରେ ଖେଳାଯାଇଥିବା ୧୪୫ଟି ମ୍ୟାଚ ମଧ୍ୟରୁ ୭୮ଟି ଅଷ୍ଟ୍ରେଲିଆ ଜିତିଥିବା ବେଳେ ୫୨ଟି ମ୍ୟାଚ ଟିମ୍ ଇଣ୍ଡିଆ ଜିତିଛି। ୧୦ଟି ମ୍ୟାଚକୁ କୌଣସି ଫଳାଫଳ ମିଳି ନ ଥିବା ବେଳେ ୫ଟି ମ୍ୟାଚ ବାତିଲ ହୋଇଛି।

ସେହିପରି ଟି୨୦ ସିରିଜ ୨୦୦୮ରୁ ଆରମ୍ଭ ହୋଇଥିଲା ଓ ପ୍ରଥମ ସିରିଜ ଭାରତ ଜିତିଥିବା ବେଳେ ୨୦୧୯ରେ ଖେଳାଯାଇଥିବା ସିରିଜ ଅଷ୍ଟ୍ରେଲିଆ ଜିତିଛି। ଉଭୟ ପକ୍ଷ ମଧ୍ୟରେ ୧୪ଟି ଦ୍ୱିପାକ୍ଷିକ ସିରିଜ ଖେଳାଯାଇଛି। ଟିମ୍ ଇଣ୍ଡିଆ ୪ଟି ଏବଂ ଅଷ୍ଟ୍ରେଲିଆ ୨ଟି ସିରିଜରେ ବିଜୟୀ ହୋଇଛି ଏବଂ ୮ଟି ସିରିଜ ଅନ୍ୟ ଦେଶ ଜିତିଛନ୍ତି। ମୋଟ ଖେଳାଯାଇଥିବା ୨୧ଟି ମ୍ୟାଚ ମଧ୍ୟରୁ ଟିମ୍ ଇଣ୍ଡିଆ ୧୧ଟି ଜିତିଥିବା ବେଳେ ଅଷ୍ଟ୍ରେଲିଆ ୮ଟି ମ୍ୟାଚ ଜିତିଛି। ଗୋଟିଏ ମ୍ୟାଚ ଡ୍ର'ରେ ସମାପ୍ତ ହୋଇଥିବା ବେଳେ ଗୋଟିଏ ମ୍ୟାଚ ବାତିଲ ହାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ସିରିଜ ପାଇଁ ଟିମ୍ ଇଣ୍ଡିଆର ଚୟନକର୍ତ୍ତା ବିଭିନ୍ନ ଫର୍ମାଟ ପାଇଁ ଯୁବ ଏବଂ ଅଭିଜ୍ଞ ଖେଳାଳିଙ୍କୁ ସୁଯୋଗ ଦେଇଛନ୍ତି। ନବଦୀପ ସାଇନୀ, ଦୀପକ ଚହର, ବରୁନ ଚକ୍ରବର୍ତ୍ତୀ, ଶୁଭମ ଗିଲ୍, ଶ୍ରେୟସ ଆୟର, ମନୀଷ ପାଣ୍ଡେ, ମୟଙ୍କ ଅଗ୍ରୱାଲ, ମହମ୍ମଦ ସିରାଜ, ପୃଥୀ ଶ'ଙ୍କ ଭଳି ଯୁବ ଖେଳାଳି ଦଳ ଅଭିଜ୍ଞ ଖେଳାଳିମାନଙ୍କୁ ଉପଯୁକ୍ତ ସହାୟତା ଦେଲେ ଟିମ୍ ଇଣ୍ଡିଆ ସମସ୍ତ ଫର୍ମାଟରେ ଭଲ କରିବ। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ସିରିଜ ଉପରେ ସମସ୍ତ କ୍ରିକେଟ୍ ଖେଳୁଥିବା ଦେଶର ନଜର ରହିବ।

## ମ୍ୟାନେଜ



ରୁଡି କର୍ଜନଙ୍କୁ ପଛରେ ପକାଇ
ପାକ୍‌ର ଆଲିମ-ଦାର
ଦୁଇଶ' ଦଶତମ ଦିନିକିଆ ମ୍ୟାଚ୍
ମ୍ୟାନେଜ କରିକି ହିରୋ
ଜାମାଇକା ବକ୍‌ନର
ଟେଷ୍ଟ ମ୍ୟାଚ୍ ପରିଚାଳନାରେ ପଛ
ଅଛି ଦାର ଜ୍ୟାଦା ଦର।୧।

ଆଥଲେଟିକ୍ସ ଫେଡେରେଶନ
ଅଫ୍ ଇଣ୍ଡିଆ
ଥାର୍ଡ ଟାଇମ ସଭାପତି
ସୁମରିୱାଲା ନିର୍ବାଚିତ ଏଠି ବିନା
ପ୍ରତିଦ୍ୱନ୍ଦ୍ୱିତାରେ ମାତି
ସନଦୀପ ଥିଲା ପ୍ରାର୍ଥୀ
ପରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କଲା
ସୁନ୍ଦର ମ୍ୟାନେଜ ସାଥୀ।୨।

ହାଇଦ୍ରାବାଦର ଟିକି ପୁଅ ଏସ୍. ଗି
ଶଙ୍କର ଦେଖ
ରୁବିକ୍ସ କ୍ୟୁବ ଖେଳ ସମାଧାନ କରି
ରଖିଛି ରାଇଜ ଟେକ
ସ୍କେଟିଂରେ ରଖେ ଲକ୍ଷ୍ୟ
ପ୍ୟାରେଣ୍ଟ ମ୍ୟାନେଜ ଶୃଙ୍ଖଳା ରହିଲେ
ସେ ଫ୍ୟାମିଲି ରହେ ସୁଖୀ।୩।

-ସୁବାସ ଚନ୍ଦ୍ର ପ୍ରଧାନ

# ହାଇଦ୍ରାବାଦ-ବାଙ୍ଗାଲୋର ଏଲିମିନେଟର ଟକ୍କର

ଆବୁଧାବି, ୫।୧୧(ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଚଳିତ ୧୩ତମ ସଂସ୍କରଣ ଏବେ ପ୍ଲେ-ଅଫ୍ ପର୍ଯ୍ୟାୟରେ ପହଞ୍ଚିଛି। ସ୍ଥାନୀୟ ଶେଖ ଜାଏଦ ଷ୍ଟାଡିୟମରେ ଶୁକ୍ରବାର ଏଲିମିନେଟର ଖେଳାଯିବ। ଏହି ନିର୍ଣ୍ଣାୟକ ମୁକାବିଲାରେ ଡେଭିଡ ୱାର୍ନରଙ୍କ ସନରାଇଜର୍ସ ହାଇଦ୍ରାବାଦ୍ ଓ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପରସ୍ପରକୁ ଭେଟିବେ। ବିଜୟୀ ଦଳ ଦ୍ୱିତୀୟ କ୍ୱାଲିଫାୟର-୨ରେ କ୍ୱାଲିଫାୟର-୧ର ପରାଜିତ ଦଳକୁ ଭେଟିବ।

କ୍ରମାଗତ କେତୋଟି ମ୍ୟାଚ୍ ଜିତିଥିବାରୁ ହାଇଦ୍ରାବାଦ ଦଳ ଆତ୍ମବିଶ୍ୱାସରେ ଭରପୂର ରହିଛି। ଦଳ ସହିତ ମୁମେଣ୍ଟମ ମଧ୍ୟ ରହିଛି। ଟୁର୍ନାମେଣ୍ଟ ଆରମ୍ଭରେ ହାଇଦ୍ରାବାଦ ସେତେଟା ଭଲ ପ୍ରଦର୍ଶନ କରି ନ ଥିଲେ ମଧ୍ୟ ସେକେଣ୍ଡ ଲେଗ୍‌ରେ ଜବରଦସ୍ତ ପ୍ରଦର୍ଶନ କରିଥିଲା ଓ ଠିକ୍ ସମୟରେ ଲୟକୁ ଫେରି କେତୋଟି ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରି ପଏଣ୍ଟ ତାଲିକାର ତୃତୀୟ ସ୍ଥାନରେ ରହିବା ସହ ପ୍ଲେ- ଅଫ୍‌ରେ ପ୍ରବେଶ କରିଥିଲା। ଅନ୍ୟପଟେ ବାଙ୍ଗାଲୋର ଭଲ ସ୍ଥିତିରେ ଥିଲେ ମଧ୍ୟ କ୍ରମାଗତ ୪ଟି ପରାଜୟ ବରଣ କରି ତାଲିକାର ଚତୁର୍ଥ ସ୍ଥାନରେ ରହି ପ୍ଲେ- ଅଫ୍‌କୁ କ୍ୱାଲିଫାଏ କରିଥିଲା। ଅନ୍ୟପଟେ ହାଇଦ୍ରାବାଦ ହ୍ୟାଟ୍ରିକ୍ ବିଜୟ ହାସଲ କରି ପଏଣ୍ଟ ତାଲିକାରେ କୋହଲିଙ୍କ ଦଳକୁ ପଛରେ ପକାଇଥିଲା। ହାଇଦ୍ରାବାଦ ତା'ର ଅନ୍ତିମ ୩ଟି ମ୍ୟାଚ୍‌ରେ କ୍ୱାଲିଫାଏ କରିଥିବା ୩ ଦଳ ଦିଲ୍ଲୀ କ୍ୟାପିଟାଲ୍ସ, ବାଙ୍ଗାଲୋର ଓ ଟେବୁଲ ଟପ୍ପର ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରି ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରିଥିଲା। ଅନ୍ତିମ କର ବା ମର ମ୍ୟାଚ୍‌ରେ ହାଇଦ୍ରାବାଦ ୧୦ ଉଇକେଟରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଥିଲା। ତେଣୁ ହାଇଦ୍ରାବାଦର ଆତ୍ମବିଶ୍ୱାସ ଆକାଶଛୁଆଁ ରହିଛି। ଦଳର ଏହି ସଫଳତା ପଛରେ ଓପନିଂ ଯୋଡି ଡେଭିଡ୍ ୱାର୍ନର ଓ ଋଦ୍ଧିମାନ ଶାହାଙ୍କ ଯଥେଷ୍ଟ ଭୂମିକା ରହିଛି। ଦିଲ୍ଲୀ ବିପକ୍ଷରେ ଏହି ଯୋଡି ୧୦୭ ଓ ମୁମ୍ବାଇ ବିପକ୍ଷରେ ୧୫୧ ରନର ପାର୍ଟନରଶିପ୍ ସ୍ଥାପନ କରିଥିଲେ। ଟୁର୍ନାମେଣ୍ଟରେ ୱାର୍ନର ୧୪ଟି ମ୍ୟାଚ୍ ଖେଳି ୫୨୯ ରନ ସଂଗ୍ରହ କରି ଦ୍ୱିତୀୟ ସର୍ବାଧିକ ସ୍କୋରର ସାବ୍ୟସ୍ତ ହୋଇଛନ୍ତି। ସେହିପରି ଋଦ୍ଧିମାନ ୩ଟି ମ୍ୟାଚ୍ ଖେଳି ୧୮୪ ରନ ସଂଗ୍ରହ କରିଛନ୍ତି। ୧୧ଟି ମ୍ୟାଚ୍‌ରେ ଋଦ୍ଧିମାନଙ୍କୁ ନ ଖେଳାଇ ବେଞ୍ଚ୍‌ରେ ବସାଇବା ଟିମ୍ ମ୍ୟାନେଜମେଣ୍ଟର ଭୁଲଥିଲା ବୋଲି କୁହାଯାଇପାରେ। ୱାର୍ନର ଓ ଋଦ୍ଧିମାନଙ୍କ ଭଳି ମନୀଷ ପାଣ୍ଡେ, କେନ୍ ୱିଲିୟମସନ, ପ୍ରିୟମ ଗର୍ଗ ଓ ଜାସନ ହୋଲ୍ଡର ମଧ୍ୟ ଆଶାନୁରୂପ ପ୍ରଦର୍ଶନ କରିଛନ୍ତି।

ବୋଲିଂରେ ମଧ୍ୟ ହାଇଦ୍ରାବାଦ ବୋଲର ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି। ସନ୍ଦୀପ ଶର୍ମା, ଜାସନ ହୋଲ୍ଡର, ଶାହାବାଜ ନଦିମ, ଟି. ନଟରାଜନ ଓ ରସିଦ ଖାନ୍ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି। ପାୱାର ପ୍ଲେରେ ସନ୍ଦୀପ ଓ ଡେଥ୍ ଓଭରରେ ନଟରାଜନ ଭଲ ପ୍ରଦର୍ଶନ କରିଛନ୍ତି। ସେହିପରି ମିଡିଲ ଓଭରରେ ତାରକା ସ୍ପିନର ରସିଦ୍ ସ୍ଥିର ପ୍ରଦର୍ଶନ କରିଛନ୍ତି। ହୋଲ୍ଡର ଓ ନଦିମ ଦଳରେ ସନ୍ତୁଳନ ଆଣିବାରେ ସମର୍ଥ ହୋଇଛନ୍ତି।

ଅପରପକ୍ଷରେ ବାଙ୍ଗାଲୋର ପୂର୍ବ ତ୍ରୁଟି ଦୋହରାଇବାକୁ ଚାହିଁବ ନାହିଁ। କାରଣ ଏହା ମହଙ୍ଗା ସାବ୍ୟସ୍ତ ହେବ ବୋଲି ଉଭୟ ଅଧିନାୟକ କୋହଲି ଓ ଦଳର ଅନ୍ୟ ସଦସ୍ୟମାନେ ଅବଗତ ଥିବେ। କ୍ରମାଗତ ୪ଟି ମ୍ୟାଚ୍‌ରେ ପରାଜୟ ବରଣ କରିବା ପରେ ବାଙ୍ଗାଲୋରର ଆତ୍ମବିଶ୍ୱାସ ଦୋହଲି ଯାଇଛି। କିନ୍ତୁ ଅତୀତର ଭୁଲକୁ ନେଇ ତର୍ଜମା କରିବା ଏବେ ଠିକ୍ ହେବ ନାହିଁ ବୋଲି କୋହଲି ଭଲଭାବେ ବୁଝିଥିବେ। ଆଇପିଏଲ୍ ଟାଇଟଲ ହାସଲ କରିବାକୁ ହେଲେ ଏବେ କ୍ରମାଗତ ୩ଟି ବିଜୟ ହାସଲ କରିବାକୁ ହେବ ଓ ସେଥିପାଇଁ ଠିକ୍ ରଣନୀତି ପ୍ରସ୍ତୁତି ଉପରେ ସେ ଗୁରୁତ୍ୱ ଦେବେ ବୋଲି ଆଶା କରାଯାଉଛି। କିନ୍ତୁ ବାଙ୍ଗାଲୋର ଏବେ ଲୟରେ ଥିବାପରି ମନେ ହେଉନାହିଁ। ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ଗତ ମ୍ୟାଚ୍‌ରେ ତାରକା ଖଚିତ ବାଙ୍ଗାଲୋରର ଟପ୍ ଅର୍ଡର ସାଂଘାତିକ ଭାବେ ଫେଲ୍ ମାରିଥିଲା। ଆରୋନ ଫିଞ୍ଚ୍‌ଙ୍କ ସ୍ଥାନରେ ଜୋଶ ଫିଲିପ୍ ଇନିଂସ ଓପନ କରି ଭଲ ପ୍ରଦର୍ଶନ କରିଛନ୍ତି। ତେବେ ସେ ଭଲ ଆରମ୍ଭକୁ ବଡ଼ ସ୍କୋରରେ ପରିଣତ କରିବାରେ ବିଫଳ ହୋଇଛନ୍ତି। ତେଣୁ ଏହି ମ୍ୟାଚ୍‌ରେ ଫିଞ୍ଚ୍‌ଙ୍କୁ କୋହଲି ସୁଯୋଗ ଦେଇ ପାରନ୍ତି। ଯୁବ ଓପନର ଦେବଦତ୍ତ ପଡିକାଲ ଟୁର୍ନାମେଣ୍ଟରେ ପଞ୍ଚମ ଅର୍ଦ୍ଧଶତକ ହାସଲ କରି ଟପ୍ ଅର୍ଡରରେ ସ୍ଥିର ପ୍ରଦର୍ଶନ କରିଛନ୍ତି। କୋହଲି ମଧ୍ୟ ସ୍ଥିର ପ୍ରଦର୍ଶନ କରିବାକୁ ପ୍ରୟାସ କରିବେ। ତାଙ୍କ ଷ୍ଟ୍ରାଇକ୍‌ରେଟ୍‌କୁ ନେଇ ଆଲୋଚନା ହେଉଛି। ଏହି ବଡ଼ ମ୍ୟାଚରେ କୋହଲି ଓ ଅଭିଜ୍ଞ ଏବି ଡି'ଭିଲର୍ସ ଅଧିକ ଦାୟିତ୍ୱସମ୍ପନ୍ନ ହୋଇ ଖେଳିବାର ଆବଶ୍ୟକତା ରହିଛି। ସେହିପରି କ୍ରିସ୍ ମୋରିସ, ଶିବମ ଦୁବେ ଓ ୱାଶିଂଟନ ସୁନ୍ଦର ମଧ୍ୟ ଭଲ ବ୍ୟାଟିଂ କରିବା ଜରୁରୀ ହୋଇପଡିଛି। ଗତ ମ୍ୟାଚ୍ ଖେଳି ନ ଥିବା ଦ୍ରୁତ ବୋଲର ନବଦୀପ ସଇନି ପ୍ରତ୍ୟାବର୍ତ୍ତନ କରିବେ। ସେ ମହମ୍ମଦ ସିରାଜ, ଇସୁରୁ ଉଡାନା ଓ ମୋରିସ୍‌ଙ୍କ ବୋଲିଂର ଦାୟିତ୍ୱ ନେବେ। ସେହିପରି ଯୁଜବେନ୍ଦ୍ର ଚହଲ ଓ ସୁନ୍ଦର ସ୍ପିନ୍ ବୋଲିଂ ଦାୟିତ୍ୱରେ ରହିବେ।

**ଆଇପିଏଲ୍**
(ଶୁକ୍ରବାର ମ୍ୟାଚ୍)
**ଏଲିମିନେଟର**
**ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବନାମ ସନ୍‌ରାଇଜର୍ସ ହାଇଦ୍ରାବାଦ**
**ସ୍ଥାନ:** ଆବୁଧାବି, **ସମୟ:** ରାତି ୭ଟା ୩୦
**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ



ଅଭ୍ୟାସ ଅବସରରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ଏବି ଡି'ଭିଲର୍ସ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ଶୁକ୍ରବାର, ନଭେମ୍ବର ୬/୨୦୨୦ Friday, November 6/ 2020

# ଦିଲ୍ଲୀକୁ ହରାଇ ମୁମ୍ବାଇ ଫାଇନାଲରେ

**ଦୁବାଇ, ୫।୧୧**

ସୂର୍ଯ୍ୟକୁମାର ଯାଦବ ଓ ଇଶାନ କିଶନଙ୍କ ଦ୍ରୁତ ଅର୍ଦ୍ଧଶତକ ଏବଂ ଟ୍ରେଣ୍ଟ ବୋଲ୍ଟ ଓ ଯଶପ୍ରୀତ୍ ବୁମ୍‌ରାଙ୍କ ଘାତକ ବୋଲିଂ ସହାୟତାରେ ମୁମ୍ବାଇ ଇଣ୍ଡିଆନ୍ସ ଗୁରୁବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର କ୍ୱାଲିଫାୟର-୧ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୫୭ ରନରେ ପରାସ୍ତ କରିଛି। ଫଳରେ ମୁମ୍ବାଇ ୬ଷ୍ଠ ଥରପାଇଁ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ୨୦ ଓଭରରେ ୫ ଉଇକେଟ ହରାଇ ୨୦୦ ରନ କରିଥିଲା। ଜବାବରେ ଦିଲ୍ଲୀ ୨୦ ଓଭରରେ ୮ ଉଇକେଟ ହରାଇ ୧୪୩ ରନ କରିବାକୁ ସକ୍ଷମ ହୋଇଥିଲା। ଶୁକ୍ରବାର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଏଲିମିନେଟର ମ୍ୟାଚ ଅନୁଷ୍ଠିତ ହେବ। ଏହି ମ୍ୟାଚର ବିଜେତା ସହିତ ଦିଲ୍ଲୀ ଆସନ୍ତା ୮ ତାରିଖରେ କ୍ୱାଲିଫାୟର-୨ ଖେଳିବ। ମୁମ୍ବାଇ ଓ କ୍ୱାଲିଫାୟର-୨ର ବିଜେତା ମଧ୍ୟରେ ୧୦ ତାରିଖରେ ଫାଇନାଲ ଅନୁଷ୍ଠିତ ହେବ।

**ଆଇପିଏଲ୍ କ୍ୱାଲିଫାୟର-୧**

ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଦିଲ୍ଲୀ ଅଧିନାୟକ ଶ୍ରେୟାସ ଆୟାର ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ମୁମ୍ବାଇ ଓପନର କ୍ୱିଣ୍ଟନ ଡି'କକ୍ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲେ। ତେବେ ଆହତ ସମସ୍ୟାରୁ ଫେରିଥିବା ଅଧିନାୟକ ରୋହିତ ଶର୍ମା ଖାତା ଖୋଲିବା ପୂର୍ବରୁ ରବିଚନ୍ଦ୍ରନ ଅଶ୍ୱିନଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ହୋଇଥିଲେ। ଡି'କକ୍ ଓ ସୂର୍ଯ୍ୟକୁମାର ଯାଦବ ଆକ୍ରମଣାତ୍ମକ ଆଭିମୁଖ୍ୟ ଜାରି ରଖିବାରୁ ପାୱାରପ୍ଲେ ୬ ଓଭରରେ ମୁମ୍ବାଇ ୬୩ ରନ ସଂଗ୍ରହ କରିନେଇଥିଲା। ଦ୍ୱିତୀୟ ଉଇକେଟରେ ୬୨ ରନର ଭାଗୀଦାରି ପରେ ଅଶ୍ୱିନଙ୍କ ଦ୍ୱିତୀୟ ଶିକାର ହୋଇଥିଲେ ଡି'କକ୍। ସେ ୨୫ ବଲ୍‌ରୁ ୪୦(୫ ଚୌକା, ୧ ଛକା) ରନ କରିଥିଲେ। ଫର୍ମରେ ଥିବା ସୂର୍ଯ୍ୟକୁମାର ଯାଦବ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ହାସଲ କରିଥିଲେ ଅର୍ଦ୍ଧଶତକ। ସେ ୩୮ ବଲ୍‌ରୁ ୫୧ (୬ ଚୌକା, ୨ ଛକା) ରନ କରିଥିଲେ। ହାର୍ଡ ହିଟର କିରନ ପୋଲାର୍ଡଙ୍କୁ ଖାତା ଖୋଲିବା ପୂର୍ବରୁ ତୃତୀୟ ଶିକାର ବନାଇ ଅଶ୍ୱିନ ପାଇଥିଲେ ବଡ଼ ସଫଳତା। କୃନାଲ ପାଣ୍ଡ୍ୟା ୧୩ ରନରେ ଆଉଟ ହୋଇଥିଲେ ହେଁ ଚାପର ବଶବର୍ତ୍ତୀ ନ ହୋଇ ଇଶାନ କିଶନ ଓ ହାର୍ଦ୍ଦିକ ପାଣ୍ଡ୍ୟା ଶେଷ ଭାଗରେ ବିସ୍ଫୋରକ ବ୍ୟାଟିଂ କରି ମୁମ୍ବାଇ ସ୍କୋରକୁ ୨୦୦ରେ ପହଞ୍ଚାଇ ଦେଇଥିଲେ। ଶେଷ ୩ ଓଭରରୁ ଦୁହେଁ ୫୫ ରନ ସଂଗ୍ରହ କରିଥିଲେ। କିଶନ ୩୦ ବଲ୍‌ରୁ ୪ ଚୌକା ଓ ୩ ଛକା ସହ ୫୫ ଏବଂ ହାର୍ଦ୍ଦିକ ୧୪ ବଲ୍‌ରୁ ୫ ଛକା ସହାୟତାରେ ୩୭ ରନକରି ଅପରାଜିତ ରହିଥିଲେ। ଦିଲ୍ଲୀ ବୋଲରଙ୍କ ମଧ୍ୟରେ ରବିଚନ୍ଦ୍ରନ ଅଶ୍ୱିନ ୩ଟି ଏବଂ ଏନରିଚ୍ ନର୍ଜେ ଓ ମାର୍କସ ଷ୍ଟୋଇନିସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ବାପାଙ୍କ ଦେହାନ୍ତ ଯୋଗୁ ମୋହିତ ଶର୍ମା କ୍ୱାଲିଫାୟର-୧ ମ୍ୟାଚ ପୂର୍ବରୁ ଘରକୁ ଫେରିଛନ୍ତି। ତାଙ୍କ ବାପାଙ୍କ ପ୍ରତି ସମ୍ମାନ ଜଣାଇ ଦିଲ୍ଲୀ ଦଳର ଖେଳାଳିମାନେ କଳା ଆର୍ମବ୍ୟାଣ୍ଡ ପିନ୍ଧି ଏହି ମ୍ୟାଚ ଖେଳିଥିଲେ।

ବଡ଼ ସ୍କୋରର ପିଛା କରିଥିବା କ୍ୟାପିଟାଲ୍ସ କୌଣସି ରନ ହେବା ପୂର୍ବରୁ ୩ ବ୍ୟାଟ୍ସମ୍ୟାନ ପୃଥ୍ୱୀ ଶ'(୦), ଅଜିଙ୍କ୍ୟ ରାହାନେ(୦) ଓ ଶିଖର ଧାୱନ(୦)ଙ୍କ ଉଇକେଟ ହରାଇ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା। ଦୁଇ ପେସର ଟ୍ରେଣ୍ଟ ବୋଲ୍ଟ ଓ ଯଶପ୍ରୀତ୍ ବୁମ୍‌ରା ଘାତକ ବୋଲିଂ କରି ଦିଲ୍ଲୀର ବିପର୍ଯ୍ୟୟ ଘଟାଇଥିଲେ। ବୋଲ୍ଟ ପ୍ରଥମ ଓଭରରେ ୨ଟି ଉଇକେଟ ନେଇଯାଇଥିଲେ। ଚାପର ମୁକାବିଲା କରି ନ ପାରି ଅଧିନାୟକ ଶ୍ରେୟାୟ ଆୟାର (୧୨) ଓ ରିଷଭ ପନ୍ତ(୩) ମଧ୍ୟ ଶୀଘ୍ର ପ୍ୟାଭିଲିୟନ ଫେରିଥିଲେ। ଫଳରେ ୭.୫ ଓଭର ବେଳକୁ ଦିଲ୍ଲୀ ସ୍କୋର ୪୧/୫ ହୋଇଯାଇଥିଲା। ମାର୍କସ ଷ୍ଟୋଇନିସ ୬୫(୪୬ ବଲ, ୬ ଚୌକା, ୩ ଛକା) ଓ ଅକ୍ଷର ପଟେଲ ୪୨(୩୩ ବଲ, ୨ ଚୌକା, ୩ ଛକା) ରନ କରିବାରୁ ଦିଲ୍ଲୀ ସ୍କୋର ୧୪୩ରେ ପହଞ୍ଚି ପାରିଥିଲା। ମୁମ୍ବାଇ ପକ୍ଷରୁ ଯଶପ୍ରୀତ ବୁମ୍‌ରା ସର୍ବାଧିକ ୪ଟି, ଟ୍ରେଣ୍ଟ ବୋଲ୍ଟ ୨ଟି ଏବଂ କୃନାଲ ପାଣ୍ଡ୍ୟା ଓ କିରନ ପୋଲାର୍ଡ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୨୦୦/୫ (କିଶନ-୫୫*, ସୂର୍ଯ୍ୟକୁମାର-୫୧, ଡି'କକ୍-୪୦, ହାର୍ଦ୍ଦିକ-୩୭*, ଅଶ୍ୱିନ-୩/୨୯, ଷ୍ଟୋଇନିସ-୧/୫, ନର୍ଜେ-୧/୫୦)। ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୪୩/୮ (ଷ୍ଟୋଇନିସ-୬୫, ଅକ୍ଷର-୪୨, ବୁମ୍‌ରା-୪/୧୪, ବୋଲ୍ଟ-୨/୯, କୃନାଲ-୧/୨୨, ପୋଲାର୍ଡ-୧/୩୬)



ଆଇପିଏଲ୍ ଟ୍ରଫି ସହ ଦୁଇ ଦଳର ଅଧିନାୟକ ରୋହିତ ଶର୍ମା ଓ ଶ୍ରେୟାସ୍ ଆୟାର।

# ଟ୍ରେଲବ୍ଲେଜର୍ସର ସହଜ ବିଜୟ

**ଶାରଜା, ୫।୧୧**

ମହିଳା ଟି୨୦ ଚ୍ୟାଲେଞ୍ଜ କ୍ରିକେଟ ପ୍ରତିଯୋଗିତାର ପ୍ରଥମ ମ୍ୟାଚରେ ସୁପରନୋଭାସକୁ ୫ ଉଇକେଟରେ ହରାଇଥିବା ଭେଲୋସିଟି ଗୁରୁବାର ଦ୍ୱିତୀୟ ମ୍ୟାଚରେ ଟ୍ରେଲବ୍ଲେଜର୍ସଠାରୁ ଶୋଚନୀୟ ପରାଜୟ ବରଣ କରିଛି। କେବଳ ସେତିକି ନୁହେଁ ମାତ୍ର ୪୭ ରନରେ ଅଲଆଉଟ ହୋଇଥିବାରୁ ଭେଲୋସିଟିର ରନହାର ମଧ୍ୟ କମିଯାଇଛି। ଅନ୍ୟପକ୍ଷରେ ସହଜ ବିଜୟ ସହ ଟ୍ରେଲ୍‌ବ୍ଲେଜର୍ସ ଫାଇନାଲ ଖେଳିବା ଆଶା ଉଜ୍ଜୀବିତ କରିଛି। ବିଜୟ ଲକ୍ଷ୍ୟକୁ ସ୍ମୃତି ମାନ୍ଧାନାଙ୍କ ଦଳ ୭.୫ ଓଭରରେ

**ମହିଳା ଟି୨୦ ଚ୍ୟାଲେଞ୍ଜ**

ମାତ୍ର ୧ ଉଇକେଟ ହରାଇ ଅତିକ୍ରମ କରି ଯାଇଥିଲା। ଅଧିନାୟିକା ସ୍ମୃତି ୬ ରନ କରି ଆଉଟ ହୋଇଥିବାବେଳେ ଡିଣ୍ଡ୍ରା ଡୋଟିନ ୨୯ ଓ ରିଚା ଘୋଷ ୧୩ ରନରେ ଅପରାଜିତ ରହିଥିଲେ। ଭେଲୋସିଟିର ଲେଗ୍ କାସ୍ପେରେକ୍ ଏକମାତ୍ର ଉଇକେଟ ପାଇଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭେଲୋସିଟି ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୫.୧ ଓଭରରେ ୪୭ ରନରେ ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଶେଫାଳି ବର୍ମା ସର୍ବାଧିକ ୧୩ ରନ କରିଥିବାବେଳେ ଅଧିନାୟିକା ମିଥାଲି ରାଜଙ୍କ ସମେତ ୮ ଜଣ ବ୍ୟାଟ୍ସଓମ୍ୟାନ ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଇଂଲଣ୍ଡ ସ୍ପିନର ସୋଫି ଏକ୍‌ଲେଷ୍ଟୋନ୍ ଚମତ୍କାର ବୋଲିଂ କରି ୩.୧ ଓଭରରେ ଗୋଟିଏ ମେଡେନ ନେବାସହ ମାତ୍ର ୯ ରନ ଦେଇ ୪ଟି ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଝୁଲଣ ଗୋସ୍ୱାମୀ ଓ ରାଜେଶ୍ୱରୀ ଗାଏକ୍ୱାଡ୍ ୨ଟି ଲେଖାଏ ଏବଂ ଦୀପ୍ତି ଶର୍ମା ଗୋଟିଏ ଉଇକେଟ ନେଇଥିଲେ। ଭେଲୋସିଟି ପକ୍ଷରୁ ଓଡ଼ିଶାର ସୁଶ୍ରୀ ଦିବ୍ୟଦର୍ଶିନୀ ଏହି ମ୍ୟାଚରେ ପ୍ରତିନିଧିତ୍ୱ କରିଥିଲେ। ବ୍ୟାଟିଂ ସମୟରେ ସେ ମାତ୍ର ଗୋଟିଏ ବଲ୍ ଖେଳି ଗାଏକ୍ୱାଡ୍‌ଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ହୋଇ ଯାଇଥିବାବେଳେ ବୋଲିଂରେ ୧ ଓଭର ବୋଲିଂ ସୁଯୋଗ ପାଇ ୯ ରନ ବ୍ୟୟ କରିଥିଲେ। ପ୍ରଭାବୀ ବୋଲିଂ ପାଇଁ ଏକ୍‌ଲେଷ୍ଟୋନ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭେଲୋସିଟି ୧୫.୧ ଓଭରରେ ୪୭/ଅଲଆଉଟ(ଶେଫାଳି-୧୩, ଏକ୍‌ଲେଷ୍ଟୋନ୍-୪/୯, ଝୁଲଣ-୨/୧୩, ଗାଏକ୍ୱାଡ-୨/୧୩, ଦୀପ୍ତି-୧/୮)। ଟ୍ରେଲବ୍ଲେଜର୍ସ ୭.୫ ଓଭରରେ ୪୯/୧(ଡୋଟିନ-୨୯*, ରିଚା-୧୩*, କାସ୍ପେରେକ୍-୧/୫)।



ପ୍ଲେୟର ଅଫ୍ ଦି ମ୍ୟାଚ୍ ସୋଫି ଏକ୍‌ଲେଷ୍ଟୋନ୍।

# ଆଇପିଏଲ୍ ଫାଇନାଲରେ ଓସିଏ ପକ୍ଷରୁ ପ୍ରତିନିଧିତ୍ୱ କରିବେ ବିକାଶ

**ଭୁବନେଶ୍ୱର, ୫।୧୧(କ୍ରୀଡ଼ା ପ୍ରତିନିଧି)**

ଇଣ୍ଡିଆନ ପ୍ରିମିୟର ଲିଗ୍( ଆଇପିଏଲ)ର ଫାଇନାଲ ଚଳିତ ମାସ ୧୦ ତାରିଖରେ ଅନୁଷ୍ଠିତ ହେବ। ଏହି ମେଗା ମ୍ୟାଚରେ ପ୍ରତିନିଧିତ୍ୱ କରିବା ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)କୁ ଆମନ୍ତ୍ରଣ କରାଯାଇଥିଲା। ଓସିଏ ସମ୍ପାଦକ ସଞ୍ଜୟ ବେହେରା ଏଥିପାଇଁ କୋଷାଧ୍ୟକ୍ଷ ବିକାଶ ପ୍ରଧାନଙ୍କୁ ମନୋନୀତ କରିଛନ୍ତି। ଫଳରେ ଫାଇନାଲ ଦେଖିବା ପାଇଁ ବିକାଶ ଦୁବାଇ ଯାତ୍ରା କରିବେ। ଏପରି ଏକ ସୁଯୋଗ ପାଇଥିବାରୁ ବିକାଶ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ଓ ଅନ୍ୟ କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# କୋଭିଡ୍ ପ୍ରଭାବ: ପ୍ରୋ ଲିଗ୍ ମ୍ୟାଚ୍ ସ୍ଥଗିତ ରଖିଲା ଏଫ୍‌ଆଇଏଚ୍

**ଲାଉସାନେ, ୫।୧୧ (ପି.ଟି.)**

କୋଭିଡ୍ ଯୋଗୁ ପ୍ରତିଯୋଗିତାରେ ଭାଗ ନେବାକୁଥିବା ଦେଶରେ ଗସ୍ତ କଟକଣା ଫଳରେ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ଆଗକୁ ଖେଳାଯିବାକୁ ଥିବା ଏହାର ଦୁଇଟି ପ୍ରୋ ଲିଗ୍ ମ୍ୟାଚ୍‌କୁ ସ୍ଥଗିତ ରଖିଛି। ରବିବାର ବ୍ରିଟେନ ଓ ଜର୍ମାନୀ ମଧ୍ୟରେ ପୁରୁଷ ବିଭାଗ ମ୍ୟାଚ ଖେଳାଯିବା କାର୍ଯ୍ୟକ୍ରମ ରହିଥିଲା। ସେହିପରି ଆସନ୍ତା ବର୍ଷ ଜାନୁୟାରୀରେ ମହିଳା ବିଭାଗର ଏକ ମ୍ୟାଚ୍‌ରେ ଚାଇନା ଓ ବେଲଜିୟମ ପରସ୍ପରକୁ ଭେଟିବା କାର୍ଯ୍ୟକ୍ରମ ରହିଥିଲା। କୋଭିଡ୍ ଯୋଗୁ ସମଗ୍ର ବିଶ୍ୱରେ ସ୍ୱାସ୍ଥ୍ୟ ସଙ୍କଟ ଦେଖାଦେଇଛି। ଜର୍ମାନୀ, ବେଲଜିୟମ ଓ ଚାଇନାରେ ସ୍ଥାନୀୟ ସରକାରଙ୍କ ତରଫରୁ ବିଭିନ୍ନ କଟକଣା ଜାରି କରାଯାଇଛି। ଭ୍ରମଣକାରୀ ଦଳଗୁଡ଼ିକର ଅନୁରୋଧ କ୍ରମେ ଏହି ମ୍ୟାଚ ଦୁଇଟି ସ୍ଥଗିତ ରଖାଯାଇଥିବା ଏଫ୍‌ଆଇଏଚ୍ ସିଇଓ ଥିଏରୀ ୱେଇଲ୍ ପ୍ରକାଶ କରିଛନ୍ତି। ଯେତେଶୀଘ୍ର ବିଶ୍ୱରେ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବ ଅଂଶୀଦାରମାନଙ୍କ ସହ ଆଲୋଚନା କରି ସ୍ଥଗିତ ରହିଥିବା ମ୍ୟାଚଗୁଡ଼ିକ ପାଇଁ ନୂଆ ତାରିଖ ଧାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି। ବିଶ୍ୱର ଶ୍ରେଷ୍ଠ ମହିଳା ଓ ପୁରୁଷ ଅନ୍ତର୍ଜାତୀୟ ଦଳଗୁଡ଼ିକୁ ନେଇ ଅନୁଷ୍ଠିତ ହେଉଥିବା ବାର୍ଷିକ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍‌ର ଦ୍ୱିତୀୟ ସିଜନ ଜାନୁୟାରୀରେ ଆରମ୍ଭ ହୋଇଥିଲା।

# ନାଡାଲଙ୍କ ୧,୦୦୦ତମ ବିଜୟ



ରାଫାଲ ନାଡାଲ

**ପ୍ୟାରିସ, ୫।୧୧(ଏପି)**–ମହାନ୍ ଟେନିସ ଖେଳାଳି ରାଫାଲ ନାଡାଲଙ୍କ ମ୍ୟାଚ ବିଜୟ ହାସଲ ସଂଖ୍ୟା ୧,୦୦୦ରେ ପହଞ୍ଚିଛି। ପ୍ୟାରିସ ମାଷ୍ଟର୍ସ ଟେନିସ ଟୁର୍ନାମେଣ୍ଟରେ ବୁଧବାର ଫେଲିସିଆନୋ ଲୋପେଜଙ୍କୁ ୪-୬, ୭-୬ (୫), ୬-୪ ସେଟ୍‌ରେ ପରାସ୍ତ କରିବା ପରେ ସେ ଏହି ମାଇଲଖୁଣ୍ଟ ହାସଲ କରିଛନ୍ତି। କୋଭିଡ୍ କଟକଣା ଯୋଗୁ ସେତେବେଳେ ୨୦,୦୦୦ ଆସନ କ୍ଷମତାବିଶିଷ୍ଟ ଷ୍ଟାଡିୟମରେ ସେତେବେଳେ ଜଣେ ହେଲେ ଦର୍ଶକ ତାଙ୍କୁ ଉତ୍ସାହିତ କରିବା ଲାଗି ଉପସ୍ଥିତ ନ ଥିଲେ। ୧୯୬୮ରେ ଓପନ୍ ଯୁଗ ଆରମ୍ଭ ହେବା ପରଠାରୁ ୧,୦୦୦ କିମ୍ବା ତା'ଠାରୁ ଅଧିକ ମ୍ୟାଚ ଜିତବା ଗୌରବ ହାସଲ କରିଥିବା ଅନ୍ୟ ପୁରୁଷ ଖେଳାଳିମାନେ ହେଲେ ଜିମି କନର୍ସ (୧,୨୭୪), ରୋଜର ଫେଡରର (୧,୨୪୨) ଏବଂ ଇଭାନ ଲେଣ୍ଡଲ (୧,୦୬୮। ଷ୍ଟାଡିୟମରେ ଦର୍ଶକ ନ ଥିବାରୁ ଏହି ସଫଳତାର ମଜା ସେ ଯଦିଓ ଉପଭୋଗ କରିପାରି ନ ଥିଲେ ଏହି ସଂଖ୍ୟା ହାସଲ କରିବା ତାଙ୍କ ପାଇଁ ସ୍ୱତନ୍ତ୍ର ଥିଲା ବୋଲି ନାଡାଲ କହିଛନ୍ତି। ଚଳିତ ବର୍ଷ ନାଡାଲ ପ୍ୟାରିସ୍‌ରେ ତାଙ୍କ ଦ୍ୱିତୀୟ ମାଇଲଖୁଣ୍ଟ ହାସଲ କରିଥିଲେ। ଗତ ମାସରେ ରୋଲାଣ୍ଡ ଗ୍ୟାରୋସଠାରେ ସେ ଫ୍ରେଞ୍ଚ ଓପନ ଜିତିବା ଦ୍ୱାରା ୨୦ ଗ୍ରାଣ୍ଡସ୍ଲାମ ବିଜୟରେ ରୋଜର ଫେଡରରଙ୍କ ରେକର୍ଡର ସମକକ୍ଷ ହୋଇ ପାରିଥିଲେ। କିନ୍ତୁ ସେତେବେଳେ ତାଙ୍କୁ ଉତ୍ସାହିତ କରିବା ଲାଗି ଷ୍ଟାଡିୟମରେ ୧,୦୦୦ ଦର୍ଶକ ଉପସ୍ଥିତ ଥିଲେ। ବର୍ସି ଆରେନାଠାରେ କିନ୍ତୁ ଜଣେ ହେଲେ ଦର୍ଶକଙ୍କୁ ଦେଖିବାକୁ ମିଳି ନ ଥିଲା।

# ବୋପାନ୍ନା-ମାରାଚ୍ କ୍ୱାର୍ଟରଫାଇନାଲରେ

**ପ୍ୟାରିସ, ୫।୧୧ (ପି.ଟି.)**–ଏଠାରେ ଚାଲିଥିବା ପ୍ୟାରିସ ମାଷ୍ଟର୍ସ ଟୁର୍ନାମେଣ୍ଟ ପୁରୁଷ ଡବଲ୍ସ ଦ୍ୱିତୀୟ ରାଉଣ୍ଡରେ ୯ମ ସିଡ୍ ଫ୍ୟାବ୍ରିସ୍ ମାର୍ଟିନ ଏବଂ ଜିନ୍-ଜୁଲିଏନ୍ ରୋଜରଙ୍କ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରି ଭାରତର ରୋହନ ବୋପାନ୍ନା ଓ ତାଙ୍କ ପାର୍ଟନର ଅଷ୍ଟ୍ରିଆର ଅଲିଭର ମାରାଚ୍ କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଅଣସିଡ୍ ଇଣ୍ଡୋ-ଅଷ୍ଟ୍ରିଆନ ଯୋଡ଼ି ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୩-୬, ୬-୪, ୧୦-୮ ସେଟ୍‌ରେ ହରାଇ ଦେଇଛନ୍ତି। ଏହି ଯୋଡ଼ି ଶୁକ୍ରବାର କ୍ୱାର୍ଟରଫାଇନାଲରେ ୮ମ ସିଡ୍ ଯୋଡ଼ି ଏଡୋଆର୍ଡ ରୋଜର ଭେସ୍‌ଲିନ୍ ଏବଂ ଜର୍ଜେନ ମେଲଜରଙ୍କୁ ଭେଟିବେ। ବୋପାନ୍ନା ଓ ମାରାଚ ସର୍ବୀୟ ଯୋଡ଼ି ଡୁସାନ ଲାଜୋଭିଚ୍ ଓ ନିକୋଲା କାସିଚ୍‌ଙ୍କୁ ୭-୫, ୭-୬ ସେଟ୍‌ରେ ପରାସ୍ତ କରି ପ୍ରି-କ୍ୱାର୍ଟରରେ ପ୍ରବେଶ କରିଥିଲେ।

# ୩୨ତମ ଜନ୍ମଦିନ ପାଳିଲେ କୋହଲି



କେକ୍ କାଟିବା ଅବସରରେ ବିରାଟ କୋହଲି।

**ନୂଆଦିଲ୍ଲୀ,୫।୧୧:** ଭାରତୀୟ କ୍ରିକେଟ ସୁପରଷ୍ଟାର ବିରାଟ କୋହଲି ଗୁରୁବାର ତାଙ୍କର ୩୨ତମ ଜନ୍ମଦିନ ପାଳନ କରିଛନ୍ତି। ଏହି ଅବସରରେ ତାଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିଛି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳୁଥିବାରୁ ସେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଜନ୍ମଦିନ ପାଳନ କରିଛନ୍ତି। ସ୍ତ୍ରୀ ତଥା ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଦଳର ସଦସ୍ୟମାନେ ଦୁବାଇରେ ଏହି ଅବସରରେ ଉପସ୍ଥିତ ଥିଲେ। ବାର୍ଥ ଡେ ପାର୍ଟିରେ ସମସ୍ତେ ଜବରଦସ୍ତ ମୌଜମସ୍ତି କରିଥିଲେ। କେକ୍ କାଟିବାପରେ ଅନୁଷ୍କାଙ୍କୁ ସେ ଆଲିଙ୍ଗନ କରିଥିଲେ। କୋହଲିଙ୍କ ମୁହଁରେ ଏହି ଅବସରରେ ଅତିମାତ୍ରାରେ କେକ୍ ବୋଳିଥିଲେ ସାଥୀ ଖେଳାଳିମାନେ। ଫଳରେ ତାଙ୍କୁ ଚିହ୍ନିବା କଷ୍ଟକର ହୋଇଥିଲା। ଏବି ଡି'ଭିଲର୍ସଙ୍କ ମୁହଁରେ ମଧ୍ୟ କେକ୍ ବୋଳିଥିଲେ ଖେଳାଳିମାନେ। କୋହଲି ଏହି ପାର୍ଟିର ପୂରା ମଜା ନେଇଥିଲେ। ବାଙ୍ଗାଲୋର ଦଳର ସାଥୀ ଖେଳାଳିମାନେ ଏହି ଅବସରରେ ସେଲ୍ଫି ମଧ୍ୟ ନେଇଥିଲେ। ଜନ୍ମଦିନ ପାଳନର ଭିଡିଓ ଇଣ୍ଟରନେଟ୍‌ରେ ଭାଇରାଲ ହୋଇଛି। ବିଭିନ୍ନ ଫ୍ୟାନ କ୍ଲବ ଏହି ଭିଡିଓ ଅତିମାତ୍ରାରେ ଶେୟାର କରିଛନ୍ତି। ଅନୁଷ୍କା ପ୍ରଥମେ ତାଙ୍କୁ କେକ୍ ଖୁଆଇଥିଲେ ଓ କୋହଲି ମଧ୍ୟ ତାଙ୍କୁ ଖୁଆଇଥିଲେ।

ଆଇସିସି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଫ୍ରାଞ୍ଚାଇଜ୍ ତରଫରୁ କୋହଲିଙ୍କୁ ଏହି ଅବସରରେ ଅଭିନନ୍ଦନ ଜ୍ଞାପନ କରାଯାଇଛି। ମାଷ୍ଟର୍ ବ୍ଲାଷ୍ଟର ସଚିନ ତେନ୍ଦୁଲକର, କ୍ରିସ୍ ଗେଲ, ଡି'ଭିଲର୍ସ, ମହମ୍ମଦ ସାମି, ରିଦ୍ଧିମାନ ଶାହା, ଭିଭିଏସ୍ ଲକ୍ଷ୍ମଣ, ସୁରେଶ ରାଇନା, ଅନିଲ କୁମ୍ବଲେଙ୍କ ଭଳି କ୍ରିକେଟର ଟୁଇଟ୍ କରି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବ୍ୟାଡ୍‌ମିଣ୍ଟନ ତାରକା କିଦାମ୍ବୀ ଶ୍ରୀକାନ୍ତ, ତାରକା ରେସଲର ସୁଶୀଲ କୁମାର ମଧ୍ୟ ତାଙ୍କୁ ଜନ୍ମଦିନ ପାଇଁ ବଧେଇ ଜଣାଇଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ